୬ ରାଜସ୍ଥାନକୁ ହରାଇ ପ୍ଲେଅଫ ନିକଟତର ହେଲା ଚେନ୍ନାଇ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ସମ୍ବାଦ କଳିକା
E-mail : sambadkalikanews@gmail.com
The Sambad Kalika
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ-୩୧ ● ସଂଖ୍ୟା-୧୦୫ ● ୧୩ ମଇ ୨୦୨୪, ସୋମବାର ● ଭୁବନେଶ୍ୱର ● Vol -31 ● Issue-105 ● 13th May 2024, Monday ● Bhubaneswar
Licensed to post without pre-payment of postage No- BN-60/22-24

# ଆଜି ଭୋଟ୍ : ୪ ଲୋକସଭା ଓ ୨୮ ବିଧାନସଭା ଆସନରେ ହେବ ମତଦାନ

ଭୁବନେଶ୍ୱର, ୧୨/୦୫
ନ୍ୟୁଜ ବ୍ୟୁରୋ



ରାତି ପାହିଲେ ଓଡ଼ିଶାରେ ଗଣତନ୍ତ୍ରର ମହାପର୍ବ ନିର୍ବାଚନ। ଦେଶରେ ଚତୁର୍ଥ ଓ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ମତଦାନ। ସୋମବାର ଭୋଟ୍ ଦେବେ ରାଜ୍ୟର ୪ ଲୋକସଭା ଓ ଏହା ଅନ୍ତର୍ଗତ ୨୮ ବିଧାନସଭା ଆସନର ଭୋଟର। କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ଲୋକସଭା ଆସନ ଏବଂ ଏହା ଅଧୀନରେ ଆସୁଥିବା ସମସ୍ତ ବିଧାନସଭା ସିଟ୍‌ରେ ମତଦାନ ଲାଗି ସରିଛି ସବୁ ପ୍ରକାର ପ୍ରସ୍ତୁତି। ଏଥିପାଇଁ ନିର୍ବାଚନ କମିଶନ୍ ତଥା ଜିଲ୍ଲା ଓ ପୁଲିସ ପ୍ରଶାସନ ପକ୍ଷରୁ ସବୁ ପ୍ରସ୍ତୁତି ସରିଛି। ସମସ୍ତ ଦୁର୍ଗମ ଅଞ୍ଚଳରେ ପହଞ୍ଚି ସାରିଛନ୍ତି ପୋଲିଂ ପାର୍ଟି। କଡ଼ା ସୁରକ୍ଷା ଲାଗି ମୁତୟନ ହୋଇଛନ୍ତି ୧୭ ହଜାର ପୁଲିସ୍ ଫୋର୍ସ। ନୂଆପଡ଼ା ଜିଲ୍ଲାର ସୁନାବେଡ଼ା ଅଞ୍ଚଳରେ ଥିବା ୫ଟି ବୁଥ୍‌କୁ ରବିବାର ବାୟୁସେନାର ହେଲିକପ୍ଟର ଯୋଗେ ଯାଇଛନ୍ତି ପୋଲିଂ କର୍ମଚାରୀ। ସେହିପରି ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ୍ ସ୍ୱାଭିମାନ ଅଞ୍ଚଳର ଅଧିକାଂଶ ବୁଥ୍‌ରେ ଶନିବାର ଠାରୁ ପୋଲିଂ ପାର୍ଟି ପହଞ୍ଚି ସାରିଥିବା ବି ଦୁର୍ଗମ ଯନ୍ତ୍ରୀ ଓ ସନ୍ନ୍ୟାସୀଗୁଡ଼ାକୁ ରବିବାର ମୋଟର ଲଞ୍ଚ୍ ଯୋଗେ ଯାତ୍ରା କରିଛନ୍ତି ନିର୍ବାଚନ ଦାୟିତ୍ୱରେ ଥିବା କର୍ମଚାରୀ। ସେହିଭଳି କଳାହାଣ୍ଡିର ଭବାନୀପାଟଣା, ଧର୍ମଗଡ଼, ଗଜପତିର ମୋହନା, ରାୟଗଡ଼ାର ନିୟମଗିରି ଭଳି ଦୁର୍ଗମ, ସୀମାନ୍ତ ଓ ଉପାନ୍ତ ଅଞ୍ଚଳରେ ମଧ୍ୟ ପହଞ୍ଚି ସାରିଛନ୍ତି ପୋଲିଂ ଅଧିକାରୀ। ସୋମବାର ସକାଳ ୭ଟାରୁ ମତଦାନ ଆରମ୍ଭ ଲାଗି ବୁଥ୍ ଭିତରେ ସବୁ ପ୍ରକାର ଆନୁସଙ୍ଗିକ କାର୍ଯ୍ୟରେ ଲାଗି ପଡ଼ିଛନ୍ତି ପୋଲିଂ କର୍ମଚାରୀ। ପ୍ରଥମ ପର୍ଯ୍ୟାୟ ଭୋଟ୍ ଲାଗି ୮ଟି ଜିଲ୍ଲାରେ ମୋଟ୍ ୭ ହଜାର ୨୯୮ ପୋଲିଂ ବୁଥ୍‌ର ବ୍ୟବସ୍ଥା ହୋଇଛି। ତା' ଭିତରୁ ୫୩୭ଟି ବୁଥ୍ ନକ୍ସଲ ପ୍ରଭାବିତ ଅଞ୍ଚଳରେ ରହିଛି। ସୀମାନ୍ତ ଜିଲ୍ଲାଗୁଡ଼ିକରେ ଭୋଟ୍ ପଡ଼ିବାକୁ ଥିବାରୁ ଏଥିଲାଗି କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ୧୭ ହଜାର ପୋଲିସ ଫୋର୍ସ, ୧୦୪ କମ୍ପାନୀ ଅର୍ଦ୍ଧସାମରିକ *(ପୃଷ୍ଠା ୭ରେ)*



ଭୁବନେଶ୍ୱର : ବିଶ୍ୱ ମାତୃ ଦିବସ ଅବସରରେ 'ସମ୍ବାଦ କଳିକା'ର ସମ୍ପାଦକ ଜୟାଶୀଷ ରାୟ ମାତା ତଥା 'କଥା କଳିକା'ର ମୁଖ୍ୟ ସମ୍ପାଦିକା ଓ ବିଶିଷ୍ଟ ଅନୁବାଦିକା ଶ୍ରୀମତୀ ସୁପ୍ରଭା ରାୟଙ୍କ ଠାରୁ ଆଶୀର୍ବାଦ ନେଉଛନ୍ତି।

## ୫ ସହରରେ କାଳବୈଶାଖୀ ବର୍ଷା ୪୦° ଉପରେ ୯ ସହର

ଭୁବନେଶ୍ୱର, ୧୨/୦୫
ନ୍ୟୁଜ ବ୍ୟୁରୋ

କାଳବୈଶାଖୀ ଜନିତ ବର୍ଷା ରାଜ୍ୟର ବିଭିନ୍ନ ସ୍ଥାନରେ ଲାଗି ରହିଛି। ରବିବାର ବାଲେଶ୍ୱରରେ ସର୍ବାଧିକ ୩୪.୪ମିମି ବର୍ଷା ହୋଇଛି। ଏହା ସହିତ ନୟାଗଡ଼ରେ ୯ମିମି ବର୍ଷା ହୋଇଥିବା ବେଳେ ତାଳଚେରରେ ୬ ମିମି ଓ ଦାରିଙ୍ଗିବାଡ଼ିରେ ୪ମିମି ବର୍ଷା ରେକର୍ଡ କରାଯାଇଛି। ଶନିବାର ରାତି ସୁଦ୍ଧା କେନ୍ଦ୍ରାପଡ଼ାର ରାଜନଗର ଠାରେ ସର୍ବାଧିକ ୧୦୧ମିମି ବର୍ଷା ରେକର୍ଡ କରାଯାଇଛି। କାଳବୈଶାଖୀ ପ୍ରଭାବରେ ସୋମବାର ମଧ୍ୟ କେତେକ ସ୍ଥାନରେ ବର୍ଷା ଜାରି *(ପୃଷ୍ଠା ୭ରେ)*

## ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କୁ ପୁଣି ଟାର୍ଗେଟ୍ କଲେ ପାଣ୍ଡିଆନ୍

ଭୁବନେଶ୍ୱର, ୧୨/୦୫
ନ୍ୟୁଜ ବ୍ୟୁରୋ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବରଗଡ଼ ଆସିଥିଲେ। ବହୁତ ବଡ଼ବଡ଼ କଥା କହିକି ଗଲେ। ହେଲେ ସମ୍ବଲପୁରୀ, କୋଶଳୀ ଭାଷାକୁ ସମ୍ବିଧାନର ୮ମ ଅନୁଚ୍ଛେଦରେ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ୫ ବର୍ଷ ହେଲା ପ୍ରସ୍ତାବ ପଠାଇଥିଲେ ବି ବିଜେପି ସରକାର କ'ଣ କଲା ବୋଲି ରବିବାର ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍ ପ୍ରଶ୍ନ କରିଛନ୍ତି। ବରଗଡ଼ରେ ଶ୍ରୀ ପାଣ୍ଡିଆନ କହିଛନ୍ତି, ଏହି ଅଞ୍ଚଳର ଜୀବନଧାରା ହେଉଛି ମହାନଦୀ ପାଣି। ଯେତେବେଳେ ଛତିଶଗଡ଼ରେ ବିଜେପି ସରକାର ଥିଲା, କେନ୍ଦ୍ରରେ ବିଜେପି ସରକାର ଥିଲା। ସେତେବେଳେ ଦୁଇ ଜଣ ମିଶି ଓଡ଼ିଶା ବିରୋଧରେ କାମ କଲେ। ମହାନଦୀ ଉପରେ ବେଆଇନ୍ ଭାବେ ଆଡ଼ିବନ୍ଧ ଆଉ ଡ୍ୟାମ ନିର୍ମାଣ କଲେ। ସିଡବ୍ଲ୍ୟୁସି ମଧ୍ୟ ଛତିଶଗଡ଼କୁ ସହଯୋଗ କଲେ। କେନ୍ଦ୍ରମନ୍ତ୍ରୀ ମଧ୍ୟ ଛତିଶଗଡ଼କୁ ସପୋର୍ଟ କଲେ। ହେଲେ ମୁଖ୍ୟମନ୍ତ୍ରୀ ସୁପ୍ରିମକୋର୍ଟ ଗଲେ, ସୁପ୍ରିମକୋର୍ଟ ଯାଇ ମହାନଦୀ ଟ୍ରିବ୍ୟୁନାଲ ଇନଷ୍ଟିଚ୍ୟୁଟ୍ କରାଗଲା। ତା'ପରେ ଛତିଶଗଡ଼ର ଡ୍ୟାମ ବନ୍ଦ କରାଗଲା।

ଅନ୍ୟପଟେ ପ୍ରଧାନମନ୍ତ୍ରୀ କହିଲେ ଧାନର ରେଟ୍ ବୃଦ୍ଧି କରିବେ । ହେଲେ ୧୦ ବର୍ଷ ଶୋଇଥିଲେ କି ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ପାଣ୍ଡିଆନ୍। ନିର୍ବାଚନ ସମୟରେ ଚାଷୀର କଥା ମନେ ପଡିଲାନି କି ? ଚାଷୀମାନେ ନୂଆଦିଲ୍ଲୀରେ ଆନ୍ଦୋଳନ *(ପୃଷ୍ଠା ୭ରେ)*

## ବିରୋଧୀ ମିଛ କହୁଛନ୍ତି, ବିଜେପିର ନେତା କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି : ମୁଖ୍ୟମନ୍ତ୍ରୀ

କଣ୍ଟାବାଞ୍ଜି , ୧୨/୦୫
ନ୍ୟୁଜ ବ୍ୟୁରୋ

ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିର ବଙ୍ଗୋମୁଣ୍ଡାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଚାର କରିଛନ୍ତି। ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା ସହ ନବୀନ କହିଛନ୍ତି, ମୁଁ କଣ୍ଟାବାଞ୍ଜିରୁ ବିଧାୟକ ପ୍ରାର୍ଥୀ ହୋଇଛି ଆପଣ ମାନେ ଖୁସି ତ । ରାଜ୍ୟ ସରକାର କରିଥିବା ବିଭିନ୍ନ ଯୋଜନା ଭଲ କି ନାହିଁ ପଚାରିବା ସହ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଅପିଲ କରିଥିଲେ ନବୀନ । ଏହାସହ ଜନସଭାରେ ନବୀନ ବିରୋଧୀ ମିଛ କଥା କହି କୁମ୍ଭୀର କାନ୍ଦଣା କାନ୍ଦୁଥିବା କହିଛନ୍ତି । ଉଦ୍‌ବୋଧନ ଆରମ୍ଭ କରି ରାଜ୍ୟ ସକାରଙ୍କ ବିଭିନ୍ନ ଯୋଜନାର ନାଁ ନେଇଥିଲେ ମୁଖ୍ୟମନ୍ତ୍ରୀ । ଯାହାକୁ ଶୁଣି, ମଞ୍ଚ ସ୍ଥଳ ଗୁଞ୍ଜରିତ ହୋଇଉଠିଥିଲା । ଏସବୁ ଯୋଜନା ଭଲ କି ବୋଲି ମୁଖ୍ୟମନ୍ତ୍ରୀ ଜନତାଙ୍କୁ ପଚାରିଥିଲେ । ଉତ୍ତରରେ ବଙ୍ଗୋମୁଣ୍ଡା ସଭା ସ୍ଥଳ ପ୍ରକମ୍ପିତ ହୋଇଥିଲା । ଏହାପରେ ନବୀନ ପଟ୍ଟନାୟକ ଭଲ କି ଓ ବିଜେଡି ଭଲ କି ବୋଲି ନବୀନ ପଚାରିଥିଲେ । ଏହି ସମୟରେ ଅଳ୍ପ ଭାଷଣରେ ବିରୋଧୀଙ୍କୁ କଡ଼ା ସମାଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ । ବିଜେପି ଓ ଏହି ଦଳର ନେତାଙ୍କୁ ଟାର୍ଗେଟ କରିଥିଲେ ନବୀନ । ବିଜେପି ନେତା ମିଛ କହୁଥିବା କହିଛନ୍ତି ନବୀନ । ସେମାନେ ଜନତାଙ୍କ ଆଗରେ କୁମ୍ଭୀର କାନ୍ଦଣା କାନ୍ଦୁ ଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଅବସରରେ



ବିଜେଡିର ମାଗଣା ବିଜୁଳି ପ୍ରତିଶ୍ରୁତି କଥା ମନେ ପକାଇ ଦେଇଥିଲେ ନବୀନ । ଲୋକଙ୍କୁ ମାଗଣାରେ ବିଜୁଳି ମିଳିବା ନେଇ ଖୁସି ତ ବୋଲି ଜନତାଙ୍କୁ ପ୍ରଶ୍ନ କରିଥିଲେ ମୁଖ୍ୟମନ୍ତ୍ରୀ। ଏହାପରେ ଜୁଲାଇ ମାସରୁ ବିଜୁଳି ମାଫ୍ ବୋଲି କହିଥିଲେ ।

## ପୁଣି ୨୦ରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଭୁବନେଶ୍ୱର, ୧୨/୦୫
ନ୍ୟୁଜ ବ୍ୟୁରୋ



ପୁଣି ଆସନ୍ତା ୨୦ ତାରିଖରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏନେଇ ବିଜେପି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି ପୁରୀ, କଟକ ଓ ଅନୁଗୁଳରେ ଜନସଭାକୁ ସମ୍ବୋଧିତ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହାଛଡ଼ା ପ୍ରଧାନମନ୍ତ୍ରୀ ପୁରୀରେ ଏକ ବିଶାଳ ରୋଡ୍ ସୋ' ମଧ୍ୟ କରିବେ। ଏଣେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆଗାମୀ ୧୫ ତାରିଖରେ ଓଡ଼ିଶାରେ ନିର୍ବାଚନ ପ୍ରଚାର କରିବାକୁ ଆସୁଥିବା ଜଣାଯାଇଛି। ସେ ରାଉରକେଲା, ସୋରଡ଼ା ଓ କଣ୍ଟାବାଞ୍ଜିରେ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ। ଏଣେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡା ଓଡ଼ିଶା ଆସିବେ। ସେ ହିଞ୍ଜିଳି, ସୁନ୍ଦରଗଡ଼ ଓ ପଦ୍ମପୁର ଗସ୍ତ କରି ନିର୍ବାଚନ ପ୍ରଚାର କରି ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ମାଗିବେ।

## ପିଓକେ ଭାରତର ଅଂଶ ଏବଂ ଆମେ ଏହାକୁ ଅଧିକାର କରିବୁ : ଅମିତ ଶାହା



କୌଶାମ୍ବି, ୧୨/୦୫

ଗୋଟିଏ ପଟେ ପାକିସ୍ତାନ କବଳରୁ ମୁକ୍ତିପାଇବା ପାଇଁ ପିଓକେ (ପାକ୍ ଅଧିକୃତ କଶ୍ମୀର)ର ଜନସାଧାରଣ ପ୍ରବଳ ଆନ୍ଦୋଳନ ଚଳାଇଥିବାବେଳେ ଭାରତର ଗୃହମନ୍ତ୍ରୀ ଅମିତ ଶାହା ଏକ ବଡ଼ ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ଭାରତର ଅଂଶ ଏବଂ ଆମେ ଏହାକୁ ଅଧିକାର କରିବୁ । ଅମିତ ଶାହ ଉତ୍ତରପ୍ରଦେଶର କୌଶାମ୍ବିରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି କଂଗ୍ରେସକୁ କଡ଼ା ସମାଲୋଚନା କରିଛନ୍ତି। ଅମିତ ଶାହା କହିଛନ୍ତି ଯେ କଂଗ୍ରେସ ଚାହୁଁଛି ଯେ ଆମେ ପାକିସ୍ତାନକୁ ସମ୍ମାନ ଦେବା ଉଚିତ୍, କିନ୍ତୁ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ଭାରତର ଅଂଶ ଏବଂ ଆମେ ଏହାକୁ ପ୍ରତ୍ୟାହାର କରିବୁ। ପିଓକେକୁ ଫେରାଇ ନିଆଯିବା ଉଚିତ ନୁହେଁ କି ? କଂଗ୍ରେସ ବର୍ଷ ବର୍ଷ ଧରି କଶ୍ମୀରକୁ ଏକ ବେଆଇନ ଶିଶୁ ପରି ରଖିଥିଲା, କିନ୍ତୁ ଆମେ ଧାରା ୩୭୦ ଉଚ୍ଛେଦ କରିଥିଲୁ, ସେଠାରେ ଆତଙ୍କବାଦର ଅନ୍ତ କରିଥିଲୁ ଏବଂ ଆମର ସୀମାକୁ ସୁରକ୍ଷିତ କରିଥିଲୁ । ଏପରିକି ଜଣେ ଶିଶୁ ମଧ୍ୟ ଖୁସିରେ କଶ୍ମୀର ପାଇଁ ଜୀବନ ଦେଇଦେବ। ସୂଚନାଯୋଗ୍ୟ ଯେ ପାକିସ୍ତାନଠାରୁ ମୁକ୍ତି ପାଇବା ପାଇଁ ଓ ସେଠାକାର ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ପିଓକେର ଲୋକମାନେ ଏକ ବଡ଼ ଧରଣର ଆନ୍ଦୋଳନ ଆରମ୍ଭ କରିଛନ୍ତି । ସେଥିରେ ୯୦ରୁ ଅଧିକ ଲୋକ ଆହତ ହୋଇଛନ୍ତି ଓ ଜଣେ ପୁଲିସ କର୍ମୀ ନିହତ ହୋଇଛନ୍ତି ।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ଏକାଳ ପକ୍ଷାଳ



ପ୍ରଥମ ଭୋଟ୍ ପଡ଼ିବ ଆଜି
ଆଗ୍ରହୀ ସବୁ ଭୋଟର
ବୁଝିସୁଝି ସବୁ ମତଦାନ ଦେବ
ନଶୁଣି ପଟର ପଟର
ଏ ଗଣତନ୍ତ୍ର ମହାପର୍ବ ମ୍ୟାଟର
ମୁହଁ ନୁହେଁ କାମ ଦେଖି କି
ନେତା ବାଛ ସବୁ ବେଟର।

## ଅନ୍ୟ ନେତାଙ୍କ ଠାରୁ ଓଡ଼ିଶାରେ ନବୀନଙ୍କୁ ଭଲପାଇବା ସବୁଠୁ ଅଧିକ



ଭୁବନେଶ୍ୱର, ୧୨/୦୫
ନ୍ୟୁଜ ବ୍ୟୁରୋ

ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ରାଜ୍ୟବାସୀଙ୍କର ବିଶେଷ କରି ସାଧାରଣ ଗରିବ ଜନତାଙ୍କର ଯେତିକି ଭଲ ପାଇବା ରହିଛି ତାହାକୁ କଳନା କରାଯାଇ ପାରିବ ନାହିଁ। ନବୀନଙ୍କୁ ଓଡ଼ିଶାର ଲୋକେ କେବଳ ଭଲ ପାଆନ୍ତି ନାହିଁ, ସ୍ନେହ ଶ୍ରଦ୍ଧା ଓ ସମ୍ମାନ ବି କରନ୍ତି। ସାଧାରଣରେ ନବୀନଙ୍କ ପ୍ରତି ଓଡ଼ିଶାରେ ଯେତିକି ଭଲ ପାଇବା ରହିଛି ତାହା ଅନ୍ୟ କେଉଁ ଦଳରେ କେଉଁ ନେତାଙ୍କ ଠାରେ ଦେଖିବାକୁ ମିଳେ ନାହିଁ। ୨୦୨୪ ସାଧାରଣ ନିର୍ବାଚନ ସମୟରେ ଚାଲିଥିବା ପ୍ରଚାର ବେଳେ ଏହାର ପ୍ରମାଣ ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏପର୍ଯ୍ୟନ୍ତ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଓଡ଼ିଶାର ଯେଉଁ ସବୁ ଅଞ୍ଚଳକୁ ଗସ୍ତ କରି ନିର୍ବାଚନ ପ୍ରଚାର କରିଛନ୍ତି, ପ୍ରାର୍ଥୀଙ୍କ ପାଇଁ ଆୟୋଜିତ ଜନସମାବେଶ ହେଉ କି ରୋଡ ସୋ'-ଶୋଭାଯାତ୍ରା ହେଉ ସବୁଠାରେ ନବୀନଙ୍କ ଲୋକପ୍ରିୟତା ଦେଖିବାକୁ ମିଳିଛି। ଲୋକେ ସ୍ୱତଃ ନବୀନଙ୍କ କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି। ସବୁ କାର୍ଯ୍ୟକ୍ରମରେ ଅସମ୍ଭାଳ ଭିଡ ପରିଲକ୍ଷିତ ହେଉଛି। ଏତିକି ନୁହେଁ ମହିଳା, ଯୁବପିଢ଼ି ଅଧିକ ସଂଖ୍ୟାରେ ନବୀନଙ୍କ ସଭାରେ ସାମିଲ ହେଉଛନ୍ତି। ଏହାର ମୁଖ୍ୟ କାରଣ ହେଲା ୫-ଟି ଅଧ୍ୟକ୍ଷ ତଥା ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ନିର୍ବାଚନ ଘୋଷଣା ପରଠାରୁ *(ପୃଷ୍ଠା ୭ରେ)*

KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

16th Among Indian Universities Ranked by NIRF, Govt. of India | A++ Grade Accredited by NAAC | Tier 1 Reaccredited by NBA All Engineering Programs for 6 Years | THE World University Rankings 2023: 301-400 Computer Science, 401-500 Engineering, 601-800 University Ranking | ABET ABET (US) Accreditation | IET

KIITEE 2024 PHASE-2
Apply Now
through KIIT Websites www.kiitee.ac.in/www.kiit.ac.in
No Examination Fee (Computer-Based Online Test)

B.Tech (4 Years) in following branches of Engineering :
- Civil, Electrical, Mechanical, Electronics & Telecommunication, Electronics & Computer Science, Electronics and Electrical, Aerospace, Mechatronics, Mechanical (Automobile), Chemical, Computer Science, Information Technology, Computer Science and System, Computer Science and Communication
- Electrical & Computer Engineering; Construction Technology; Electronics Engineering (Spl - VLSI Design and Technology); Computer Science & Engineering (Spl - Artificial Intelligence and Machine Learning | Artificial Intelligence | Cyber Security | Data Science | Internet of Things and Cyber Security Including Block Chain Technology | Internet of Things)

ACADEMIC PROGRAMMES AVAILABLE

Bachelor's Programmes
- B. Design (Automobile/ Graphic/Product) (4 Years)
- B.Tech & M.Tech Biotechnology (5 years)
- B. Arch. (5 years)
- B. Tech. ( Lateral Entry) (3 years)
- BCA (3 years)
- BBA (3 years)
- Bachelor of Design (Fashion / Textile) (4 years)
- Bachelor of Film & Television Production (3 years)
- BBA in Hospitality and Tourism (4 years)
- BA.LL.B / BBA LL.B / B.Sc. LL.B (5 years)
- Bachelor of Communication & Journalism (3 years)
- BA in Economics (Hons)(4 years)
- BA in Sociology (Hons)(4 years)
- BA in English (Hons)(4 years)
- B.A. in Psychology (Hons)(4 years)
- B.Com (Hons) (4 years)
- B.Sc. Computer Science (4 years)
- B.Sc. Nursing (4 years)
- B.Pharma (4 years)
- D.Pharma (2 Years)

Master's Programmes
- M.Tech. (2 years)
- LLM (1 year)
- MCA (2 years)
- M.Sc Biotechnology (2 years)
- M.Sc. Applied Microbiology (2 years)
- M. Arch (2 years)
- Int. M.Tech & Ph.D (5 years)
- Master of Communication & Journalism (2 years)
- Master in Yoga and Naturopathy (2 years)
- Master of Hospital Administration (2 years)
- Master of Public Health (2 years)
- MBA (2 years)
- MBA in Business Analytics (2 years)
- MBA in Operations & Supply Chain Management (2 years)
- MBA in Rural Management (2 years)
- Master of Library & Information Sciences (M.Lib.I.Sc) (2 Years)
- Master of Physical Education and Sports (MPES) (2 Years)
- MBA in Agribusiness Management (2 years)
- M. Design (Interior Design)(2 Years)
- M.Sc. Computer Science (2 years)
- MA in Economics (2 years)
- MA in Sociology (2 years)
- MA in English (2 years)
- MA in Psychology (2 years)
- MA in Public Policy (2 years)
- M.Com (2 years)
- M.Sc. in Physics / Chemistry / Mathematics with Data Science (2 years)
- M.Sc. Nursing (2 years)
- Ph.D

CAMPUS PLACEMENT 2023 HIGHLIGHTS
750+ Companies
6200+ Job Offers
₹63 LPA Highest Salary Offered
₹8.20 LPA Average CTC
2000+ Paid Internships

Director, Admissions : Admission Cell, Koel Campus, Po- KIIT, Bhubaneswar-751024, Odisha, India, Ph: 8080 735 735, Fax : 0674 - 2741465, Email: admission@kiit.ac.in, Website: www.kiitee.ac.in
KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.





# ପୋଲିସ ଅଧିନିୟମ ଧାରା ୩୦ ଅନୁଯାୟୀ କଟକ ଜିଲ୍ଲାରେ ନୋଟିସ୍ ଜାରି

**କଟକ, ନ୍ୟୁଜ୍‌ବ୍ୟୁରୋ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବିଭିନ୍ନ ରାଜନୈତିକ ଦଳ, ସେମାନଙ୍କ ଶ୍ରମିକ ସାମୁଖ୍ୟ/ଛାତ୍ରସଂଘ ଏବଂ ଅନ୍ୟାନ୍ୟ ଶ୍ରେଣୀ/ଗୋଷ୍ଠୀର ଲୋକମାନଙ୍କ ଦ୍ୱାରା ଶୋଭାଯାତ୍ରା ଓ ସାଧାରଣସଭା ଆଦି ସର୍ବସାଧାରଣ ସ୍ଥାନ/ସାହି ଏବଂ କଟକ ଜିଲ୍ଲାର ଅନ୍ୟାନ୍ୟ ସ୍ଥାନମାନଙ୍କରେ ସଂଗଠିତ କରିପାରନ୍ତି । ଏହି ଶୋଭାଯାତ୍ରା ଓ ସାଧାରଣସଭା ଗୁଡିକୁ ସର୍ବସାଧାରଣ ସ୍ଥାନରେ ନିୟନ୍ତ୍ରଣ କରିବା ନିମନ୍ତେ ପୋଲିସ ଅଧିନିୟମ ଧାରା ୩୦ ଅନୁଯାୟୀ ଜିଲ୍ଲାର ସମସ୍ତ ୨୧ଗୋଟି ପୋଲିସ ଥାନା ଯଥା- ସାଲେପୁର, ନିଶ୍ଚିନ୍ତକୋଇଲି, ନେମାଳ, ମାହାଙ୍ଗା, ଭଦ୍ରେଶ୍ୱର, କିଶନନଗର, ନିଆଳି, ଗୋବିନ୍ଦପୁର, ଓଲଟପୁର, ଟାଙ୍ଗୀ, ଗୁରୁଡିଝାଟିଆ, ଖୁଣ୍ଟୁଣୀ, ଆଠଗଡ଼, ତିଗିରିଆ, ବଡମ୍ବା, ମାଣିଆବନ୍ଧ, ନରସିଂହପୁର, ଯୋଡୁ , କାନପୁର, ବାଙ୍କୀ ଓ ବୈଦେଶ୍ୱର ପୋଲିସ ଥାନା ମଧ୍ୟରେ ଆଦେଶନାମା ଜାରି କରାଯାଇଛି । ଏଠାରେ ସୂଚୀତ କରାଯାଇପାରେ ଯେ, ତା୧୩.୦୫.୨୦୨୪ରିଖ ଠାରୁ ତା୧୦.୦୮.୨୦୨୪ରିଖ ମଧ୍ୟରେ ଯଦି କୌଣସି ରାଜନୈତିକ ସଂଗଠନ /ବ୍ୟକ୍ତି-ବିଶେଷ, ସାମୁହିକଭାବେ ଶୋଭା-ଯାତ୍ରା/ ଧାରଣା/ଅନିୟନ୍ତ୍ରିତ ଗହଳି ସଂଗଠିତ କରିବା ଓ ଏଥିଜନିତ ଶାନ୍ତିଭଙ୍ଗ ହେବାର ଆଶଙ୍କା ଥିଲେ ସେଥିନିମନ୍ତେ ସଂପୃକ୍ତ ଅଞ୍ଚଳ ଉପଖଣ୍ଡ ପୋଲିସ ଅଧିକାରୀ/ ଭରପ୍ରାପ୍ତ ପୋଲିସ ନିରୀକ୍ଷକ / ଭାରପ୍ରାପ୍ତ ପୋଲିସ ଅଧିକାରୀଙ୍କ ଠାରୁ ଧାରା ୩୦ ଅନୁଯାୟୀ ଅନୁମତି ପ୍ରାପ୍ତ କରିବାକୁ ହେବ ବୋଲି କଟକ ଜିଲ୍ଲା ପୋଲିସ ଆରକ୍ଷୀ ଅଧୀକ୍ଷକ ଆଦେଶନାମାରେ ପ୍ରକାଶ କରିଛନ୍ତି । ବିଶେଷ ଭାବରେ ସାଧାରଣସଭା କିମ୍ବା ଶୋଭାଯାତ୍ରା ସଂଗଠିତ କରିବା ନିମନ୍ତେ ଆବେଦନକାରୀ ମାର୍ଗ, ସମୟ, ସ୍ଥାନ ଓ ଉଦ୍ଦେଶ୍ୟ ଏବଂ ସ୍ବିକୃତ ବକ୍ତାମାନଙ୍କ ନାମ ସୂଚୀତ କରିବାକୁ ଆଦେଶନାମାରେ ନିର୍ଦ୍ଦେଶ ଦିଆଯାଇଛି ।ସେହିପରି ଶୋଭାଯାତ୍ରା କ୍ଷେତ୍ରରେ ଦରଖାସ୍ତଗୁଡିକ ଏହାର ଗନ୍ତବ୍ୟସ୍ଥଳ, ରହଣୀସ୍ଥାନ, ସମୟ, ଅଂଶଗ୍ରହଣକାରୀଙ୍କ ଆନୁମାନିକ ସଂଖ୍ୟା, ଯଦି ଡାକବାଜି ଯନ୍ତ୍ର ଓ ସଂଗୀତ ଯନ୍ତାଂଶର ଆବଶ୍ୟକ ଥାଏ, ତେବେ ଏହାର ସଂଖ୍ୟା ନିରୂପଣ ପୂର୍ବକ ଉଲ୍ଲେଖ କରିବା ଆବଶ୍ୟକ। ଏଥିସହ ଆବେଦନକାରୀ ଯଦି ଆତସବାଜି ପ୍ରଦର୍ଶନ କରିବାକୁ ଚାହୁଁଥାନ୍ତି ତେବେ ତାହା କେଉଁ ଶ୍ରେଣୀଭୁକ୍ତ ଏବଂ ଏହାର ନିର୍ଦ୍ଧାରିତ ସମୟ ଓ ପ୍ରଦର୍ଶନ ସ୍ଥାନ ସୂଚୀତ କରିବାର ଆବଶ୍ୟକତା ରହିଛି ବୋଲି ଆଦେଶନାମାରେ ଉଲ୍ଲେଖ କରାଯାଇଛି । ବିଜ୍ଞପ୍ତି ମୁତାବକ, ଅନୁଜ୍ଞାପତ୍ର ପ୍ରାପ୍ତ ନିମନ୍ତେ ପ୍ରତ୍ୟେକ ଦରଖାସ୍ତ ସଂପୃକ୍ତ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ କାର୍ଯ୍ୟକ୍ରମ ସଂଗଠିତ ହେବାର ସର୍ବନିମ୍ନ ୩ଦିନ ପୂର୍ବରୁ ପହଞ୍ଚିବା ଆବଶ୍ୟକ। ଏଠାରେ ସୂଚୀତ କରାଯାଇପାରେ ଯେ, ଏହି ଆଦେଶନାମା ପୂର୍ବସୂଚୀତ ଅଞ୍ଚଳ ଗୁଡ଼ିକରେ ତା ୧୩.୦୫.୨୦୨୪ ରିଖ ଠାରୁ ତା୧୦.୦୮.୨୦୨୪ ରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଜଣାଯାଇଛି । ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ଏହି ଆଦେଶନାମା ସଂଖ୍ୟା ୧୦୩୧ / ନ୍ୟାୟିକ ତା୦୪ .୦୫ .୨୦୨୪ ରିଖରେ ଅନୁମୋଦନ ଲାଭ କରିଛି ବୋଲି କଟକ ଜିଲ୍ଲା ପୋଲିସ ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି ।

# ବିଜେଡ଼ିରେ ଯୋଗଦେଲେ ପୂର୍ବତନ ଛତ୍ରପୁର ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ କୁମାର କର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଛତ୍ରପୁର ନିର୍ବାଚନ ମଣ୍ଡଳୀର ୨୦୧୯ ସାଧାରଣ ନିର୍ବାଚନର ବିଜେପି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ କୁମାର କରଙ୍କ ସହ ଶତାଧିକ ବିଜେପି କର୍ମୀ ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଓ ଛତ୍ରପୁର ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ନାରାୟଣ ଜେନାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ପ୍ରଶାନ୍ତ କୁମାର କର ଓ ଶତାଧିକ ବିଜେପି କର୍ମୀଙ୍କୁ ଡକ୍ଟର ପାତ୍ର ଓ ଶ୍ରୀ ଜେନା ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର ଓ ଶ୍ରୀ ଜେନା କହିଥିଲେ । ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବିଜେପି ନେତା ପ୍ରଶାନ୍ତ କୁମାର କର ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଲି । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି । ଦଳରେ ମୋତେ ଓ ମୋ ସହ ଯୋଗ ଦେଇଥିବା ସମସ୍ତ ବିଜେପି କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ । ଏହି ମିଶ୍ରଣ ପର୍ବରେ ମାମି ଦାଶ, ସୁଦାମ ଜେନା, ଗୋକୁଳ ପ୍ରଧାନ, ପ୍ରମୋଦ ମହାରଣା, ସୀମାଞ୍ଚଳ ଦାଶ, ଅନାଥ ମହାରଣା, ସୁଦକ୍ଷା ମହାନ୍ତି, ଦଣ୍ଡପାଣି ବେହେରା, ଚିନ୍ତାମଣି ବେହେରା, ଚିତ୍ରସେନ ବେହେରା, ମଙ୍ଗୁଲୁ ପ୍ରଧାନ, ବିଳାଶ ନାହାକ, ଚନ୍ଦ୍ରମୋହନ ବେହେରା, ବସନ୍ତ ଦାଶ, କୁମାରୀ ବେହେରା, ପ୍ରକାଶ ନାୟକ, ସାବିତ୍ରୀରାଣୀ ପଟ୍ଟନାୟକ, ଭାସ୍କର ଦାସ, ବାଦଲ ବେହେରା, ନାରାୟଣ ବେହେରା, ସୁରେଶ ବେହେରା, ସରୋଜିନୀ ବେହେରାଙ୍କ ସହ ଶତାଧିକ ବିଜେପିକର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଡ଼ିଶୀ ନୃତ୍ୟଗୁରୁ ପର୍ଶୁରାମ ସେଠୀଙ୍କ ସ୍ମୃତି ଚାରଣ ସଭା

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଗୁରୁହିଁ ପଥ ପ୍ରଦର୍ଶକ। ସେ ଜ୍ଞାନର ଆଲୋକବର୍ତ୍ତୀକା ସାଜି ଏକ ଅଲୌକିକ ଗୁଣରେ ଦୀକ୍ଷାନ୍ତ କରାଇଥାନ୍ତି ନିଜର ଛାତ୍ରଛାତ୍ରୀ ମାନଙ୍କୁ । ସେ ଶିକ୍ଷା ଗୁରୁ ହୁଅନ୍ତୁ ଅଥବା ଦୀକ୍ଷା ଗୁରୁ କିନ୍ତୁ ଗୁରୁଙ୍କର ଭୂମିକା ଅନବଦ୍ୟ। ସେହିପରି ଭଦ୍ରକ ମାଟିରେ ଓଡ଼ିଶୀ ଓ ଲୋକନୃତ୍ୟର ଜଣେ ଆଦର୍ଶ ଓ ପ୍ରବୀଣ ଗୁରୁ ଥିଲେ ସ୍ୱର୍ଗତ ପର୍ଶୁରାମ ସେଠୀ। ଭଦ୍ରକ ସଂଗୀତ ମହାବିଦ୍ୟାଳୟ ପରିସରରେ ଶିକ୍ଷାବିତ ଗଙ୍ଗାଧର ଦେହୁରୀଙ୍କ ସଭାପତିତ୍ୱରେ ତଥା ଶହରର କିଛି ବିଶିଷ୍ଟ କଳାକାର ମାନଙ୍କ ଦ୍ୱାରା ଆୟୋଜିତ ସ୍ମୃତି ଚାରଣ ସଭାରେ ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ସମ୍ମାନ ପ୍ରାପ୍ତ ଗୁରୁଶ୍ରୀ ସୁବାସ ଚନ୍ଦ୍ର ମଲ୍ଲିକ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରିଥିବା ବେଳେ ମୁଖ୍ୟବକ୍ତା ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ସମ୍ମାନ ପ୍ରାପ୍ତ ନାଟ୍ୟଶ୍ରୀ ନିର୍ମଳ ରାଉତ, ସମ୍ମାନିତ ଅତିଥି, ବିମଳା ନାଟ୍ୟ ସଂସଦର ସମ୍ପାଦକ ନାଟ୍ୟ ନିର୍ଦ୍ଦେଶକ ଗୌରାଙ୍ଗ ଚନ୍ଦ୍ର ବାରିକ, ମୋଗଲ ତାମସା କଳାକାର ଅରବିନ୍ଦ ବେହେରା,ବିଶିଷ୍ଟ କଣ୍ଠଶିଳ୍ପୀ ସୁମତି ପଣ୍ଡା, ସଂଗୀତ ଗୁରୁ ସୁରେନ୍ଦ୍ର ଗାହାଣ, ଗୁରୁଜୀ ଅଭୟ ଦାସ ପ୍ରମୁଖ ସ୍ମୃତି ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସ୍ୱର୍ଗତ ସେଠୀଙ୍କର ବହୁତ ଗୁଡ଼ିଏ ପ୍ରବୀଣ ଛାତ୍ରୀମାନଙ୍କ ମଧ୍ୟରୁ ଓଡିଶା ସଂଗୀତ ନାଟକ ଏକାଡ଼େମୀର ସାଧାରଣ ପରିଷଦ ସଦସ୍ୟା ଶ୍ୱେତପଦ୍ମା ଦାସ, ନୃତ୍ୟଗୁରୁ ପୁଷ୍ପିତା ମହାନ୍ତି, ପଦ୍ମାଳୟା ଦାସ, ପୁଷ୍ପମିତ୍ରା ଜେନା, ସୁଜାତା ନାୟକ, ରିଚିସ୍ମିତା ମହାନ୍ତି, ନୃତ୍ୟ ଶିଳ୍ପୀ ସନ୍ଧ୍ୟା ଓ ଅଭିନେତ୍ରୀ ସନ୍ଧ୍ୟାରାଣୀ ବେହେରା ପ୍ରମୁଖ ନିଜ ଗୁରୁଙ୍କର ସ୍ମୃତି ଚାରଣ ପରିପ୍ରେକ୍ଷୀରେ ତାଙ୍କର ଆଦର୍ଶ, ଏକନିଷ୍ଠ ଶିକ୍ଷାଦାନ ପଦ୍ଧତି ଓ ଛାତ୍ରବତ୍ସଳତା ଉପରେ ଗଭୀର ଆଲୋକପାତ କରିଥିଲେ। ବିଶିଷ୍ଟ ନୃତ୍ୟଗୁରୁ ନାରାୟଣ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ।

# ବିଜେଡ଼ିରେ ଯୋଗଦେଲେ କଟକ-ଚୌଦ୍ୱାର ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ସତ୍ୟ ମହାନ୍ତି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କଟକ-ଚୌଦ୍ୱାର ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ସତ୍ୟ ମହାନ୍ତିଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ଶଙ୍ଖଭବନ ଠାରେ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ସତ୍ୟମହାନ୍ତି ଓ ଶତାଧିକ କଂଗ୍ରେସକର୍ମୀଙ୍କୁ ଶ୍ରୀ ବିଶ୍ୱାଳ ଓ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷ କରି କଟକ-ଚୌଦ୍ୱାର ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀ ବିଶ୍ୱାଳ ଓ ଡକ୍ଟର ପାତ୍ର କହିଥିଲେ । ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ସତ୍ୟ ମହାନ୍ତି ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଲି । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି । ଦଳରେ ମୋତେ ଓ ମୋ ସହ ଯୋଗ ଦେଇଥିବା ସମସ୍ତ କଂଗ୍ରେସ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ । ଏହି ମିଶ୍ରଣ ପର୍ବରେ ଜ୍ଞାନେନ୍ଦ୍ର କୁମାର ପରିଡ଼ା, ଦିଲ୍ଲୀପ ପାଲିତ, ସୁଜିତ କୁମାର ସ୍ୱାଇଁ, ଅକ୍ଷୟ ସାହୁ, ଶୁଭଶ୍ରୀ ପ୍ରିୟଦର୍ଶିନୀ, ପୂର୍ଣ୍ଣିମା ସାହୁ, ପ୍ରଭାସ ମହାନ୍ତି, ଫିରୋଜ ଉଦ୍ଦିନଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ନୂତନ ଶିକ୍ଷାନୀତି-୨୦୨୦କୁ ନେଇ ଧରଣୀଧର ବିଶ୍ୱବିଦ୍ୟାଳୟରେ ଆଲୋଚନା ଚକ୍ର

**କେନ୍ଦୁଝର, ନ୍ୟୁଜ୍**




କେନ୍ଦୁଝର ସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଥିବା କମ୍ପ୍ୟୁଟର ବିଭାଗ ହଲ୍‌ରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ମୁଖ୍ୟ ବକ୍ତା ଭାବେ କୋରାପୁଟର ଓଡ଼ିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଯୋଗଦେଇ ନିଜର ସାଧାରଣ ପାଠ୍ୟକ୍ରମରୁ ଭିନ୍ନ ଅଭିଭାଷଣ ପ୍ରଦାନ କରିଥିଲେ। ସେ ବିଶ୍ୱବିଦ୍ୟାଳୟର ଅଧ୍ୟାପକମାନଙ୍କୁ ଭୟମୁକ୍ତ ହୋଇ ତଥା ସମ୍ମାନର ସହ ନିଜକୁ ପାଠାସହିତ ଯୋଡ଼ି ସାଧାରଣ ପାଠ୍ୟକ୍ରମରୁ ବାହାରକୁ ଯାଇ ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ଗଠନ କରିବାରେ ବ୍ରତୀ ହେବା ପାଇଁ ପରାମର୍ଶ ଦେଇଥିଲେ। ସମସ୍ତ ଅଧ୍ୟାପକ ଅଧ୍ୟାପିକା ପଶ୍ଚିମ ଶିକ୍ଷା ବ୍ୟବସ୍ଥାକୁ ଛାଡ଼ି ନିଜସ୍ୱ ଶିକ୍ଷା ଓ ବୈଷୟିକ ଜ୍ଞାନ କୌଶଳ ଉପଯୋଗ କରିବା ପାଇଁ କହିଥିଲେ। ଚାଲି ଆସୁଥିବା ଶିକ୍ଷା ବ୍ୟବସ୍ଥାରେ ସମାଜର ଉନ୍ନତି ହେବା ପରିବର୍ତ୍ତେ ଅବକ୍ଷୟ ହେଉଛି । ତେଣୁ ସମସ୍ତଙ୍କୁ ମିଳିତ ଭାବେ ମାନସିକତାରେ ପରିବର୍ତ୍ତନ ଆଣି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ କରିବା ଉଚିତ। ଏହା ସହିତ ସେ ବିଶ୍ୱବିଧାଳୟରେ କେନ୍ଦୁଝରର ସାଧାରଣ ଲୋକଙ୍କ ଆର୍ଥିକ ସ୍ଥିତିର ବିକାଶ କରିବା ପାଇଁ ବିଭିନ୍ନ ଧନ୍ଦାମୂଳକ ଶିକ୍ଷା ପ୍ରଚଳନ କରିବା ପାଇଁ ଆହ୍ୱାନ କରିଥିଲେ। ଶିକ୍ଷା ସମାଜର ବସ୍ତୁ ଓ ଏହାକୁ ହିଁ ମାନସିକତା ପରିତ୍ୟାଗ କରି ଓ ପରସ୍ପର ଭିତରେ ରହିଥିବା ଇର୍ଷା ତ୍ୟାଗ କରି ଦୁରଦ୍ରଷ୍ଟା ହୋଇ ଶିକ୍ଷାଦାନ କରିବାକୁ ସେ ଅଧ୍ୟାପକ ଅଧ୍ୟାପିକା ମାନଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ରଙ୍କ ଭବିଷ୍ୟତ ଗଠନରେ ନୂତନ ଶିକ୍ଷଣାନୀତି ବେଶ ଉପଯୋଗୀ ହେବାସହ ସମଗ୍ର ବିଶ୍ୱରେ ଭାରତୀୟ ଶିକ୍ଷାର ସ୍ତର ବୃଦ୍ଧି ଦିଗରେ ସହାୟକ ହେବ ବୋଲି ସେ କହିଥିଲେ। ନୂତନ ଶିକ୍ଷାନୀତି ଛାତ୍ରଙ୍କୁ ପ୍ରଥମରୁ ବିଭିନ୍ନ ଦିଗରେ ସ୍ୱାବଲମ୍ବୀ କରିବା ସହ ଅଧିକ ଉପଯୋଗୀ ହେବ, ଯାହାଦ୍ୱାରା ଛାତ୍ରଛାତ୍ରୀଙ୍କ ଭିତରେ ଅଧିକ ଜ୍ଞାନ ଆହରଣ କରିବା ସହ ଅଧିକ ସଶକ୍ତିକରଣର ଦ୍ୱାର ଉନ୍ମୁକ୍ତ କରିବ। ନାରୀ ସଶକ୍ତିକରଣ ଓ ଖଦି ଉଦ୍ୟୋଗ ପରି କୋଳିକ ବୃତ୍ତି ପ୍ରଦାନ କରିବା ପାଇଁ ଧରଣୀଧର ବିଶ୍ୱବିଦ୍ୟାଳୟରେ ସ୍ୱତନ୍ତ୍ର ପାଠ୍ୟକ୍ରମ ଚଳାଇଲେ କେନ୍ଦୁଝର ପରି ଆଦିବାସୀ ଅଧୁଷିତ ଅଞ୍ଚଳରେ ଆର୍ଥିକ ମାନଦଣ୍ଡ ବୃଦ୍ଧି ହୋଇ ପାରିବ। ଏ ସବୁ ନୂତନ ଭାରତ ସରକାରଙ୍କ ନୂତନ ଶିକ୍ଷା ନୀତି ୨୦୨୦ରେ ରହିଥିବା ସେ କହିଥିଲେ। ଏହି ଆଲୋଚନା ଚକ୍ରରେ ଧରଣୀଧର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ନରେନ୍ଦ୍ର କୁମାର ସାହୁ, ସ୍ନାତକୋତ୍ତର କାଉନସିଲର ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ର, ଡକ୍ଟର ପ୍ରଭୁ ପ୍ରସାଦ ଦାସ,ସରିତା ନାୟକ, ଡକ୍ଟର ଅରୁନ୍ଧତୀ ଓଝା, ଡକ୍ଟର ନିବେଦିତା ପତି, ଡକ୍ଟର ଦାମୋଦର ସାହୁ, ବିଜୟ କୁମାର ବେହେରା ପ୍ରମୁଖଙ୍କ ସହିତ ଧରଣୀଧର ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ।

# ଘର ଘର ବୁଲି ପ୍ରଚାର କରୁଛନ୍ତି ବିଧାୟିକା ପ୍ରାର୍ଥୀ ଦୀପାଳି ଦାସ



**ବ୍ରଜରାଜନଗର, ନ୍ୟୁଜ୍‌ବ୍ୟୁରୋ**

ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀ ବିଜେଡି ବିଧାନସଭା ପ୍ରାର୍ଥିନି ସୁଶ୍ରି ଦୀପାଳି ଦାସ କେଲଡ଼ାମାଲ ଓ କୁଲିହାମାଲ ଗ୍ରାମ ପଞ୍ଚାୟତର ସମସ୍ତ ଗ୍ରାମକୁ ଯାଇ ସମର୍ଥକଙ୍କ ସମେତ ବିଶାଳ ଶୋଭାଯାତ୍ରା ସହ ପ୍ରଚାର ପ୍ରସାର କରିଛନ୍ତି। କେଲଡାମାଲ ଓ କୁଲିହାମାଲ ଗ୍ରାମକୁ ପହଞ୍ଚି ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ପାଦ ଛୁଇ ଆଶୀର୍ବାଦ ଭିକ୍ଷା ସହ ଭୋଟ ମାଗିଥିଲେ। ସମସ୍ତ ଭୋଟରଙ୍କୁ ଶଙ୍ଖ ଚିହ୍ନରେ ଭୋଟ୍ ଦେଇ ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରି ଝାରସୁଗୁଡ଼ା ଜିଲ୍ଲାର ବିକାଶ ପଥକୁ ଆଗେଇ ନେବା ପାଇଁ ସ୍ୱର୍ଗୀୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସଙ୍କ ସୁପୁତ୍ରି ଦୀପାଳି ଦାସଙ୍କୁ ବିଜୟୀ କରି ସଶକ୍ତ କରିବା ପାଇଁ ନିବେଦନ କରିଛନ୍ତି । ଏହି ପ୍ରଚାର ଶୋଭାଯାତ୍ରାରେ ବ୍ଲକ୍ ସ୍ତରୀୟ ସମସ୍ତ ଦଳୀୟ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତାଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।

# ରମ୍ଭାରେ ଭାଜାପାର ନିର୍ବାଚନ କାର୍ଯ୍ୟାଳୟ ଉଦ୍‌ଘାଟିତ




**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ମୁଖ୍ୟ ରାସ୍ତା ପାର୍ଶ୍ୱ ବଜାର ଛକ ସନିକଟରେ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଛତ୍ରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରମ୍ଭା ସହରାଞ୍ଚଳରେ ଅଧକ୍ଷ ମାନସୀ ସ୍ୱାଇଁ ରିବନ କାଟି କାର୍ଯ୍ୟଳୟ ଉଦ୍‌ଘାଟିତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଭାଜାପା ସୀମାଞ୍ଚଳ ବାଡ଼ତୀୟ (ନଗର ସଭାପତି), କାଳିଆ (ଉପାଧକ୍ଷ ), କାହ୍ନୁ ସ୍ୱାଇଁ (ଅଧକ୍ଷ ପ୍ରତିନିଧି), ମୁନା ସ୍ୱାଇଁ, ସରୋଜିନୀ ସେନାପତି, ଡଲି ବେହେରା, ଜୟନ୍ତୀ ଗୌଡ଼, କୁମାରୀ ଜାନି, ବନ୍ଦନା ଗୌଡ଼, ମଞ୍ଜୁଲା ସେଠୀ, ଅଭିନାଥ ବେହେରା, ସୁବାସ ବେହେରା, ଭଗବାନ ଗୌଡ଼, ଦିଲ୍ଲୀପ ତରେଇ, ଦିବାକର ତରେଇ, ସୁଦର୍ଶନ ସେନାପତି, ମନୋଜ ଗୌଡ଼, ନାଗେଶ୍ୱର ବେହେରା, ବୁଟୁ ଗୌଡ଼, ରବୀନ୍ଦ୍ର ସ୍ୱାଇଁ, କାଳିଆ ମଙ୍ଗଳା, ବୁଲୁ ସେଠୀ, କାମେଶ୍ୱର ବେହେରା, ମଦନ ସ୍ୱାଇଁ, ପିଙ୍କୁ ଗୌଡ଼, ମାଧବ ଗୌଡ଼, ବୁଟୁ ବିଶ୍ୱାଳ, କାଳିଆ ପ୍ରଧାନ, ରଞ୍ଜନ ପ୍ରଧାନ, ଗୌତମ ପଲେଇ, ଆଶିଷ ସାହୁ, ଦୁଃଖୀ ପରିଡ଼ା, ସନ୍ତୋଷ ତରେଇ, ସୁଦର୍ଶନ ତରେଇ,ଦିଲ୍ଲୀପ ନାୟକ, ଘନଶ୍ୟାମ ବେହେରା, କାଳିଆ ପତି ପ୍ରମୁଖ ପ୍ରାୟ ଶତାଧିକ ବି ଜେ ପି ର ଦଳୀୟ କର୍ମୀ ଯୋଗ ଦେଇଥିଲେ। ଏହି ଅବସରରେ ସାଂସଦ ପ୍ରାର୍ଥୀ ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ, ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ନାୟକଙ୍କୁ ପଦ୍ମ ଫୁଲ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ଆହ୍ୱାନ ଦିଆଯାଇଥିଲା।

## ଜିଲ୍ଲାସ୍ତରୀୟ ନିଖିଳ ଓଡ଼ିଶା ଅଟୋଚାଳକ ସଂଘର ବୈଠକ

**ବୌଦ୍ଧ ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧସହରର ଦେବାଶିଷ ହୋଟେଲ କନ୍‌ଫରେନ୍‌ସ ହଲରେ ଅଟୋଚାଳକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ଅଟୋଚାଳକ ଉପସ୍ଥିତ ରହିଥିଲେ। ବୈଠକରେ ପ୍ରଦୀପ ପଲିଆର ସଭାପତିତ୍ୱ କରିଥିଲେ। ପୂର୍ବତନ ସଭାପତି ପ୍ରମୋଦ କୁମାର କର ଉପ ସଭାପତି ବିନୋଦ ଧଳ, କାର୍ଯ୍ୟକାରୀ କମିଟି ସଦସ୍ୟ ସୁରେଶ ସାହୁ, ପୂର୍ବତନ ସଂପାଦକ ପ୍ରଫୁଲ୍ଲ ବେହେରା, ନବୀନ ସାହୁ ବର୍ତ୍ତମାନର ସଂପାଦକ ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ରାଜ୍ୟ ଅଟୋଚାଳକ ମହାସଂଘର ସାଧାରଣ ସଂପାଦକ ପଦ୍ମନ କୁମାର ସାମଲ, ଅତିଶ କୁମାର ମାର୍ଥା, ଦେବରାଜ ପରିଡା, ସନ୍ତୋଷ ସାହୁ, ବ୍ରଜ ନାୟକ, ଝାରସୁଗୁଡ଼ା ଡ୍ରାଇଭର ମହାସଂଘର ସଂପାଦକ ଚୈତନ୍ୟ ସାହାଣୀ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏହି ବୈଠକରେ ବୌଦ୍ଧ ଅଟୋ ଚାଳକ ସଂଘର ସଦସ୍ୟମାନେ ବିଭିନ୍ନ ସମସ୍ୟା ନେଇ ସଂପାଦକଙ୍କୁ ଅବଗତ କରାଇଥିଲେ। ସଂପାଦକ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

## ଧର୍ମପରାୟଣା ମହିଳାଙ୍କ ପରଲୋକ

**ଘଟଗାଁ, ନ୍ୟୁଜ୍‌ବ୍ୟୁରୋ**

ଘଟଗାଁ ରାଉତ ସାହିର ଧର୍ମ-ପରାୟଣା ମହିଳା ରେବତୀ ରାଉତ (୬୫)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି । ମୃତ୍ୟୁ ସମୟରେ ତାଙ୍କ ସ୍ୱାମୀ ବିମ୍ବାଧର ରାଉତ, ସାନପୁଅ ଶୁଭେନ୍ଦୁ ରାଉତ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଖବର ପାଇ ବରିଷ୍ଠ ଆଇନଜୀବୀ ବିଚିତ୍ର ଚକ୍ର, ସମାଜସେବୀ ସଞ୍ଜୟ କୁମାର ମିଶ୍ର, ସରପଞ୍ଚ ଅନ୍ନପୂର୍ଣ୍ଣା ଦେହୁରୀ, ସାମ୍ବାଦିକ କୁଳମଣି ନାଏକ, ବରିଷ୍ଠ ନାଗରିକ ହିମାଂଶୁ ଶେଖର ଦେହୁରୀ, ଜଗବନ୍ଧୁ ସା, ଚିତ୍ତରଞ୍ଜନ ମିଶ୍ର, ପ୍ରମୁଖ ପହଞ୍ଚିଶେଷ ଦର୍ଶନ କରିବା ସହ ଶୋକ ସନ୍ତପ ପରିବାରଙ୍କୁ ସମବେଦନା ଜଣାଇଥିଲେ। ପରେ ମର ଶରୀରକୁ ଗ୍ରାମର କଙ୍କଡ଼ାବାହାଳୀ ପଡିଆକୁ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ବଡ଼ପୁଅ ଭୀମସେନ ରାଉତ ମୁଖାଗ୍ନି ଦେଇଥିଲେ।

## ଫାଟିଲାଣି ବିସ୍ତାପାଳ ଅରଡ଼େଇ ପୋଲ ରାସ୍ତା

# ନିମ୍ନମାନର କାର୍ଯ୍ୟ : ଗାର୍ଡ଼ୱାଲରୁ ଧସୁଛି ମାଟି, ଭୁଶୁଡ଼ିବ ପୋଲ

**କେନ୍ଦୁଝର, ନ୍ୟୁଜ୍**



ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ଦେଇ ଯାଇଥିବା ବିସ୍ତାପାଳ ଅରଡ଼େଇ ପୋଲ ନିର୍ମାଣ ହେବାର ଅଳ୍ପ ଦିନ ପରେ ରାସ୍ତା ଦବି ଯାଇ ଫାଟି ଗଲାଣି । ଏହି ପୋଲ ନିର୍ମାଣ ପାଇଁ ଅଟକଳ ଅଢେଇ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଅନୁଦାନରେ ନିର୍ମାଣ ହୋଇଥିଲା। ଭୁବନେଶ୍ୱର ଅଞ୍ଚଳର ଠିକାଦାର ପ୍ରଦିପ୍ତ ନାଏକ ପୋଲ ନିର୍ମାଣ କାର୍ଯ୍ୟ ସାରିଥିଲେ। ଫେବୃୟାରୀ ମାସରେ ପିଚୁ ପକାଇବା ସହିତ ରାସ୍ତା ମରାମତି ଏବଂ ପୋଲର ପାର୍ଶ୍ୱ ଗାର୍ଡ଼ୱାଲରେ ମାଟି ପଥର ପ୍ୟାଚିଙ୍ଗ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ଏହି ପୋଲ ପାର୍ଶ୍ୱରେ ଅତି ନିମ୍ନ ମାନର କାର୍ଯ୍ୟ ଯୋଗୁଁ ଅଳ୍ପ ଦିନରେ ରାସ୍ତା ଦବିଯିବା ସହିତ ଫାଟି ଯାଇଛି । ପୋଲ ଗାର୍ଡ଼ୱାଲର କାର୍ଯ୍ୟ ଅତି ଦୁର୍ବଳ ଭାବେ କରାଯାଇଥିବାରୁ ଏଥିରୁ ମାଟି ଧସୁଛି । ଆଗକୁ ଆସୁଥିବା ନଦୀବଢ଼ି ଆସିଲେ ମାଟି ଧୋଇଯାଇ ପୋଲ ଭୁଶୁଡିବାର ଆଶଙ୍କା ସୃଷ୍ଟି ହୋଇଥିବା ନୂଆଗାଁ ପଞ୍ଚାୟତର ୧ନମ୍ବର ୱାର୍ଡ ବିସ୍ତାପାଳ ଗ୍ରାମର ମଶାଣିପଦା ସାହିର ୪୨ଟି ପରିବାର ସମେତ ପ୍ରାୟ ସାଢେ ୩ଶହ ଜନସାଧାରଣ ଏହି ନଦୀ କୂଳରେ ବସବାସ ଗମନାଗମନ କ୍ଷେତ୍ରରେ ଭଲ ରାସ୍ତା ନଥିବାରୁ ବିଲ ହୁଡାରେ ଲୋକେ ଯାତାୟାତ କରିଥାନ୍ତି । ମଶାଣିପଦା ପୋଲ ହେବା ଦ୍ୱାରା ହୁଣ୍ଡତୁଳା ୨୦ନମ୍ବର ଜାତୀୟ ରାଜପଥ ଦେଇ ପଳାଶପଙ୍ଗା, ପଦ୍ମପୁର, କେନ୍ଦୁଝର ସହରକୁ ବାସିନ୍ଦା ଯିବା ଆସିବା କରୁଛନ୍ତି । ତେବେ ବିସ୍ତାପାଳ ଗାଁ କୁ ଯିବାକୁ ହେଲେ ବିଲହୁଡା ଭରଷା ନୂଆଗାଁ ପଞ୍ଚାୟତରୁ ଯିବାକୁ ହେଲେ ଅଧକିଲୋମିଟର ବିଲ ମାଟି କାଦୁଅ ରାସ୍ତାରେ ଯିବାକୁ ପଡୁଛି । ନହେଲେ ହୁଣ୍ଡତୁଳା ୨୦ନମ୍ବର ଜାତୀୟ ରାଜପଥ ୩କିଲୋମିଟର ଅତିକ୍ରମ କରି ରତନପୁର ଦେଇ ପଞ୍ଚାୟତ ଯିବାକୁ ପଡେ। ଏପଟେ ସାହି ରାସ୍ତା ଅତି ଶୋଚନୀୟ ଅବସ୍ଥା ମୋରମ ଦୂରର କଥା ମାଟିମୁଠେ ପଡୁନଥିବାରୁ ରାସ୍ତା ସାରା କାଦୁଅ ପଚପଚ ହୋଇ ଯାଉଛି । ସ୍କୁଲ କଲେଜ ଛାତ୍ରଛାତ୍ରୀ ସମେତ ଜରୁରୀ କାଳୀନ ୧୦୮ ରୋଗୀ ଯାନ ଗାଁ ଭିତରକୁ ପ୍ରବେଶ କରିପାରୁନାହିଁ। ଖଟିଆ ଭାରରେ ରୋଗୀ ବୁହା ହେଉଛନ୍ତି । ରାତ୍ରୀ କାଳୀନ ଆଲୋକ ସୁବିଧା ନଥିନାରୁ ସଞ୍ଜ ନଇଲେ ରାସ୍ତାଘାଟ କିଟିମିଟି ଅନ୍ଧକାର ହୋଇଯାଉଛି । ନିକଟରେ ରତନପୁର ଜଙ୍ଗଲ ଥିବାରୁ ହାତୀ ଭାଲୁ ଆଦି ସରୀସୃପ ହିଂସ୍ର ବନ୍ୟଜନ୍ତୁ ଗାଁ ମୁହାଁ ହେଉଛନ୍ତି । ବିସ୍ତାପାଳ ମଶାଣିପଦା ଅରଡେଇ ପୋଲ ସୁରକ୍ଷା ପାଇଁ ରାସ୍ତା ମରାମତି ସହ ଗାଡାଲ ପ୍ୟାଚିଙ୍ଗ ଠିକ ଭାବରେ ନିର୍ମାଣ କରାଯିବାକୁ ବିଜୟ ନାଏକ, ମନୋଜ ନାଏକ, ଦାମୋଦର ମୁଣ୍ଡା, ମଙ୍ଗଲ ଜାମୁଦା, ବାବୁରାମ ମୁଣ୍ଡା, ମୋହନ ପ୍ରଧାନ, ଅଜିତ ମୁଣ୍ଡା, ଭାଗିରଥି ମୁଣ୍ଡା, ଗଣେଶ୍ୱର ଗାଗରାଇ, ଚକ୍ର ମୁଣ୍ଡା ପ୍ରମୁଖ ବାସିନ୍ଦା ଦାବି କରିଛନ୍ତି।

# ଲୋକସଭା ପାଇଁ ୧୧ ଓ ୬ ବିଧାନସଭା ଆସନ ପାଇଁ ୬୪ ପ୍ରାର୍ଥୀପତ୍ର ଦାଖଲ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଲୋକସଭା ଏବଂ ଜିଲ୍ଲାର ୬ ଗୋଟି ବିଧାନସଭା ଆସନ ନିମନ୍ତେ ଆସନ୍ତା ମେ' ୨୫ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ସୋମବାର ପ୍ରାର୍ଥୀପତ୍ର ଦାଖଲ ଶେଷ ହୋଇସାରିଛି । ଏପ୍ରିଲ ୨୯ ରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟାରେ କେନ୍ଦୁଝର ଲୋକସଭା ସଂରକ୍ଷିତ ଆସନ ପାଇଁ ମୋଟ ୧୧ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ କେନ୍ଦୁଝର ସଦର ବିଧାନସଭା ଆସନ ପାଇଁ ୧୦ ଜଣ, ଚମ୍ପୁଆ ବିଧାନସଭା ଆସନ ପାଇଁ ୧୬ ଜଣ, ତେଲକୋଇ ବିଧାନସଭା ଆସନ ପାଇଁ ୭ ଜଣ, ପାଟଣା ବିଧାନସଭା ଆସନ ପାଇଁ ୧୦ ଜଣ, ଘସିପୁରା ବିଧାନସଭା ଆସନ ପାଇଁ ୧୩ ଜଣ ଓ ଆନନ୍ଦପୁର ବିଧାନସଭା ଆସନ ପାଇଁ ମୋଟ ୮ ଜଣଙ୍କୁ ମିଶାଇ ୬ଟି ବିଧାନସଭା ଆସନ ପାଇଁ ସମୁଦାୟ ୬୪ ଜଣ ପ୍ରାର୍ଥୀପତ୍ର ଦାଖଲ କରି ସାରିଛନ୍ତି । ଲୋକସଭା ପ୍ରାର୍ଥୀ ଭାବେ ବିଜେଡିର ଧନୁଜୟ ସିଦ୍ଧ, ବିଜେପିର ଅନନ୍ତ ନାୟକ ଓ କଂଗ୍ରେସର ବିନୋଦ ବିହାରୀ ନାଏକ, ବିଏସ୍‌ପିର ରାମପ୍ରସାଦ ହେମ୍ବ୍ରମ ଏବଂ ସ୍ୱାଧୀନ ପ୍ରାର୍ଥୀ ଜନ ମିରାନ ମୁଣ୍ଡା, ସୁଶାନ୍ତ କୁମାର ନାଏକ, ରଘୁମଣି ନାଏକ ଓ ଲମ୍ବୋଦର ନାଏକ, ଏସ୍‌ୟୁସିଆଇର ହରିହର ମୁଣ୍ଡା, ମାନସ ଲୋକଶକ୍ତି ଦଳର ସାହେବ ଜୁଆଙ୍ଗ, ଆଜସୁର ପୀତବାସ ନାଏକ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଘସିପୁରା ବିଧାନସଭା ଆସନ ପାଇଁ ବିଜେଡିର ହେଭିୱେଟ ନେତା ବଦ୍ରି ନାରାୟଣ ପାତ୍ର, ବିଜେପିର ଶମ୍ଭୁନାଥ ରାଉତ, କଂଗ୍ରେସର ସୁବ୍ରତ କୁମାର ଚକ୍ର, ବିଏସ୍‌ପିର ବିଚିତ୍ର ପାତ୍ର, କଳିଙ୍ଗ ନ୍ୟାସନାଲ ଫ୍ରଣ୍ଟର ଜଗବନ୍ଧୁ ମହାନ୍ତ, ଓଡ଼ିଶା ଜନତା ପାର୍ଟିର ପ୍ରଭାତ କୁମାର ଦାସ, ଆଜସୁର ରତ୍ନାକର ମହାନ୍ତ, ମାନସ ଲୋକଶକ୍ତି ଦଳର ଖଟୁଆ ଜୁଆଙ୍ଗ ଏବଂ ସ୍ୱାଧୀନରେ ନରେନ୍ଦ୍ରନାଥ ନାୟକ, ଜ୍ଞାନାଲୋକ ପଣ୍ଡା, ପ୍ରମିଳା ହାଁସଦା, ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଦେବେନ୍ଦ୍ରନାଥ ସ୍ୱାଇଁ ପ୍ରାର୍ଥୀ ହୋଇଛନ୍ତି । ସେହିପରି ଆନନ୍ଦପୁର ବିଧାନସଭା ଆସନ ପାଇଁ ବିଧାୟକ ପ୍ରାର୍ଥୀ ଭାବେ ବିଜେଡିରୁ ଅଭିମନ୍ୟୁ ସେଠୀ, ବିଜେପିରୁ ଆଲୋକ କୁମାର ସେଠୀ, କଂଗ୍ରେସ ପକ୍ଷରୁ ଜୟଦେବ ଜେନା, ଏସୟୁସିଆଇରୁ ନୀଳକଣ୍ଠ ଜେନା, ବିଏସପିରୁ ଦେବେନ୍ଦ୍ର ଜେନା, ମୋ ଦଳରୁ କୁଳମଣୀ ସେଠୀ, ସ୍ୱାଧୀନ ଭାବେ ଝାନ୍‌ସୀରାଣୀ ଦାସ ଓ ବିଶ୍ୱନାଥ ପ୍ରତାପ ଜେନା ନାମାଙ୍କନ ଭରିଛନ୍ତି । ସେହିପରି କେନ୍ଦୁଝର ସଦର (ସଂରକ୍ଷିତ) ବିଧାନସଭା ଆସନରୁ କଂଗ୍ରେସର ପ୍ରତିଭା ମଞ୍ଜରୀ ନାଏକ, ବିଜେପିର ମୋହନ ଚରଣ ମାଝୀ ଓ ବିଜେଡିରୁ ମୀନା ମାଝୀ, ବିଏସ୍‌ପିର ରାମପ୍ରସାଦ ହେମ୍ବ୍ରମ୍, ମାନସ ଲୋକଶକ୍ତି ଦଳର ଗୋଲାପ ଜୁଆଙ୍ଗ ଏବଂ ସ୍ୱାଧୀନ ଭାବେ ନବନିର୍ମାଣ କୃଷକ ସଙ୍ଗଠନ ସହଯୋଗରେ ଜୀବନ ସିଂ ମୁଣ୍ଡା, ସସ୍ମିତାରାଣୀ ସିଂହ, ଜୟକୃଷ୍ଣ ନାଏକ, ରାଜକିଶୋର ମୁଣ୍ଡା ଓ ଝରଣା ନାଏକ ମଇଦାନକୁ ଓହ୍ଲାଇଛନ୍ତି । ସେହିପରି ତେଲକୋଇ ବିଧାନସଭା ଆସନ ପାଇଁ ବିଜେଡି ପକ୍ଷରୁ ମାଧବ ସର୍ଦ୍ଦାର , ବିଜେପିରୁ ଡାକ୍ତର ଫକୀର ମୋହନ ନାଏକ, କଂଗ୍ରେସରୁ ନିର୍ମଳ ଚନ୍ଦ୍ର ନାୟକ, ବିଏସପିରୁ ଜଗନ୍ନାଥ ମାଝୀ, ମାନସ ଲୋକଶକ୍ତି ଦଳରୁ ପ୍ରମୋଦ ଜୁଆଙ୍ଗ, ରାଷ୍ଟ୍ରୀୟ ମାନବ ପାର୍ଟିରୁ ଘନଶ୍ୟାମ ବାରି ଓ ସ୍ୱାଧୀନ ଭାବେ ଅଜୟ କୁମାର ନାୟକ ନାମାଙ୍କନ ଦାଖଲ କରିଛନ୍ତି । ପାଟଣା ସଂରକ୍ଷିତ ଆସନ ପାଇଁ ବିଜେପିର ଅଖିଳ ଚନ୍ଦ୍ର ନାଏକ, କଂଗ୍ରେସର ହୃଷୀକେଶ ନାଏକ, ବିଜେଡିରୁ ଜଗନ୍ନାଥ ନାଏକ, ବିଏସ୍‌ପିରୁ ଦୁର୍ଲଭ ନାଏକ, ମାନସ ଲୋକଶକ୍ତି ଦଳରୁ ଧନେଶ୍ୱର ମୁଣ୍ଡାରୀ, ଏସୟୁସିଆଇ(ଏମ) ରୁ ବେଣୁଧର ସର୍ଦ୍ଦାର ଓ ସ୍ୱାଧୀନ ଭାବେ ଦୀପକ କୁମାର ନାୟକ, ଲୋକନାଥ ନାଏକ, ଅନିରୁଦ୍ଧ ନାଏକ ଓ ଦତ୍ତ ମୁଣ୍ଡା ପ୍ରାର୍ଥୀ ହୋଇଛନ୍ତି । ସେହିପରି ଚମ୍ପୁଆ ବିଧାନସଭା ଆସନ ପାଇଁ ବିଜେଡି ପକ୍ଷରୁ ହେଭିୱେଟ ସନାତନ ମହାକୁଡ଼, କଂଗ୍ରେସରୁ ଯଶୋବନ୍ତ ନାରାୟଣ ସିଂ ଲାଗୁରୀ, ବିଏସ୍‌ପିରୁ ଜୟୀ ମୁଣ୍ଡା, ବିଜେପିରୁ ମୁରଲି ମନୋହର ଶର୍ମା, ମାନସ ଲୋକଶକ୍ତି ଦଳରୁ ରଘୁନାଥ ନାଏକ, ଆମ୍ବେଦକରାଇଟ ପାର୍ଟି ଅଫ ଇଂଡିଆରୁ ଅଙ୍କଜ କୁମାର ନାଏକ, ଆଜସୁ ଦଳରୁ ସଞ୍ଜୟ କୁମାର ମହାନ୍ତ, ଓ ସ୍ୱାଧୀନ ଭାବେ ବାସମତୀ ମୁଣ୍ଡା, ଗୁରୁବାଜ ସିଂହ ଆହଲୁଲିଆ, ବସନ୍ତ କୁମାର ମହାନ୍ତ, ଜକ୍ରିଆଶ କିପାଟେ, ସନ୍ତୋଷ କୁମାର ମହାପାତ୍ର, ସନ୍ତୋଷ କୁମାର ମହାନ୍ତ, କ୍ଷିତୀଶ ଚନ୍ଦ୍ର ମହାନ୍ତ, କ୍ଷୀରୋଦ କୁମାର ଗିରି ଓ ବେଣୁଧର ମହାନ୍ତ ନିଜ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୩ ମଇ ୨୦୨୪ ସୋମବାର





# ଦୁଇ ଯାତ୍ରୀବାହୀ ବସ୍ ମୁହାଁମୁହିଁ ଧକ୍କା : ଜଣେ ଡ୍ରାଇଭର ମୃତ



**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ସମ୍ବଲପୁର ଓ ଉଲୁଣ୍ଡା ରାସ୍ତାର ଡୁଡୁପାଲି ଛକରେ ସଡକ ଦୁର୍ଘଟଣା ଘଟିଛି । ଡୁଡୁପାଲିର ବୁଲାଣି ରାସ୍ତାରେ ୨ ଯାତ୍ରୀବାହୀ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି । ମୃତ ଡ୍ରାଇଭରଙ୍କ ନାମ ପ୍ରଦୀପ ପ୍ରଧାନ(୫୩) । ତାଙ୍କ ଘର ସମ୍ବଲପୁର ସହର ମୋଦିପଡାର ବୋଲି ଜଣାପଡିଛି। ଦୁର୍ଘଟଣା ଯୋଗୁଁ ୩୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ଆହତଙ୍କୁ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି ଯାହା ଜଣାପଡୁଛି କରିସ୍ମା ନାମକ ଏକ ଘରୋଇ ଯାତ୍ରୀବାହୀ ବସ ସୋନପୁର ବସ୍‌ଷ୍ଟାଣ୍ଡରୁ ବାହାରି ସମ୍ବଲପୁର ଅଭିମୁଖେ ଯାଉଥିଲା । ବସ୍‌ରେ ୪୫ରୁ ଉର୍ଦ୍ଧ୍ୱ ଯାତ୍ରୀ ଥିଲେ । ବସ୍‌ଟି ଡୁଡୁପାଲି ବୁଲାଣି ରାସ୍ତାରେ ଯାଉଥିବା ବେଳେ ସମ୍ବଲପୁର ପଟରୁ ସୋନପୁର ଅଭିମୁଖେ ଆସୁଥିବା ଏକ ଘରୋଇ ଚକାଡୋଳା ନାମକ ଯାତ୍ରୀବାହୀ ବସ୍ ମୁହାଁମୁହିଁ ଧକ୍କା ଦେଇଥିଲା। ଦୁର୍ଘଟଣା ଅତି ଭୟଙ୍କର ଥିଲା। ଚକାଡୋଳା ବସ୍‌ର ଡ୍ରାଇଭର ପ୍ରଦୀପଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଥିଲା। କରିସ୍ମା ବସରେ ପୂର୍ବତନ ଅତିରିକ୍ତ ଜିଲ୍ଲାପାଳ ଓ ବର୍ତ୍ତମାନର ଡୁଡାପିଡି ବିଶ୍ୱନାଥ ବାରିକ ମଧ୍ୟ ସମ୍ବଲପୁର ଯାଉଥିଲେ କିନ୍ତୁ ସେ ସାମାନ୍ୟ ଆହତ ହୋଇଛନ୍ତି। ଆମ୍ବୁଲାନ୍ସ ଯୋଗେ ଆହତମାନଙ୍କୁ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଥିମଧ୍ୟରୁ କିଛି ଗୁରୁତର ଥିବା ଯୋଗୁଁତାଙ୍କୁ ବୁର୍ଲା ଡାକ୍ତରଖାନାକୁ ପଠାଇ ଦେଇଛନ୍ତି।

# ଯାଜପୁର ଜିଲ୍ଲାରେ ୧୪ଜଣଙ୍କ ପ୍ରାର୍ଥୀପତ୍ର ଦାଖଲ

**ଯାଜପୁର, ନ୍ୟୁଜ ବ୍ୟୁରୋ**

ଅକ୍ଷୟ ତୃତୀୟାର ଶୁଭ ଲଗ୍ନରେ ଯାଜପୁର ଜିଲ୍ଲା ଅର୍ନ୍ତଗତ ୭ଟି ମଧ୍ୟରୁ ୬ଟି ବିଧାନସଭା କ୍ଷେତ୍ର ଓ ଗୋଟିଏ ସଂସଦୀୟ କ୍ଷେତ୍ରରୁ ସର୍ବାଧିକ ୧୪ ଜଣ ସେମାନଙ୍କ ନାମାଙ୍କନ ପତ୍ର ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ଦାଖଲ କରିଛନ୍ତି। ଏମାନଙ୍କ ମଧ୍ୟରୁ ପୂର୍ବତନ ସାଂସଦ କଂଗ୍ରେସ ପ୍ରାର୍ଥୀ ଅଞ୍ଚଳ ଦାସ ଲୋକସଭା ଆସନ ନିମନ୍ତେ ପ୍ରାର୍ଥୀ ପତ୍ର ଦାଖଲ କରିଥିବା ବେଳେ ଭାରତୀୟ ଜନତା ପାର୍ଟି (ବିଜେପି )ର ପ୍ରାର୍ଥୀ ରବିନ୍ଦ୍ର ବେହେରା ତାଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ବିଧାନ ସଭାର ପ୍ରମୁଖ ପ୍ରାର୍ଥୀମାନଙ୍କ ମଧ୍ୟରେ ସୁକିନ୍ଦା ପାଇଁ ମନ୍ତ୍ରୀ ପ୍ରିତିରଞ୍ଜନ ଘଡାଇ (ଡାନି )ଏକ ସଦୃଶ୍ୟ ପଟୁଆରରେ ଆସି ବିଜୁ ଜନତା ଦଳ (ବିଜେଡି) ଟିକେଟରେ ନାମାଙ୍କନ ଦାଖଲ କରିଥିବା ବେଳେ ଜିଲ୍ଲା ବିଜେପି ସଭାପତି ତଥା ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷ ବିଜେପିର ପ୍ରାର୍ଥୀ ଗୌତମ ରାୟ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ଯାଜପୁର ବିଧାନସଭା ଆସନ ନିମନ୍ତେ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି। ସମାନ ଭାବେ ଓଡିଆ ସିନେ ଅଭିନେତା ତଥା ଲୋକପ୍ରିୟ କଳାକାର ପୂର୍ବତନ କୋରେଇ ବିଧାୟକ ଆକାଶ ଦାସ ନାୟକ ମଧ୍ୟ ବିଶାଳ ଥାଟବାଟରେ ଆସି ଏହି ଆସନରୁ ବିଜେପି ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିବା ବେଳେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ମଧ୍ୟ ସୁଦୃଶ୍ୟ ଶୋଭାଯାତ୍ରାରେ ଯାଜପୁର ଜିଲ୍ଲାପାଳ ଅଫିସ୍ ନିକଟରେ ପହଁଚି ବଡଚଣା ଆସନରୁ ବିଜେଡି ପ୍ରାର୍ଥୀନୀ ଭାବେ ନାମାଙ୍କନ ଭରିଛନ୍ତି। ଏହି ଆସନରୁ ବିଜେପି ପ୍ରାର୍ଥୀ ଅମର ନାୟକ ଏକ ବଡ଼ ଧରଣର ଶୋଭାଯାତ୍ରାରେ ଆସି ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ତାଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିପରି କଂଗ୍ରେସ ପ୍ରାର୍ଥୀ ଅଜୟ ସାମଲ ଉକ୍ତ ଆସନ ପାଇଁ ତାଙ୍କର ସାଥୀ ସମର୍ଥକ ମାନଙ୍କ ସହ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି। ସୁକିନ୍ଦା ବିଧାନସଭା କ୍ଷେତ୍ର ନିମନ୍ତେ ବିଜେପିର ପ୍ରାର୍ଥୀ ପ୍ରଦୀପ ବଳସାମନ୍ତ (ଟୁଟୁ) ମଧ୍ୟ ବଡ଼ ଶୋଭାଯାତ୍ରାରେ ସୁକିନ୍ଦାରୁ ଦୀର୍ଘ ୫୬ କିମି ରାସ୍ତାକୁ ଅତିକ୍ରମ ବିଳମ୍ବରେ ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ପହଁଞ୍ଚି ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ। ବରୀ ବିଜେପି ପ୍ରାର୍ଥୀ ଉମେଶ ଜେନା (ଧୂନା) ଆରମ୍ଭରୁ ଶକ୍ତି ପ୍ରଦର୍ଶନ କରି ଏକ ବଡ଼ ଧରଣର ଶୋଭାଯାତ୍ରାରେ ଆସି ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଏହି ଆସନରୁ କଂଗ୍ରେସ ପ୍ରାର୍ଥୀ ଭାବେ ପ୍ରାକ୍ତନ ବିଧାୟକ ଦେବାଶିଷ ନାୟକ ଅଳ୍ପ କିଛି ସମର୍ଥକଙ୍କ ସହ ନିରାଡମ୍ବରରେ ଆସି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଯାଜପୁର ବିଧାନସଭା ଆସନ ନିମନ୍ତେ ସ୍ୱାଧୀନ ପ୍ରାର୍ଥୀ ଭାବେ ଦେବପ୍ରକାଶ ମହାନ୍ତି ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଧର୍ମଶାଳାରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ସତିଶ ଚନ୍ଦ୍ର ବିଶ୍ୱାଳ ଏବଂ ଲାଲୁ ପ୍ରସାଦ କଦମ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।








# ସୋଆ ଉପସଭାପତିଙ୍କ ଦ୍ୱାରା ସେଣ୍ଟର ଫର୍ ଏଣ୍ଟରପ୍ରେନ୍ୟୁୟରସିପ୍ ଆଣ୍ଡ ଇନୋଭେସନ୍ ମ୍ୟାନେଜମେଣ୍ଟ ଉଦ୍‌ଘାଟିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍) ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନ୍‌ସେସ୍ ଆଣ୍ଡ ଆନିମଲ୍ ହଜ୍‌ବ୍ୟାଣ୍ଡ୍ରୀ (ଆଇଭିଏସ୍‌ଏଏଚ୍) ରେ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ସ୍ୱାବଲମ୍ବୀ କରାଇବାର ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ସେଂଟର ଫର୍ ଏନ୍‌ଟରପ୍ରେନ୍ୟୁୟରସିପ୍ ଆଣ୍ଡ ଇନୋଭେସନ୍ ମ୍ୟାନେଜମେଂଟ ଶୁକ୍ରବାର ସୋଆର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଯୋଗ ଦେଇ ଶ୍ରୀମତି ଦାସ ଏହି ସେଂଟରକୁ ଉଦ୍‌ଘାଟନ କରି ଏହା ଦ୍ୱାରା ଏଗ୍ରିକଲ୍‌ଚର ଏବଂ ଭେଟେରିନାରୀ ସାଇନ୍‌ସେସ୍‌ରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନେ ନିଜେ ରୋଜଗାରକ୍ଷମ ହେବା ନିମନ୍ତେ ତାଲିମ୍ ପାଇପାରିବେ ବୋଲି କହିଥିଲେ। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଦ୍ରବ୍ୟର କିଭଳି ପ୍ରଚାର ପ୍ରସାର ଓ ବିକ୍ରି ହୋଇପାରିବ ସେ ନେଇ ଏଠାରେ ସେମାନଙ୍କୁ ପ୍ରଶିକ୍ଷିତ କରାଯିବ ବୋଲି ଶ୍ରୀମତି ଦାସ କହିଛନ୍ତି। ଏହି ଅବସରରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଉପସ୍ଥିତ ରହି ଏହି ସେଂଟର ବିଷୟରେ ତଥ୍ୟ ପ୍ରଦାନ କରିବା ସହ ବଜାରରେ ସୋଆ ଦ୍ୱାରା ପ୍ରସ୍ତୁତ ଦ୍ରବ୍ୟ କିଭଳି ଉପଲବ୍ଧ ହେବ ଏବଂ ଏହା ଦ୍ୱାରା ଛାତ୍ରଛାତ୍ରୀମାନେ ଉପକୃତ ହୋଇପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଏହି ସେଂଟରର ମୁଖ୍ୟ ପ୍ରଫେସର ସମରେନ୍ଦ୍ର ମହାନ୍ତି ବିସ୍ତୃତ ସୂଚନା ଦେଇ ଆଇଏଏସ୍ ଏବଂ ଆଇଭିଏସ୍‌ଏଏଚ୍‌ର ଛାତ୍ରଛାତ୍ରୀମାନେ ନିଜ ନିଜ ଅନୁଷ୍ଠାନରେ ଉଭୟ ଥିଓରୀ ଓ ପ୍ରାକ୍ଟିକାଲ୍ ପାଠ୍ୟକ୍ରମର ଜ୍ଞାନ ଆହରଣ କରିବା ପରେ ନିଜକୁ କିଭଳି ସ୍ୱାବଲମ୍ବୀ ହୋଇ ଉଦ୍ୟୋଗୀ ହୋଇପାରିବେ, ଅଭିନବ ପ୍ରଚେଷ୍ଟା କରିପାରିବେ ଓ ବ୍ୟବସାୟ ପରିଚାଳନା କରିପାରିବେ ସେ ସମ୍ପର୍କିତ ପ୍ରଶିକ୍ଷଣ ଦିଆଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଉପକୁଳପତି ତଥା ରେଜିଷ୍ଟ୍ରାର ପ୍ରଫେସର ବିଭୁତି ଭୂଷଣ ପ୍ରଧାନ, ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ଆଇଭିଏସ୍‌ଏଏଚ୍‌ର ଡିନ୍ ପ୍ରଫେସର ବ୍ରହ୍ମଦେବ ପଟ୍ଟନାୟକ, ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତିରନ ଦାସଙ୍କ ସମେତ ଆଇଏଏସ୍ ଏବଂ ଆଇଭିଏସ୍‌ଏଏଚ୍‌ର ସମସ୍ତ ଫ୍ୟାକଲ୍ଟି ଓ ସୋଆର କର୍ମକର୍ତାଗଣ ଉପସ୍ଥିତ ଥିଲେ।



# କେନ୍ଦୁଝର ଜିଲ୍ଲାରେ ୧୧ସାଂସଦ ଓ ୬୨ ବିଧାନସଭା ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ

**କେନ୍ଦୁଝର, ନ୍ୟୁଜ**

କେନ୍ଦୁଝର ଜିଲ୍ଲାରେ ପାର୍ଥୀ ପତ୍ର ପ୍ରତ୍ୟାହାରର ଅନ୍ତିମ ଦିବସ ପରେ ନିର୍ବାଚନ ରଣାଙ୍ଗନରେ ୧୧ ଜଣ ସାଂସଦ ପାର୍ଥୀ ଓ ୬୨ ଜଣ ବିଧାୟକଙ୍କ ପ୍ରାର୍ଥୀପତ୍ର କାଏମ ରହିଥିବାର ଜଣାପଡିଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଅନ୍ତିମ ଦିବସ ପରେ ପ୍ରାର୍ଥୀମାନଙ୍କୁ ନିର୍ବାଚନ ଚିହ୍ନ ଦିଆ ଯାଇଥିବାର ପ୍ରକାଶ। ୩ ପ୍ରମୁଖ ଦଳ ବିଜେପି, କଂଗ୍ରେସ, ବିଜେଡି ସେମାନଙ୍କର ଦଳୀୟ ଚିହ୍ନରେ ନିର୍ବାଚନ ଲଢିବାକୁ ଥିବାବେଳେ ଅନ୍ୟ ପ୍ରାର୍ଥୀମାନଙ୍କ ମଧ୍ୟରୁ କେନ୍ଦୁଝର ଲୋକସଭା ଆସନରେ ଲଢିବାକୁ ପ୍ରାର୍ଥୀପତ୍ର କାଏମ ଥିବା ବହୁ ଜନ ସମାଜ ପାର୍ଟିର ରାମ ପ୍ରସାଦ ହେମ୍ବ୍ରମଙ୍କୁ 'ହାତୀ' ଚିହ୍ନ ଦିଆ ଯାଇଥିବାବେଳେ ପୀତବାସ ନାଏକଙ୍କୁ 'କଦଳୀ', ମାନସ ଲୋକଶକ୍ତି ଦଳର ସାହେବ ଜୁଆଙ୍ଗଙ୍କୁ 'ହୀରା', ଏସୟୁସିଆଇ (ସି )ର ହରିହର ମୁଣ୍ଡା 'କାଚଗ୍ଲାସ', ସ୍ୱାଧୀନ ପ୍ରାର୍ଥୀ ଜନ ମୀରାନ ମୁଣ୍ଡାଙ୍କୁ 'ଅଟୋରିକ୍ସା', ରଘୁମଣୀ ନାଏକଙ୍କୁ 'ଖଟ', ସୁଶାନ୍ତ କୁମାର ନାଏକଙ୍କୁ 'ମାଠିଆ', ଲମ୍ବୋଦର ନାଏକଙ୍କୁ 'କଇଁଚି' ଚିହ୍ନ ପାଇ ନିର୍ବାଚନ ରଣାଙ୍ଗନରେ ଲଢିବେ ବୋଲି ଜଣାପଡିଛି। ସେହିଭଳି ବିଧାନସଭା ଆସନ ୨୪ କେନ୍ଦୁଝର ସରଂକ୍ଷିତ ଆସନରେ ବିଏସପିର ରାମପ୍ରସାଦ ହେମ୍ବ୍ରମ 'ହାତୀ', ମାନସ ଲୋକଶକ୍ତି ଦଳର ଗୋଲାପ ଜୁଆଙ୍ଗ 'ସାତ ରଶ୍ମି ଯୁକ୍ତ କଲମ ମୁନ', କଳିଙ୍ଗ ନ୍ୟାସ୍‌ନାଲ ଫ୍ରଣ୍ଟର ଜୟକୃଷ୍ଣ ନାଏକ 'ମାଠିଆ ', ସ୍ୱାଧୀନ ପ୍ରାର୍ଥୀ ଜୀବନ ସିଂ ମୁଣ୍ଡାଙ୍କୁ 'ବାଲଟି', ଝରଣା ନାଏକଙ୍କୁ 'ଟ୍ରକ', ରାଜ କିଶୋର ମୁଣ୍ଡାଙ୍କୁ 'ଖଟ', ସସ୍ମିତା ରାଣୀ ସିଂଙ୍କୁ 'ଜାହାଜ' ଚିହ୍ନ ମିଳିଥିବା ବେଳେ ତେଲକୋଇ ବିଧାନସଭା ଆସନରୁ ବହୁଜନ ସମାଜ ପାର୍ଟିର ଜଗନ୍ନାଥ ମାଝୀଙ୍କୁ 'ହାତୀ', ରାଷ୍ଟ୍ରିୟ ମାନବ ପାର୍ଟିର ଘନଶ୍ୟାମ ବାରା 'ମାଇକ' ମାନସ ଲୋକଶକ୍ତି ଦଳରୁ ପ୍ରମୋଦ ଜୁଆଙ୍ଗଙ୍କୁ ସାତରଶ୍ମି ଯୁକ୍ତ କଲମ ମୁନ', ସ୍ୱାଧୀନ ପ୍ରାର୍ଥୀ ଅଜୟ କୁମାର ନାୟକଙ୍କୁ 'ଷ୍ଟଲ ଚିହ୍ନ' ମିଳିଛି। ଘସିପୁରା ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ମାନସ ଲୋକଶକ୍ତି ଦଳର ଖଟୁଆ ଜୁଆଙ୍ଗଙ୍କୁ 'ସାତରଶ୍ମି ଯୁକ୍ତ କଲମ ମୁନ', କଳିଙ୍ଗ ନ୍ୟାସନାଲ ଫ୍ରଣ୍ଟର ଜଗବନ୍ଧୁ ମହାନ୍ତଙ୍କୁ 'ସ୍କୁଲ', ଓଡିଶା ଜନତା ପାଟିର ପ୍ରଭାତ କୁମାର ଦାସଙ୍କୁ 'ବଇଁଶୀ', ରତ୍ନାକର ମହାନ୍ତଙ୍କୁ 'କଦଳୀ', ସ୍ୱାଧୀନ ପ୍ରାର୍ଥୀ ଜ୍ଞାନଲୋକ ପଣ୍ଡାଙ୍କୁ 'ମାଠିଆ', ଦେବେନ୍ଦ୍ରନାଥ ସ୍ୱାଇଁଙ୍କୁ 'ଟ୍ରକ', ନରେନ୍ଦ୍ର ନାଥ ନାୟକଙ୍କୁ 'ବ୍ୟାଟ ', ପ୍ରମିଳା ହାଁସଦାଙ୍କୁ 'ଜାହାଜ' ଏବଂ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ 'ଅଟୋରିକ୍ସା' ଚିହ୍ନ ମିଳିଥିବା ବେଳେ ଆନନ୍ଦପୁର ନିର୍ବାଚନ ମଣ୍ଡଳୀରୁ ବହୁଜନ ସମାଜ ପାର୍ଟିର ଦେବେନ୍ଦ୍ର ଜେନାଙ୍କୁ 'ହାତୀ' ଏସୟୁସିଆଇ(ସି )କମ୍ୟୁନିଷ୍ଟ ନୀଳକଣ୍ଠ ଜେନାଙ୍କୁ 'କାଚଗ୍ଲାସ', ସ୍ୱାଧୀନ ପ୍ରାର୍ଥୀ ଝାନସିରାଣୀ ଦାଶଙ୍କୁ 'ଗ୍ୟାସସିଲିଣ୍ଡର', ବିଶ୍ୱପ୍ରତାପ ଜେନାଙ୍କୁ 'ଫଳଝୁଡି', ଚିହ୍ନ ପାଇଛନ୍ତି। ପାଟନା ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ମାନସ ଲୋକ ଶକ୍ତି ଦଳର ଧନେଶ୍ୱର ମୁଣ୍ଡରିଙ୍କୁ 'ସାତରଶ୍ମି ଯୁକ୍ତ କଲମ ମୁନ' ସ୍ୱାଧୀନ ପ୍ରାର୍ଥୀ ଅନିରୁଦ୍ଧ ନାଏକଙ୍କୁ 'ବ୍ୟାଟ' ଦତ୍ତ ମୁଣ୍ଡାଙ୍କୁ 'ବାଲଟି' ଲୋକନାଥ ନାଏକଙ୍କୁ 'ଇଟା' ଚିହ୍ନ ମିଳିଥିବାର ଜଣାପଡିଛି।

# କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରୀ ଜୟଦେବଙ୍କ ଜୟନ୍ତୀ ପାଳିତ

**କେନ୍ଦୁଝର, ନ୍ୟୁଜ**

କେନ୍ଦୁଝର ଜିଲ୍ଲା ପ୍ରଶାସନ ଦ୍ୱାରା ଗୀତଗୋବିନ୍ଦର ରଚୟିତା କବି ଶ୍ରୀ ଜୟଦେବଙ୍କ ଜୟନ୍ତୀ ଶଙ୍କରପୁର ସ୍ଥିତ ଡ଼ିଡ଼ି ସ୍ପୋର୍ଟ୍ସ କଂପ୍ଲେକ୍ସଠାରେ ପାଳିତ ହୋଇଯାଇଛି। ଏହି ସମାରୋହରେ ଜିଲ୍ଲା ପର୍ଯ୍ୟଟନ ତଥା ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ଶ୍ରୀ ରମେଶ ଚନ୍ଦ୍ର ନାଏକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଜିତେନ୍ଦ୍ର ମହାକୁଡ଼ ଓ କ୍ରୀଡ଼ା ପ୍ରଶିକ୍ଷକ ରାଜେନ୍ଦ୍ର ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରି ଉଦ୍‌ବୋଧନ ଛଳରେ ଭକ୍ତକବି ଶ୍ରୀ ଜୟଦେବଙ୍କୁ ଜଣେ ମହାନ କବି ଭାବେ ବର୍ଣ୍ଣନା କରି ତାଙ୍କ ରଚିତ ଅମରକୃତି ଗୀତଗୋବିନ୍ଦ ସମଗ୍ର ବିଶ୍ୱ କାବ୍ୟ ସାହିତ୍ୟରେ ଯୁଗ ଯୁଗ ଧରି କାଳଜୟୀ ହୋଇ ରହିବ ବୋଲି ମତବ୍ୟକ୍ତ କରିଥିଲେ। କନିଷ୍ଠ ଭଣ୍ଡାର ରକ୍ଷକ ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର ରଷିକାନ୍ତ ମହାନ୍ତ ପ୍ରାରମ୍ଭରେ ସ୍ୱାଗତ ସମ୍ଭାଷଣ କରିବା ସହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ଜନାର୍ଦ୍ଦନପୁରରେ ଶନିଶ୍ଚର ମହାଯଜ୍ଞ

**ନିଶ୍ଚିନ୍ତକୋଇଲି, ନ୍ୟୁଜ**

ନିଶ୍ଚିନ୍ତକୋଇଲିବ୍ଲକ ଅନ୍ତର୍ଗତ ଜନାର୍ଦ୍ଦନ ପୁର ପ୍ରସିଦ୍ଧ ଶନିଶ୍ଚରଙ୍କ ପୀଠରେ ଶନିଶ୍ଚର ମହାଯଜ୍ଞ ଓ ଜଳାଭିଷେକ ଅନୁଷ୍ଠିତ ହେଉଛି । ଚଳିତବର୍ଷ ଶନିଶ୍ଚର ମହାଯଜ୍ଞ ଓ ଯାତ୍ରାଭକ୍ତି, ଶ୍ରଦ୍ଧା ଓ ଆନନ୍ଦ ଉଲ୍ଲାସର ସହ ଅନୁଷ୍ଠିତ ହେଉଥିବାରୁ ଭକ୍ତ ଓ ଆୟୋଜକମାନଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି । ପ୍ରତିବର୍ଷ ଆଜିର ଦିନରେ ଏହି ଶନିଶ୍ଚରଙ୍କ ପୀଠକୁ ଓଡିଶାର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥାଏ। ଭକ୍ତମାନେ ନିଜର ମନୋବାଞ୍ଛା ପୂରଣ ନିମନ୍ତେ ଚିତ୍ରୋତ୍ପଳା ନଦୀରୁ କଳସୀରେ ଜଳଆଣି ଶନିଦେବଙ୍କ ମସ୍ତକରେ ଢାଳି ଜଳାଭିଷେକ କରିଥାନ୍ତି। ଏହି ଉପଲକ୍ଷେ ଏଠାରେ ବଡ ଧାରଣର ଯାତ୍ରା ଓ ମେଳା ଅନୁଷ୍ଠିତ ହେଉଅଛି। ବହୁ ସଂଖ୍ୟାରେ ଦୋକାନ ବଜାର ଖୋଲାଯାଇ କିଣାବିକା ହୋଇଥାଏ।

# ଶିବ ବିବାହ ଓ ଶୀତଳ ଷଷ୍ଠୀ ନିମନ୍ତେ ଆଲୋଚନା

**କେନ୍ଦୁଝର, ନ୍ୟୁଜ**

କେନ୍ଦୁଝର ଜିଲାର ପ୍ରସିଦ୍ଧ ଶୈବ ପୀଠ ବାବା ଶ୍ରୀ କପିଳେଶ୍ୱର ମହେଶଙ୍କ ପୀଠରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଆଗାମୀ ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ବା ଜୁନ ୧୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ପବିତ୍ର ଦେବଦମ୍ପତି ବିବାହ ବା ଶିବପାର୍ବତୀ ବିବାହ ଓ ଜ୍ୟେଷ୍ଠ ଶୁକ୍ଳ ଷଷ୍ଠୀ ବା ଶୀତଳଷଷ୍ଠୀ ଉପଲକ୍ଷେ ବରପକ୍ଷ ଓ କନ୍ୟାପକ୍ଷ ମଧ୍ୟରେ ବିସ୍ତୃତ ଆଲୋଚନା ସମ୍ପନ୍ନ ହୋଇଛି। ବରକାର୍ତ୍ତା ଆମର ପ୍ରସାଦ ଦେବତା ଓ ସ୍ୱପତ୍ନୀ ସସ୍ମିତା ଦେବତା, କନ୍ୟାପକ୍ଷ କର୍ତ୍ତା ପ୍ରଶାନ୍ତ କୁମାର ପଣ୍ଡା ଓ ସ୍ୱପତ୍ନୀ ବୈଜୟନ୍ତୀ ପଣ୍ଡା ସେମାନଙ୍କ ମଧ୍ୟସ୍ଥି ଓ ପରିଜନଙ୍କ ସହ ବାବା କପିଳେଶ୍ୱର ମହେଶ ପ୍ରାଙ୍ଗଣରେ ଏକାଠି ବସି ଆଲୋଚନା କରିବା ସହ ବିବାହ ପାଇଁ ପରସ୍ପରର ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ବାବା କପିଳେଶ୍ୱର ମନ୍ଦିରରୁ ବାବାଙ୍କ ଚଳନ୍ତି ପ୍ରତିମା ମନ୍ଦିରରୁ ଯାକଜମକରେ ବାହାରି ପଟୁଆରରେ ସହର ପରିକ୍ରମା କରି କନ୍ୟାପକ୍ଷଙ୍କ ଘରକୁ ଯିବ। ସେଠାରୁ ବିବାହ ସମ୍ପନ୍ନ ପରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବ। ଚଳିତ ବର୍ଷ ମହା ଆଡମ୍ବର ସହକାରେ ଓ ଶାନ୍ତି ଶୃଙ୍ଖଳା ରକ୍ଷା ସହିତ ଏହି ଦେବଦମ୍ପତିଙ୍କ ବିବାହ ଉତ୍ସବ ସମ୍ପନ୍ନ ହେବ ବୋଲି ଆପୋଷ ଆଲୋଚନା ବେଳେ ନିଷ୍ପତ୍ତି ନିଆ ଯାଇଛି। ଏହି ବୈଠକରେ ବହୁ ଗ୍ରାମବାସୀ ଓ ମନ୍ଦିର କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ବାବା ଶ୍ରୀ କପିଳେଶ୍ୱର ସାଂସ୍କୃତିକ ପରିଷଦର ସଭାପତି ବିଜୟ କୁମାର ମହାନ୍ତି ଓ ସମ୍ପାଦକ ଗୌର ଚନ୍ଦ୍ର ନାଏକଙ୍କ ଉପସ୍ଥିତିରେ ଏହି ପ୍ରସ୍ତୁତି ପର୍ବ ସହ ମାର୍ଜନା ପୂଜା ସମ୍ପନ୍ନ ହୋଇଥିବା ବିଷୟରେ ସମସ୍ତ ସୂଚନା ପ୍ରଦାନ କରିଥିଲେ ।

# ଏମଏସପି ବଢାଇବାକୁ କେନ୍ଦ୍ରସରକାରଙ୍କୁ ଗ୍ୟାରେଣ୍ଟି ପାଇଁ ଦେଲେ ଆହ୍ୱାନ

**ଆଠଗଡ, ନ୍ୟୁଜ ବ୍ୟୁରୋ**

ଜମିକୁ ଜଳ ଚାଷୀକୁ ବଳନ୍ତ ଘୋଷଣା କରିଥିବା ରାଜ୍ୟ ସରକାର ଆଠଗଡ ଅଞ୍ଚଳ ଚାଷୀମାନଙ୍କ ପାଇଁ କରି ଦେଖାଇଛନ୍ତି। ସରକାର ଦେଇଥିବା ପ୍ରତିଶୃତି ପାଳନ ପୁର୍ବକ ରେଙ୍ଗାଳି ଦକ୍ଷିଣ ପାର୍ଶ୍ୱ କେନାଲରେ ପାଣି ଚାଲିଛି । ମେ ମାସରେ ଜମିରେ ପାଣି ମାଡୁଛି ଚାଷୀ ଏବେ ଦୋ ଫସଲି ତିନି ଫସଲି କରି ନିଜର ଆର୍ଥିକ ସ୍ଥିତିକୁ ସଦୃଢ କରି ପାରିବ ବୋଲି ପବିତ୍ର ଅକ୍ଷୟ ତୃତୀୟା ପାଳନ ଅବସରରେ ସ୍ଥାନିୟ ଖୁଣ୍ଟକଟା ଠାରେ ପୁଜାର୍ଚ୍ଚନା କରି ଜମିରେ ହଳ କରିବା ସହତ ଅକ୍ଷିମୁଠି ବୁଣି ଚାଷର ଅନୁକୂଳ କରି ପ୍ରକାଶ କରିଛନ୍ତି ରାଜ୍ୟ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ଏହାସହିତ ଚାଷୀ ମାନଙ୍କୁ ଚାଷ ପାଇଁ ଭୂତଳ ଜଳକୁ ଉଠାଣ ପାଇଁ ଆବଶ୍ୟକ ହେଉଥିବା ବିଦ୍ୟୁତ ବିଲରୁ ୧୦୦ ୟୁନିଟ ଛାଡ କରିଛନ୍ତି । ଯାହାକି ଚାଷିର ଆର୍ଥିକ ମାନଦଣ୍ଡ ଅଧିକ ସୁଦୃଢ ହୋଇ ପାରିବ ବୋଲି ପ୍ରକାଶ କରିଥିଲେ। ଚାଷୀର ହାତ ମୁଠାକୁ ଟାଣ କରିବାକୁ ରାଜ୍ୟ ସରକାର ଯେଉଁଠି ବଜେଟରେ ୨୦ ଶତକଡା ବୃଦ୍ଧି କରୁଥିବାବେଳେ କେନ୍ଦ୍ର ସରକାର ବଜେଟରେ ୧ ଶତକଡାରୁ କମ ବୃଦ୍ଧି କରୁଛନ୍ତି। ଧାନର ଏମଏସପି ମୁଲ୍ୟ ବୃଦ୍ଧି ନିମନ୍ତେ ରାଜ୍ୟ ସରକାର ୧୦ ବର୍ଷ ତଳୁ ଦେଇଥିବା ୨୯୩୦ ଟଙ୍କା ପ୍ରସ୍ତାବକୁ କେନ୍ଦ୍ର ନକରି ଏବେ ଝୁମୁଲା କରୁଛି ଯାହାକୁ କି ଚାଷୀ ଆଉ ବରଦାସ୍ତ କରିବେନି । ଯଦି ସବୁ କ୍ଷେତ୍ରରେ କେନ୍ଦ୍ର ସରକାର ଗ୍ୟାରେଟିଂ ଦେଉଛନ୍ତି ତାହଲେ ଏହି ଏମଏସପି ବଢାଇବାକୁ ଗ୍ୟାରେଂଟି ଦେବାକୁ ଦେଲେ ଆହ୍ୱାନ। ରାଜ୍ୟ ସରକାର ଚାଷ ଓ ଚାଷୀ ମାନଙ୍କ ସହିତ ସଦା ସର୍ବଦା ଛିଡା ହୋଇଛନ୍ତି ବୋଲି ପ୍ରକାଶ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନିୟ ସରପଞ୍ଚ ମନୋଜ କୁମାର ନାୟକ, ଜିଲ୍ଲାପରିଷଦ ସଭ୍ୟ ଶାନ୍ତିଲତା ବେହେରା, ଏନଏସି ଅଧକ୍ଷା ସସ୍ମିତା ରାଉତ, ପୁର୍ବତନ ଜିଲ୍ଲାପରିଷଦ ସଭ୍ୟ ସୁନିଲ ପରିଡା, ନୃସିଂହ ମହାପାତ୍ର, ସମିତସଭ୍ୟା ଜୟଶ୍ରୀ ଦେଉରୀ, ବ୍ଲକର ପୁର୍ବତନ ଅଧକ୍ଷ ରଂଜନ ଆଚାର୍ଯ୍ୟ, ଚାଷୀ ନେତା ରବିନ୍ଦ୍ର ନାଥ ରାଉତ ନିଳମଣି ନାୟକ, ବିଭୁ ପ୍ରସାଦ ପଟ୍ଟନାୟକ, ଅକ୍ଷୟ କୁମାର ମହାରଣା, ନିରାକାର ଲେଙ୍କା ପ୍ରମୁଖ ଉପସ୍ଥିତ ରହି ଚାଷ ଓ ଚାଷୀପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ ଏବଂ କୃଷି ଉଦ୍ୟୋଗ ଯୋଜନାରେ ଚାଷ କରି ଲାଭବାନ ହେବାକୁ ଚାଷୀମାନଙ୍କୁ ଆହ୍ୱନ ଦେଇଥିଲେ। ଆଠଗଡର ଅଗ୍ରଣୀ ସଫଳ ଚାଷୀ ଭାବେ ଜ୍ୟୋସ୍ନା ରାଣି ନାୟକ, ମୁଲତା ବେହେରା, ସଚଳା ବେହେରା, ସିନିବାସ ସାବୁ, ପ୍ରତାପ କୁମାର ପ୍ରଧାନ, ରଘୁନାଥ ବିଶ୍ୱାଳଙ୍କୁ ସମ୍ମାନୀତ କରାଯାଇଥିଲା।




# ଆଜିର ଭଲମନ୍ଦ



ଉଦୟକାଳୀନ ଗ୍ରହଚକ୍ର




ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଣ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୩।୫।୨୦୨୪, ବୈଶାଖ ଦି୩୦ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୦୫।୧୨।୨୩ ଚନ୍ଦ୍ରୋଦୟ- ପ୍ରାଘ ୦୯।୪୦।୧୨**

ଷଷ୍ଠୀ- ରାଘ ୨।୫୧ ପର୍ଯ୍ୟନ୍ତ। ପୁନର୍ବସୁ ନକ୍ଷତ୍ର- ଦିଘ ୧୧।୨୪ ପର୍ଯ୍ୟନ୍ତ । କର୍କଟ ଚନ୍ଦ୍ର- ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି -** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧ ନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ନିମ ରାଘ ୨।୫୧ ପରେ ତାଳ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୫।୧୬ ଗତେ ଘ ୬।୫୨ ମଧ୍ୟେ। ଦିଘ ୧୦।୩୬ ଗତେ ଘ ୧୨।୫୯ ମଧ୍ୟେ। **ପର୍ବୋତ୍ସବ-** ମାସାନ୍ତ, ରାମାନୁଜାଚାର୍ଯ୍ୟ ଜୟନ୍ତୀ ।


**ମେଷ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହୋଇପାରନ୍ତି। ନିଜର ଅନିଚ୍ଛା ସତ୍ତ୍ୱେ ହଠାତ୍ ଦୂରକୁ ଯାତ୍ରା କରିବାକୁ ପଡିପାରେ। ରୋଜଗାର ସ୍ଥିର ରହିବ। ଘରେ ଆନନ୍ଦ ଦେଖାଦେବ।


**ବୃଷ:** ଦୁଃସାଧ୍ୟ କାର୍ଯ୍ୟ କରି ସହଯୋଗ ଲାଭ କରିବେ। ଆୟ ଓ ବ୍ୟୟ ସମାନ ରହିବ।, ବନ୍ଧୁଙ୍କ ସହଯୋଗ ଲାଭ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ମାଲିମୋକଦମାରେ ଶୁଣାଣି ବିଳମ୍ବ ହୋଇପାରେ।


**ମିଥୁନ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଯାନବାହାନ ଚାଳନାରେ ସାମାନ୍ୟ ସତର୍କତା ଅବଲମ୍ବନୀୟ । ଦେହ ଓ ମନ ଭଲ ରହିବ। ଆୟର ପରିମାଣ ବଢିପାରେ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ।


**କର୍କଟ:** ହଠାତ୍ କୌଣସି ଏକ ଖବର ପାଇ ଆନନ୍ଦ ଅନୁଭୁତି କରିବେ। ଦେବ ଦର୍ଶନ ସହ ଶୁଭ କାର୍ଯ୍ୟ ମଧ୍ୟ କରିପାରନ୍ତି। ଆର୍ଥିକ ସ୍ଥିତି ଭଲ ରହିବ। ଘରେ ଶାନ୍ତିର ବାତାବରଣ ରହିବ।


**ସିଂହ:** କାର୍ଯ୍ୟକ୍ଷେତ୍ରରେ ସାମାନ୍ୟ ବିଳମ୍ବ ଦେଖାଦେବ। ମାନସିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି।


**କନ୍ୟା:** ଅଣ୍ଟି ଛୁରୀ ତଣ୍ଟି କାଟିଲା ପରି ଆପଣାର ଲୋକ ବିଶ୍ୱାସଘାତକ କରିପାରନ୍ତି। ରୋଜଗାର ମଧ୍ୟ ହେବ। ବେପାର ବାଣିଜ୍ୟ କ୍ଷେତ୍ରରେ ମଧ୍ୟମ ଫଳ ପାଇବେ। ଘରେ କଳହ ଓ ଅଶାନ୍ତି ଦେଖାଦେବ।


**ତୁଳା:** ବ୍ୟବସାୟରେ ଲାଭବାନ ହେବେ। ଦେହ ଓ ମନ ଭଲ ରହିବ। ଘରେ ଆନନ୍ଦ ଦେଖାଦେବ। ବନ୍ଧୁ ଦର୍ଶନ ସହିତ ସାହାର୍ଯ୍ୟ ସହଯୋଗ ମଧ୍ୟ ପ୍ରାପ୍ତ ହେବ। ଆୟରେ ଉନ୍ନତି।


**ବିଛା:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। କାମ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି। ଘରେ ସୁଖ ଶାନ୍ତି ରହିବ। ଉତ୍ତମ ଭୋଜନ କରିପାରନ୍ତି। ପୁରାତନ ବନ୍ଧୁଙ୍କ ସହ ଭେଟ ହୋଇପାରେ।


**ଧନୁ:** ହଠାତ୍ କୌଣସି ଖବର ପାଇ ଆସଦିତି ହେବେ। ଦେବ ଦର୍ଶନ ସହିତ ଧର୍ମ କାର୍ଯ୍ୟରେ ମନ ଦେବେ। ପାରିବାରିକ ଜୀବନ ଶାନ୍ତିମୟ ହେବ। ରୋଜଗାର ଭଲ ହେବ।


**ମକର:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବ। ଦିନଟି ଆପଣଙ୍କ ନିମନ୍ତେ ସମସ୍ୟା ବହୁଳ ହେବ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଦୁଶ୍ଚିନ୍ତା ଦେଖାଦେବ। ମନ ଅସ୍ଥିର ରହିବ।


**କୁମ୍ଭ:** ଉତ୍ତମ ଭୋଜନ କରିପାରନ୍ତି। ବ୍ୟବସାୟ ମଧ୍ୟମ ଧରଣର ଚାଲିବ। ଦାମ୍ପତ୍ୟ ଜୀବନ ମଧୁରମୟ ହେବ। ଆୟରେ ଉନ୍ନତି ଦେଖାଦେବ। ଦେହ ଭଲ ରହିବ।


**ମୀନ:** ଅତ୍ୟଧିକ ପରିଶ୍ରମ ହେତୁ କ୍ଳାନ୍ତି ଅନୁଭବ କରିବେ। ଅପେକ୍ଷା କରିଥିବା ଖବରଟି ଅପରାହ୍ନେ ପାଇ ପାରନ୍ତି। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ ଶାନ୍ତିର ବାତାବରଣ ରହିବ।

# ଅବକାରୀ ଚଢଉ : ବିପୁଳ ମଦ ଜବତ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ବିନିକା ଅଞ୍ଚଳର ସେଲେଡି ସିଂ ଢାବାରେ ଅବକାରୀ ବିଭାଗ ଚଢ଼ଉ କରି ୧୨ ଲିଟର ୭୫୦ ଏମଏଲ ବିଅର ଓ ୩ ଲିଟର ୨୪୦ ଏମଏଲ (ଏଫଏଲ) ମଦ ଜବତ କରିଥିବା ଜଣାପଡିଛି । ସେହିପରି ଗୁଲୁଣ୍ଡା ଗ୍ରାମର ଜଣେ ବ୍ୟକ୍ତିଙ୍କ ଠାରୁ ୧୫ ଲିଟର ଦେଶୀ ମଦ ଜବତ କରିଛି । ବେଆଇନି ପ୍ରସ୍ତୁତି ହୋଇଥିବା ବିପୁଳ ହାଣ୍ଡିଆ ଜବତ କରିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରା ଯାଇଥିବା ବିନିକା ଅବକାରୀ ବିଭାଗର ଉପ ନିରୀକ୍ଷକ ବଳବୀର ଗଡ଼ନାୟକ ସୂଚନା ଦେଇଛନ୍ତି।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୪।୫।୨୦୨୪, ବୈଶାଖ ଦି୧ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୦୫।୧୧।୫୮ ଚନ୍ଦ୍ରୋଦୟ- ଦିଘ ୧୦।୩୫।୫୩**

ସପ୍ତମୀ- ରାଘ ୪।୨୦ ପର୍ଯ୍ୟନ୍ତ। ପୁଷ୍ୟନକ୍ଷତ୍ର- ଦିଘ ୧।୪୬ ପର୍ଯ୍ୟନ୍ତ । କର୍କଟ ଚନ୍ଦ୍ର- ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି -** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧ ନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ତାଳ ରାଘ ୪/୨୦ ପରେ ନଡିଆ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୫।୧୫ ଗତେ ଘ ୬।୫୨ ମଧ୍ୟେ। ଦିଘ ୯।୩୫ ଗତେ ଘ ୧୨।୫୯ ମଧ୍ୟେ। **ପର୍ବୋତ୍ସବ-** ବୃଷ ସଂକ୍ରାନ୍ତି।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ହଟିବନି ରପ୍ତାନି କଟକଣା

ଗହମ, ଚାଉଳ ଓ ଚିନି ରପ୍ତାନି ଉପରେ ଲଗାଯାଇଥିବା କଟକଣା ପ୍ରତ୍ୟାହାର କରିବାର କୌଣସି ଯୋଜନା ନାହିଁ ବୋଲି କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି । ସରକାର ଗହମ କିମ୍ବା ଚିନି ଆମଦାନି ମଧ୍ୟ କରିବେନି ବୋଲି ସେ ସ୍ପଷ୍ଟ କରିଛନ୍ତି । ଚଳିତ ବର୍ଷ ଜଳବାୟୁରେ ଏଲ୍-ନିନୋ ପ୍ରଭାବ ରହିବା କାରଣରୁ ବୃଷ୍ଟିପାତ ସ୍ୱାଭାବିକ ହୋଇପାରିନଥିଲା । ତାହାର ପ୍ରଭାବରେ ଫସଲ ନଷ୍ଟ ହୋଇଯାଉଛି । ଚଳିତ ବର୍ଷ ଅତ୍ୟଧିକ ଗରମ କାରଣରୁ ଧାନ ଫସଲ ମଧ୍ୟ ପ୍ରଭାବିତ ହୋଇଛି । ଆଖୁ ଉତ୍ପାଦନ ମଧ୍ୟ କମିବାରେ ଲାଗିଛି । ସେଥିପାଇଁ ଦେଶରେ ଚାଉଳ, ଗହମ ଓ ଚିନି ଅଭାବ ଦେଖାଦେଇଛି । ତାହାକୁ ଦୃଷ୍ଟିରେ ରଖି ଏସବୁ ସାମଗ୍ରୀଗୁଡ଼ିକର ରପ୍ତାନି ଉପରେ ସରକାର କଟକଣା ଜାରି କରିଛନ୍ତି । ୨୦୨୨ ମେ'ରେ ଗହମ ରପ୍ତାନିକୁ ନିଷିଦ୍ଧ କରାଯାଇଥିବା ବେଳେ ଗତବର୍ଷ ୨୦୨୩ ଜୁଲାଇରେ ଅଣ-ବାସ୍ମତି ଚାଉଳ ରପ୍ତାନି ଉପରେ କଟକଣା ଲଗାଯାଇଥିଲା । ଆଖୁ ଉତ୍ପାଦନ କମିବା ଯୋଗୁଁ ଚିନି ରପ୍ତାନିକୁ ମଧ୍ୟ ବନ୍ଦ କରାଯାଇଥିଲା । ଦେଶ ଭିତରେ ଏହି ସବୁ ଜିନିଷର ଦାମ ବଢ଼ିବା ପରେ ସରକାର ରପ୍ତାନି କଟକଣା ଭଳି କଠୋର ପଦକ୍ଷେପ ନେଇଥିଲେ । ଚିନି ଉତ୍ପାଦନ କମିବାର ଆଶଙ୍କା ଥିବାରୁ ଇଥାନଲ ପ୍ରସ୍ତୁତି ପାଇଁ ବ୍ୟବହାର ହେଉଥିବା ଆଖୁ ରସ ଯୋଗାଣ ବନ୍ଦ କରିବା ନେଇ ସରକାର ଚିନି କଳଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ । ଚିନି ଯେଭଳି ବାହାରକୁ ଚାଲିନଯାଏ ତାହା ସୁନିଶ୍ଚିତ କରିବା ଲାଗି ବିଭିନ୍ନ ପ୍ରକାର କଟକଣା ଲାଗୁ କରାଯାଇଛି । ଏଥିସହିତ ଏହିସବୁ ଜିନିଷର ଖୁଚୁରା ବଜାର ଦର ଉପରେ ସରକାର ତୀକ୍ଷ୍ଣ ନଜର ରଖିଛନ୍ତି । ଆବଶ୍ୟକ ସମୟରେ ପଦକ୍ଷେପ ଗ୍ରହଣ କରୁଛନ୍ତି ।

# ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

## ସତ୍ୟ ଭାଗବତ

### ପ୍ରଥମ ଅଧ୍ୟାୟ

ଓଁ

**'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'**


ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)
(କ୍ରମଶଃ)

# କୁମ୍ଭାରଚକ ଏକ ଅନନ୍ୟ ଆତ୍ମଲିପି (୧)


ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ପ୍ରଥିତଯଶା କଳାକାର କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ। ଓଡ଼ିଆ ସାହିତ୍ୟ-ସଂସ୍କୃତିର ଅଭିବୃଦ୍ଧି, ଓଡ଼ିଶୀ ନୃତ୍ୟର ଶାସ୍ତ୍ରୀୟ ସ୍ୱୀକୃତି - ଏ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ। ଏକାଧାରରେ ସେ ଜଣେ ନିପୁଣ ଅଭିନେତା, ନିଖୁଣ ନାଟ୍ୟ ନିର୍ଦ୍ଦେଶକ, ସ୍ୱନାମଧନ୍ୟ ନାଟ୍ୟକାର, ଅସାଧାରଣ ଓଡ଼ିଶୀ ସଂଗୀତ-ନୃତ୍ୟ ବିଶାରଦ ତଥା ଲବ୍ଧପ୍ରତିଷ୍ଠ କବି। ସାହିତ୍ୟର ଅନେକ ବିଭାଗରେ ତାଙ୍କର ଲେଖନୀ ଚଳଚଞ୍ଚଳ। ସେ ଜଣେ ସଫଳ ପାଠ୍ୟପୁସ୍ତକ ରଚୟିତା। କବିଚନ୍ଦ୍ରଙ୍କ ଆତ୍ମଲିପି 'କୁମ୍ଭାର ଚକ'। ଏଥିରେ ସ୍ଥାନିତ ଘଟଣାର ଅୟମାରମ୍ଭ ୧୮୯୭ରୁ ପ୍ରଲମ୍ବିତ ୧୯୭୫ ଯାଏ। ସ୍ରଷ୍ଟାଙ୍କ ଜୀବନର ହସ-କାନ୍ଦ, ସୁଖ-ଦୁଃଖ, ଯଶ-ଅପଯଶ, ଉତ୍ଥାନ-ପତନ ଆଦି ନାନା କଥା-ବ୍ୟଥା - ଏସବୁକୁ ଆପଣାର କରି ଆତ୍ମଲିପିଟି ଅତୀବ ମଞ୍ଜୁଳ। ପୁସ୍ତକଟି ଓଡ଼ିଶା ସଂସ୍କୃତିର ରସୋତ୍ତୀର୍ଣ୍ଣ ଇତିହାସ, ଏକ ନିର୍ଭୁଲ ସାମାଜିକ ସନନ୍ଦ। ଓଡ଼ିଆ ସାହିତ୍ୟ-ସଂସ୍କୃତି ମନସ୍କ କାଳୀଚରଣ। ସେ କାୟ-ମନୋ-ବାକ୍ୟରେ ଏଥି ପ୍ରତି ସମର୍ପିତ। ଓଡ଼ିଆ ସଂସ୍କୃତିକୁ ସେ ବହୁ ଭାବରେ, ବହୁ ରୂପରେ ପରିପୁଷ୍ଟ କରିଛନ୍ତି। ପହଞ୍ଚାଇଛନ୍ତି ଯଶ-ଖ୍ୟାତିର ଶୀର୍ଷରେ। କବିଚନ୍ଦ୍ରଙ୍କ 'କୁମ୍ଭାର ଚକ' ଏକ ଅନବଦ୍ୟ କୃତି। ଆତ୍ମଲିପିଟି କେନ୍ଦ୍ର ସାହିତ୍ୟ ଅକାଦମୀ ପୁରସ୍କାର ବିଜେତା। ଏହାର ସ୍ରଷ୍ଟା ଅନନ୍ୟ, ଅସାଧାରଣ ନିଶ୍ଚୟ।

ଭାଗ୍ୟ, ମଣିଷ - ଉଭୟ ଦ୍ୱାରା ପରାଜିତ କାଳୀଚରଣ। ନିଜକୁ ମଣିଛନ୍ତି ଫଟା କପାଳିଆ। କେବେ ସେ କ୍ଷତାକ୍ତ, କେବେ ଅସହାୟ, ଆଉ କେତେବେଳେ ଧୂଳିମାଟିରେ ପତିତ। ମନେ ପକେଇଛନ୍ତି କୁମ୍ଭାର କଥା। ସେଇ କୁମ୍ଭାର ଅଦୃଷ୍ଟ, କାହା ପାଇଁ ଈଶ୍ୱର, ପରଂବ୍ରହ୍ମ, ପରମାତ୍ମା, କିଏ କେତେ ବାଗରେ ତାଙ୍କୁ ଡାକେ, ତାଙ୍କ କରୁଣା ଭିକ୍ଷାକରେ। କାଳୀଚରଣଙ୍କ ପାଇଁ ସେ ଅଦୃଶ୍ୟ କୁମ୍ଭାର। ଜୀବନର ଚକ (ପେଷା ବା ପେଷଣା) ଘୂରୁଛି। ଚକ ଭିତରେ କିଳା (ଖିଲ) ଅତିସାନ, ଚକି ଘୂରିବାଟା ସମସ୍ତଙ୍କ ଆଖିରେ ପଡ଼େ, ହେଲେ ଚକି ଭିତରେ ଛୋଟ କିଳାଟି, ରହିଯାଏ ଅଦେଖା। ସେହିପରି କୁମ୍ଭାର ମାଟି ହାଣେ, ଚକଟେ, ଚକ ବୁଲାଏ, ତା'ରି ଇଚ୍ଛା, ତା'ରି ପସନ୍ଦ। ଗଢ଼େ ହାଣ୍ଡି, ଆଟିକା, ସରା, ମାଠିଆ। ହଣା, ଦଲା, ଚକଟା - ସେତେବେଳେ ମାଟିର ରୂପ ଅଲଗା। ଗଢ଼ା ସରିଲେ ଅଲଗା ରୂପ। ଠିକ୍ ସେମିତି, କୁମ୍ଭାର ଚକରେ ଗଢ଼ା କାଳୀଚରଣଙ୍କ ଜଞ୍ଜାଳିଆ ଜୀବନ। ପୁରା ୭୫ ବର୍ଷର କଥା। ସୁଖ, ଦୁଃଖ, ହସ, କାନ୍ଦ, ଖ୍ୟାତି କୀର୍ତ୍ତି; କେତେବେଳେ ହତାଶା ବ୍ୟର୍ଥତା, ଜୀବନର ହାହାକାର; ଲେଖକ ବେଉଣ୍ଟିବାରେ ତ୍ରୁଟି କରିନାହାନ୍ତି। ଓଡ଼ିଆ ସାହିତ୍ୟ-ସଂସ୍କୃତିର ଏକ ନିଖୁଣ ଚିତ୍ର 'କୁମ୍ଭାର ଚକ' - ଏହା ଅନସ୍ୱୀକାର୍ଯ୍ୟ। ପିଲାଦିନ, ଚାକିରି ଜୀବନ, କଳା ଜୀବନ, ଓଡ଼ିଶା ରଙ୍ଗମଞ୍ଚ ଇତିହାସ, ଡାଏରୀରୁ ଯତ୍ କିଞ୍ଚିତ୍, ପଦ୍ମଶ୍ରୀ, ଡକ୍ଟରେଟ୍, ବିଦାୟ ମାଗୁଣି - ଏଇସବୁ ପରିଚ୍ଛେଦକୁ ନେଇ 'କୁମ୍ଭାର ଚକ'। ଆତ୍ମଲିପିଟିରେ ସ୍ଥାନିତ ପ୍ରତିଟି ଲେଖା, ସେବେକା 'କଳିଙ୍ଗ', 'ଆସନ୍ତାକାଲି', ମାସିକ ପତ୍ରିକା 'ସହକାର'ରେ ପ୍ରକାଶ ପାଇଥିଲା। ବହୁ ଜନାଦୃତ ହେଲା, ଶେଷରେ ପୁସ୍ତକ ଆକାରରେ ସୂର୍ଯ୍ୟାଲୋକ ଦେଖିଲା (ଦୋଳପୂର୍ଣ୍ଣିମା, ୧୯୭୫)।

କାଳୀଚରଣଙ୍କ ଗେଲବସରିଆ ପିଲା ଦିନ। ପିତା ଦୁର୍ଗାଚରଣ ପଟ୍ଟନାୟକଙ୍କ ବଡ଼ମ୍ବା ରାଜଦରବାରରେ ଦେବାନ। ତାଙ୍କ ଗାଁ ବାଙ୍କି ଖମାରଙ୍ଗ। କିନ୍ତୁ କାଳୀଚରଣଙ୍କ ଜନ୍ମ ବଡ଼ମ୍ବାରେ। ବଉଳ ଅମାବାସ୍ୟା, ୧୮୯୭ ମସିହା, ଡିସେମ୍ବର ୨୩ ତାରିଖ (୧୩୦୫ ସାଲ, ଧନୁ ଦଶଦିନ)। ଏ ଦିନ କାଳୀଚରଣ ଦେଖିଲେ ପହିଲି ସୂର୍ଯ୍ୟାଲୋକ। ବାପା, ମା'ଙ୍କର ଏକୋଇରବଳା ବିଶିକେଶନ 'କାଳୀଚରଣ'। ତାଙ୍କ ଉପରେ ଭାଇ, ଭଉଣୀ ବାହୁଡ଼ି ଥିଲେ। କାଳୀଙ୍କ ବାଲ୍ୟକାଳ, ହସ ଖୁସିରେ ବିତିଲା। ତାଙ୍କ ହେତୁ ହେଲା। ବଡ଼ମ୍ବା ଗଡ଼ରେ ସରସ ସାଂସ୍କୃତିକ ଜୀବନ। ନାଟକ, ଯାତ୍ରା, ଗୋଟିପୁଅ ନାଚ, ରାସଲୀଳା, ମୋଗଲ ତାମସା, କେଳାକେଲୁଣୀ ନାଚ - ବର୍ଷସାରା ଚାଲେ। ପିଲାଦିନୁ କାଳୀଚରଣ ଏସବୁ ଦେଖିଲେ। କଳାପ୍ରତି ତାଙ୍କର ଆଗ୍ରହ ବଢ଼ିଲା। କଥାରେ ଅଛି - 'ଚାଟଘର ପୁଅ ଚାଟ', 'ଓଳି ଘେନି କୋଳି'। ଏ କଥାଟି କାଳୀଚରଣ ଜୀବନରେ ପରୀକ୍ଷିତ। ତାଙ୍କ ବାପା, ଜେଜେବାପାଙ୍କ ସଂଗୀତ ପ୍ରୀତି। ଘରେ ଓଡ଼ିଶୀ ଆସର ଜମେ। କାଳୀଙ୍କ ମା'ଙ୍କର କିଛି କିଛି ସଂସ୍କୃତ ଜ୍ଞାନ, ଛାନ୍ଦ ଚଉପଦୀ ଗାଆନ୍ତି। 'ବୈଦେହୀଶ ବିଳାସ' ଆବୃତ୍ତି କରନ୍ତି। ଭାରି ମଧୁର ତାଙ୍କର ସ୍ୱର। ପିଲାବେଳେ କାଳୀଚରଣ ସଂଗୀତ ପ୍ରତି ଆକୃଷ୍ଟ ହେଲେ। ବଡ଼ମ୍ବାରେ ନାଁ ଡାକ ଚନ୍ଦନଯାତ୍ରା। ରାମଲୀଳା ଜାକଜମକରେ ଚାଲେ। ବିଭିନ୍ନ ଯାତ୍ରା ଦଳ ଆସନ୍ତି। ନାଟକ ଅଭିନୀତ ହୁଏ। ବେଳେ ବେଳେ କାଳୀ ତାଙ୍କ ମା'ଙ୍କୁ ପକଳାପାକଳି କରି ମନ ନିଅନ୍ତି। ତାଙ୍କ ଦାଣ୍ଡରେ ଚାଲେ ଯାତ୍ରା। କାଳୀଚରଣ ଉପଭୋଗ କରନ୍ତି। ଯାତ୍ରା ଆଡ଼େ ତାଙ୍କ ମନ ଚାଲିଲା। ନିଜେ କିଛି କିଛି ଗାଇବାକୁ ଚେଷ୍ଟାକଲେ। ତାଙ୍କର ଶିକ୍ଷକମାନେ, ସମସ୍ତେ ଗୁଣା ଅଧିକେ ସଂଗୀତ-ରସିକ, କେତେଜଣ କବି ବି। କାଳୀଚରଣ ସେମାନଙ୍କ ଠାରୁ ପାଇଲେ ପ୍ରୋତ୍ସାହନ। ଲେଖା ଲେଖି ଆରମ୍ଭ କଲେ। ସେ ଖୋର୍ଦ୍ଧା ହାଇସ୍କୁଲର ଛାତ୍ର। ବାହାରିଲା ସାହିତ୍ୟ ପ୍ରତିକାଟେ - 'ଉଦୁଉଦୁମା'। ଏଥିରେ ତାଙ୍କର କବିତାଟେ ସ୍ଥାନ ପାଇଲା। କାଳୀ ହେଲେ ଉତ୍ସାହିତ। ଅଧିକରୁ ଅଧିକ ଲେଖିଲେ। କଳାଜଗତରେ ନାଁ ରଚିଲେ। ଓଡ଼ିଶାର ନାଁ ଡାକ ପତ୍ରିକା 'ଉତ୍କଳଦୀପିକା' ଆଉ 'ମୁକୁର'। କିଛି ସମୟ ପାଇଁ ଏ ଦୁଇ ପତ୍ରିକାର ସମ୍ପାଦନା ଦାୟିତ୍ୱରେ ଥିଲେ କାଳୀଚରଣ।

କାଳୀଚରଣଙ୍କ ସଂଗୀତମୟ ଜୀବନ। ନଗଦା ନଗଦି ପରୀକ୍ଷା ଦେଇ ଥାଆନ୍ତି। ରହଣି କଟକରେ, ସେଠାରେ ନିତି ଗାଆଣ ବଜାଣ ଚାଲେ। ସେ ସମୟର ଦୁଇ ଓସ୍ତାଦ୍ - ଖାନୁ ମିଆଁ, ମାଧବ ରାଓ। କାଳୀଚରଣ ଆଗରୁ ହିନ୍ଦୁସ୍ତାନୀ ଗାଉଥିଲେ। ଖାନୁମିଆଁ ଠାରୁ ଶିଖିଲେ ଓଡ଼ିଶୀ। ରାଗ-ରାଗିଣୀ, ବାଦୀ-ବିବାଦୀ, ଆରୋହ-ଅବରୋହ, ସ୍ୱର ନିୟମ - ଏ ସବୁ ଓଡ଼ିଶୀର ବିଧି। କାଳୀ ଶିଖିଲେ, କ୍ରମେ ପୋଖତ ହେଲେ। ଏଥି ସହିତ ବଂଶୀ ବାଦନ, ସେତାର ବାଦନ - ସେ ଆଡ଼େ ନିଘା ଦେଲେ। ସାଧନାରୁ ସିଦ୍ଧି। କାଳୀଚରଣ ଏକ ପ୍ରକାର ବିଶାରଦ ପାଲଟିଗଲେ। ଆକୃଷ୍ଟ ହେଲେ ରାସଲୀଳା ଆଡ଼େ। ସାକ୍ଷାତ୍ ହେଲା ଗୋବିନ୍ଦ ଶୂରଦେଓଙ୍କ ସହ। ଶୂରଦେଓ ଜଣେ ନିରୋଳା କଳାକାର, ତାଙ୍କର ଅହେତୁକ ରାସ-ନିଶା। ରାସରେ ତାଙ୍କର ନିଜସ୍ୱ ପରିକଳ୍ପନା। ସେ ଜଣେ ବିଶିଷ୍ଟ ଗୀତିକାର। ଓଡ଼ିଶୀ ଢଙ୍ଗର ଗୀତ, ଛାନ୍ଦବୃତ୍ତ ଧାଡ଼ିରେ, ସ୍ଥାନକୁ ମନାଇ ହିନ୍ଦୁସ୍ତାନୀ ଚୁଟୁକି, ସବୁ ଗୀତ ଗଜଲ ସ୍ୱରରେ, ଏଥିରେ ନଥାଏ କର୍ଣ୍ଣାଟକୀ ଢଙ୍ଗ। ଏଇଟି ଶୂରଦେଓଙ୍କ ବିଶେଷତ୍ୱ। 'ଯାହା ମନ ଯହିଁକି ରସେ' - କାଳୀଚରଣଙ୍କୁ ରାସ ନିଶା ଘାରିଲା। ଓଡ଼ିଶା ସାରା, ଚଖାଇଲେ ରାସ-ରସ, ବେଶ୍ ନାଁ କଲେ। ଦୁର୍ଦ୍ଦିନ ଆସିଲା, ନୂଆଗଡ଼ରେ ଚାଲିଥାଏ ରାସାଭିନୟ। ଟିକଟ ବିକ୍ରି କମିଲା, ଖାଇଖୋରାକି ଉଠିଲାନି। କାଳୀଚରଣ କାମିଜରେ ଲାଗିଥିଲା କେଇଟି ସୁନା ବୋତାମ, ତାକୁ ବିକିଲେ। ମନ ତୁଟିଲା। ରାସଦଳ ଭାଙ୍ଗିଲା, ପୁନଶ୍ଚ ନାଟକ ଆଡ଼େ ମନ। ଗଢ଼ିଲେ 'ଓଡ଼ିଶା ଥିଏଟର୍ସ', ବହୁ ନାଁ କରା ଅନୁଷ୍ଠାନ, ତା' ବି ଉଧେଇଲାନି। କଳାର ଲୋଡ଼ା ପୃଷ୍ଠପୋଷକତା। ତାହା ତ ମିଳିଲାନି। ଧୋବଧାଉଳିଆ, ଗନ୍ତା ଜୋଡ଼ିଆ, ବଡ଼ବଡ଼ିଆ - ସମସ୍ତେ ମାଗଣା ଦେଖିବେ। ତାଙ୍କ ପାଇଁ ପାଶ୍ ଲୋଡ଼ା। ସହଜେ ତ ପାର୍ଟି ହାତରୁ ଖାଇ ଗଣ୍ଡିଲି ବୋହିବା କଥା, ସେଥିରେ ପୁଣି ଏ ଅବ୍ୟବସ୍ଥା। ଓଡ଼ିଶା ଥିଏଟର୍ସର ସମଦଶା। କାଳୀଚରଣଙ୍କ ଦଶ ଦିଗ ଅନ୍ଧାର, ସାହାରାହା ନାହିଁ, କାଳିଆ ଏକା ସାହା ଭରସା।

'ଯାହା କରିବେ ସାଇଁ, ତା' କାହାରି ହାତରେ ନାହିଁ' - କାଳୀଚରଣ ଏକଥା ଜାଣିଥିଲେ। ଜୀବନରେ ଆସିଛି ଦୁଃଖ, ପାଣି ପରି ମିଳେଇ ଯାଇଛି, ପୁଣି ନୂଆ ସାହା ରାହା। ତାଙ୍କ ମେଟ୍ରିକ୍ ପରୀକ୍ଷା ବର୍ଷ, ବାପା ଆରପାରିକି ବାଟ କାଟିଲେ। କଲେଜ ପଢ଼ା ସରିଲା। ଏବେ ଜୀବନ-ଜୀବିକା କଥା, ଚାକିରି ଆଡ଼େ ମନ ବଳାଇଲେ। ସାହାଯ୍ୟର ହାତ ବଢ଼େଇଲେ ବଡ଼ମ୍ବା ରାଜା। କାଳୀଚରଣ 'ରାମ୍‌ସେ' ସାହାବଙ୍କୁ ଭେଟିଲେ। ସାହାବଙ୍କ କୋଠି ସମ୍ବଲପୁରରେ। ସାହାବଙ୍କ ଆଶୀର୍ବାଦ, ଶେଷରେ ପାଇଲେ ଚାକିରି ଖଣ୍ଡେ। ଖଣ୍ଡପଡ଼ା ରାଜା ଭାରି ସଂଗୀତ ରସିକ। ପହିଲି ଦେଖା, ରାଜାଙ୍କୁ ଖାଲି ହାତରେ ସାକ୍ଷାତ ଅବିଧି। ବାପ ଛେଉଣ୍ଡ କାଳୀଚରଣ। କି ଭେଟି ବା ଦେବେ? ନିଜେ ଲେଖିଥିଲେ ଚଉପଦୀଟେ - "ସୁଧା ସିନ୍ଧୁହେ! କାହିଁ ଲୁଚାଇଛୁ ଧନ, ପୂର୍ଣ୍ଣ ମୁଖ ଇନ୍ଦୁ।" ଏଇଟି ଘୋଷା, ଗୀତଟିର ଭଣିତି - "ସ୍ୱପ୍ନେ ଜାଗରଣେ ହୋଇ ବଣା / କ୍ଷଣ କ୍ଷଣକେ ଦିଶୁ ବିଚକ୍ଷଣା / କିଣା ଠାରୁ ମୁଁ ଅଧିକ କିଣା / ରାମଚନ୍ଦ୍ର ନୃପ ଭାଷେ ମନେଥିବି ବନ୍ଧୁ।" ରାଜାଙ୍କ ନିର୍ଦ୍ଦେଶ, କାଳୀ ସେଇ ଗୀତଟି ଗାଇଲେ। ମଧୁରିଆ ସୁର। ରାଜା ବିହ୍ୱଳ। କାଳୀଙ୍କୁ ମିଳିଲା ଚାକିରିଟେ। ରାଜାଙ୍କ ଆଦର, କାଳୀଚରଣ ଘିଅ ମହୁରେ ଭାସିଲେ। (କ୍ରମଶଃ)

# ନିଭୃତ ନାରୀତ୍ୱର ଅଜସ୍ର ବ୍ୟଥା !


ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୬୧୩

ପଦୁଟିଏ ମା' ଡାକରେ ମାତୃତ୍ୱର ହୃଦୟରେ ଭୂମିକମ୍ପ ସୃଷ୍ଟିହେବା ସାଙ୍ଗକୁ ପୃଥିବୀ ଆକାଶର ଶୂନ୍ୟତାକୁ ସତେ ଯେପରି ପୂର୍ଣ୍ଣତାରେ ଭରିଦିଏ ଯୁଗ ଆରମ୍ଭରୁ ଶେଷ ଯାଏ । ମା'କୁ ଆମେ ଶ୍ରଦ୍ଧା କରୁଛୁ । ସେମାନେ ମାନସିକ ସ୍ତରରେ ଶକ୍ତିଶାଳୀ । ଏଇ ବିଶ୍ୱର ୮୦୦ କୋଟି ଜନସଂଖ୍ୟାରୁ ୪୦୦ କୋଟି ନାରୀ ।

ବାସ୍ତବରେ ପୁରୁଷମାନଙ୍କ ଅପେକ୍ଷା ନାରୀମାନେ ଅଧିକ ବୁଦ୍ଧିମତୀ, ସାହସୀ, ସଚ୍ଚୋଟ, ଧୈର୍ଯ୍ୟଶୀଳା, ଶକ୍ତିଶାଳିନୀ, ସୁକୁଶଳା ଏବଂ ସ୍ୱାଭିମାନିନୀ। ବରଂ ନାରୀକୁଳକୁ ଦୁର୍ବଳ କରି ରଖିବାଦ୍ୱାରା ଭାରତବର୍ଷର ପୁରୁଷ ଆଜି ଖୋଦ୍ ଶକ୍ତିହରା। ନାରୀଜୀବନ ଏବେ ମଧ୍ୟ ପୁରୁଷର ପଣ୍ୟଶାଳାରେ ପଣବନ୍ଦିନୀ। ନାରୀଜାଗୃତିର ଦିନ ଏବେ ମଧ୍ୟ ଅପହଞ୍ଚ। ବହୁକାଳରୁ ଆଜି ପର୍ଯ୍ୟନ୍ତ ନାରୀଜାତିକୁ ପୁରୁଷପ୍ରଧାନ ସମାଜ ପଦଦଳିତ କରିରଖିଛନ୍ତି। ଆଦିମ କାଳରେ ନାରୀପ୍ରଧାନ ସମାଜ ଥିଲା। ସମୟକ୍ରମେ ସବୁ ବଦଳିଗଲା। ଆଜି ସେ ନାରୀଙ୍କୁ ଆମେ ଉପଯୁକ୍ତ ମର୍ଯ୍ୟାଦା ଦେଉନୁ । ନାରୀମାନେ ବରାବର ଚାପିହୋଇ ରହିଛନ୍ତି । ଯେ ପର୍ଯ୍ୟନ୍ତ ନାରୀମାନଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଇନି – ସେ ପର୍ଯ୍ୟନ୍ତ ସମାଜ ଆଗେଇପାରିବ ନାହିଁ ।

ସମାଜରେ ନାରୀମାନଙ୍କୁ ଯେଉଭଳି ସମ୍ମାନ ଦେବା କଥା - ତାହା ଦିଆଯାଉନି। ବରଂ ନାରୀମାନଙ୍କ ଶରୀର-ସୌନ୍ଦର୍ଯ୍ୟକୁ ନେଇ ଫୁଙ୍ଗୁଳା ଫେସନ୍‌ଶୋ ଠାରୁ ଆରମ୍ଭ କରି ବିସ୍ତୃତତର ବିଜ୍ଞାପନୀ ବଜାରର ହଜାରେବେପାର କରାଯାଉଛି। ଯୌବନକୁ ନେଇ ଖେଳ ଖେଳାଯାଉଛି। ଶିଶୁକନ୍ୟାଠାରୁ ଆରମ୍ଭ କରି ବର୍ଷୀୟସୀ ନାରୀ, ଏପରିକି ବୃଦ୍ଧା ପର୍ଯ୍ୟନ୍ତ ପାଶବିକ ଅତ୍ୟାଚାରର ଜଘନ୍ୟ ଶିକାର ହୋଇଥିବାର ଖବର ବାଣ୍ଟୁଛି ଗଣମାଧ୍ୟମ। ଘୃଣ୍ୟବିକୃତି ପାଇଛି ପୂର୍ଣ୍ଣସ୍ୱୀକୃତି । ନାରୀ ପ୍ରତି ଅଶାଳୀନତା, ଅବିବେକିତା, ଅସହିଷ୍ଣୁତାର ସ୍ତୂପୀକୃତ ଔଦ୍ଧତ୍ୟ ବର୍ତ୍ତମାନ ହିମାଳୟ ପର୍ବତଶୃଙ୍ଗ ଏଭରେଷ୍ଟ ଉଚ୍ଚତାକୁ ସୁଦ୍ଧା ଟପିସାରିଲାଣି। ସ୍କୁଲକଲେଜ, ସହରବଜାର, ଅଫିସଦପ୍ତର ସବୁଠି ନାରୀମାନଙ୍କ ପ୍ରତି ଅବମାନନା, ଅସଦାଚାର ସୀମାଲଂଘନ କରିବାରେ ଲାଗିଛି। କିଛି କ୍ଷେତ୍ରରେ ଅବଶ୍ୟ ନାରୀସମାଜ ମୁକାବିଲା କରୁଛି – ମାତ୍ର ତାହାର ନମୁନା ନଗଣ୍ୟ। ଗଣଦୁଷ୍କର୍ମ ଦିନକୁଦିନ ବଢିଚାଲିଛି। ଦିନେକାଳେ ଦେଖା ଦେଇନଥିବା ଆମର ନେତାମାନେ, ଦଳମାନେ, ସଂଗଠନମାନେ, ବଡ଼ପଣ୍ଡାମାନେ ନାରୀଙ୍କ ପ୍ରତି କେଉଁଠି କ'ଣ ଅଘଟଣ ଘଟିଗଲେ – ରାସ୍ତାଜାମ୍ କରିଦିଅନ୍ତି। ଟି.ଭି, ଖବରକାଗଜରେ ଆପଣାର ବଚନ ବଖାଣି ବଦନ ଦେଖାନ୍ତି। କିନ୍ତୁ ନାରୀମୁକ୍ତିର ଅସଲ ଆନ୍ଦୋଳନ ଲୁଚିଯାଇଛି। ସବୁ ନାରୀ ମୁକ୍ତ ବୋଲି ଯେଉଁଦିନ ଜାଣିପାରିବେ, ସେଦିନ ନାରୀଶକ୍ତି ହିଁ ସାରା ପୃଥିବୀରେ ରାଜୁତି କରିବ। ଯୁଗଯୁଗ ଧରି ନାରୀ ଆପଣାକୁ ଆମ ସାମାଜିକ ପ୍ରଥାର ପିଞ୍ଜରାରେ 'ବନ୍ଦିନୀ' ଭାବେ ଗ୍ରହଣ କରିନେଇ ଗୋଟିଏ ବାଧ୍ୟତାମୂଳକ ଜୀବନ ବିତାଇଚାଲିଥିବାରୁ ସେମାନଙ୍କୁ ପୁରୁଷଜାତି ଦୁର୍ବଳ ବୋଲି ଧରିନେଇ ଅଧିକାର ଜାହିର୍ କରିଚାଲିଛି। ମନ୍ଦିରରେ ଦେବଦାସୀ ଆଉ ଗୃହାଙ୍ଗନରେ ସେବାଦାସୀ ହେବାଟା କଣ ଭାରତୀୟ ନାରୀର ଧର୍ମାନୁମୋଦିତ ମୁକ୍ତିମାର୍ଗ ?

ପୁରୁଷପ୍ରଧାନ ସମାଜବ୍ୟବସ୍ଥା ଏକ ବିଜ୍ଞାପନଧର୍ମୀ ପୋଷାକୀ ପୁଂଜିବାଦର ପଣ୍ୟଶାଳା। ଏ ପଣ୍ୟଶାଳା ଏଯାବତ ନାରୀକୁ ନଗ୍ନ ଓ ନଗଣ୍ୟ କରି ବିସ୍ତାର କରିଆସିଛି ନିଜ ବିଷାକ୍ତ ବିପଣିର ବୀଭତ୍ସ ବଜାର। ଏ ପୋଷାକୀ ପୁଂଜିବାଦର ବିଭିନ୍ନ ବିକୃତି ପ୍ରକାଶ ପାଉଛି ସମକାଳୀନ ଧର୍ମାଧର୍ମାନ୍ତରରେ, ରାଜନୀତିକ ରୂପାନ୍ତରରେ – ସମାଜ-ସଂସ୍କୃତି-କଳା-ସାହିତ୍ୟ-ସାମ୍ବାଦିକତାର ଶ୍ରୀହୀନ କ୍ଷେତ୍ରରେ – ଏପରିକି ଆଜିକାର ପାରିବାରିକ ପରଦା ଅନ୍ତରାଳରେ ବି। ପୁଂଜିବାଦ ଦ୍ୱାରା ନିୟନ୍ତ୍ରିତ ବିତ୍ତୀୟବଜାରୀକରଣ ବର୍ତ୍ତମାନର ବସ୍ତୁବାଦୀ ସମାଜବ୍ୟବସ୍ଥାକୁ ଯେଉଁ ଅମାନୁଷିକ ଅର୍ଥନୀତିର ସୂତ୍ରରେ ପ୍ରସ୍ତୁତ କରିବାରେ ସକ୍ରିୟ, ଅଦୂର ଭବିଷ୍ୟତରେ ତାହାର ଦୁଷ୍ପରିଣାମ ସମସ୍ତଙ୍କୁ ଭୋଗିବାକୁ ପଡ଼ିବ – କି ନାରୀ କି ପୁରୁଷ। ଏଇଭଳି ଯେତେବେଳେ ପରିସ୍ଥିତି, ସେତେବେଳେ ଆଧୁନିକ ଜୀବନ ଏକ ବଜାରସର୍ବସ୍ୱ ବିଜ୍ଞାପନ ଛଡ଼ା ଆଉ କ'ଣ ହୋଇପାରେ ? ଜୀବନ ତେଣୁ ଜୀବିକାର ଜତୁଗୃହରେ ଜର୍ଜରିତ – ଜ୍ୱଳନ ଓ ସ୍ଖଳନ ମଧ୍ୟରେ ନିଃଶେଷପ୍ରାୟ। ଏଇ ପରିପ୍ରେକ୍ଷୀରେ ନାରୀ ଆଜି ନିଜ ଅଜ୍ଞାତସାରରେ ଏ ପୁରୁଷଶାସିତ ବ୍ୟବସ୍ଥାରେ ସୌଖୀନ୍ ସାମଗ୍ରୀ ପାଲଟିସାରିଛି କାହିଁ କେଉଁଦିନୁ। ତାର ନିୟତି ନିୟନ୍ତ୍ରିତ, ନିର୍ବାଣ ନଷ୍ଟ। ନାରୀ ! ଆଜି ବି ପୁରୁଷର ପ୍ରଶାସନିକ ପ୍ରହେଳିକାରେ ସେ ପ୍ରବାସିନୀ। ରୂପ-ତୃଷ୍ଣା-ବେଦନାର ମୂର୍ତ୍ତିମତୀ ପ୍ରକୃତି ସେ- ଦ୍ୱିତୀୟ ପ୍ରକୃତି- ନିରୁଦ୍ଧ ନାରୀତ୍ୱର ଐକାନ୍ତିକୀ ଆକୃତିରେ। କାଳ ପରେ କାଳ, ଯୁଗ ପରେ ଯୁଗ, ସଭ୍ୟତା ପରେ ସଭ୍ୟତାର ଶୋଭାଯାତ୍ରା ଅପସରିଯାଇଛି ବହୁବିଧ ଘଟଣାର ଘୂର୍ଣ୍ଣିବଳୟରେ। ମାତ୍ର ଅକୁହା ରହିଯାଇଛି ଅନେକ କଥା ... ନିଭୃତ ନାରୀତ୍ୱର ଅଜସ୍ର ବ୍ୟଥା ! ପଶୁପୁରୁଷର ପଦାନତା, ନିଗୃହୀତା ନାରୀ ନିଜ ନିର୍ଯାତନାର କରୁଣ କାହାଣୀ ବୟାନ କରିପାରିବ କାହା ସାମ୍ନାରେ ? ଯେଉଁ ସମାଜ ସାମ୍ନାରେ ନାରୀକୁ ନିଜ ସତ୍ୟପାଠ କରିବାକୁ ପଡ଼ିବ, ସେ ସମାଜର ଅଧିକର୍ତ୍ତା ତ ପୁରୁଷ ! ପୁରୁଷର ସମାଜରେ ସେ କେବଳ ଦାସୀ, କେତେବେଳେ କ୍ରୀତଦାସୀ ତ କେତେବେଳେ ବିତ୍ତସେବା ଦାସୀ... ଘରକୁ ମନ୍ଦିର କଲାବେଳକୁ ଶେଷରେ ଜାଣେ ଯେ ସେ ମନ୍ଦିର ହେଉଛି ଗୁଡ଼ାଏ ନିର୍ଜୀବ ପଥରର ନିର୍ଘାତ ନିଶାଣ ... ସଂସାରକୁ ସାର ମଣିଲାବେଳକୁ ଠିକ୍ ଏରୁଣ୍ଡିବନ୍ଧ ଟପିସାରି ଅନୁଭବ କରିନିଏ ଯେ ସେ ସଂସାର ହେଉଛି ମେଞ୍ଚାଏ ମିଛମାୟାର ମାମୁଲି ମିଶାଣ !

ନାରୀ ମୁକ୍ତ ହେଉ। ପୁରୁଷମାନଙ୍କ ସହ ସମାନ ଅଧିକାର କେବଳ କଥାରେ ନୁହେଁ – କାମରେ, ଅଭ୍ୟାସରେ, ଚିନ୍ତାରେ ପ୍ରକଟିତ ହେଉ। ପ୍ରେମସ୍ନିଗ୍ଧ ନାରୀତ୍ୱର ହୃଦୟଭରା ଭାଷା କେବେହେଲେ ଅରଣ୍ୟରୋଦନ ନହେଉ – କାମବିକୃତ ପୁରୁଷଶାସିତ ସମାଜବ୍ୟବସ୍ଥାର ଚକ୍ରବ୍ୟୂହରେ। ଉଠ ନିଦ୍ରିତା, ଜାଗ ଜଡ଼ପାଷାଣୀ ! ଅସ୍ତଚନ୍ଦ୍ରର ଅନ୍ଧକାରରେ ଅନ୍ୱେଷଣ କର ନିଜ ଅନବଦ୍ୟ ଭୋରର ଭାରତବର୍ଷ... ଆଖି ଖୋଲ ଅହଲ୍ୟା, ତୁମ ଶିଳାଶରୀରରେ ଏବେ ସଞ୍ଚରିତ ହେବାକୁ ଯାଉଛି ଆଲୋକକାମୀ ଆତ୍ମାର ସ୍ପନ୍ଦନମୟ ସ୍ପର୍ଶ। ରକ୍ଷା କର ମା' ଭଉଣୀମାନେ, ଏ ଦେଶକୁ !

ସୈନ୍ୟବାହିନୀରେ ନାରୀମାନେ ଯୋଗଦେଇ ବିଦେଶୀ ଶତ୍ରୁ ବିରୋଧରେ ଲଢିବା ଏଇ କେତେବର୍ଷ ତଳେ ବେଶ୍ ଚର୍ଚ୍ଚାର ଖୋରାକ ଯୋଗାଇଥିଲା ! ବିଦେଶୀ ଶତ୍ରୁଙ୍କୁ ଆମେ ଚିହ୍ନିପାରିବା – ଦେଖିପାରିବା। କିନ୍ତୁ ଦେଶୀ ଶତ୍ରୁ ଅଦେଖା – ପଣପଣ। ତାଙ୍କ ବିରୋଧରେ ଏ ପର୍ଯ୍ୟନ୍ତ ଯୁଦ୍ଧଘୋଷଣା ହେଉନି। ଯେତେଦିନ ପର୍ଯ୍ୟନ୍ତ ଦେଶୀ ଶତ୍ରୁମାନେ ଗାଁ ଗଣ୍ଡା, ସହର ବଜାର, ଖଣିଖାଦାନ, ପାହାଡ଼, ଜଂଗଲ ରାଜଧାନୀରେ ଖୁଲମ୍‌ଖୁଲା ବୁଲୁଥିବେ- ସେ ପର୍ଯ୍ୟନ୍ତ ଦେଶ ଅସୁରକ୍ଷିତ। ମୋର ଏଠାରେ କହିରଖିବା ଦରକାର ଯେ ଏ କ୍ଷେତ୍ରରେ ଦେଶର ନାରୀ ହିଁ ଏହି ଦେଶୀ ଶତ୍ରୁମାନଙ୍କ ମୁଖା ଖସାଇଦେବାରେ ସବୁଠୁ ବଡ଼ ପଦକ୍ଷେପ ନେଇପାରିବେ। କିପରି ? ହଁ, ଗୃହିଣୀମାନେ ଯଦି ସ୍ୱାମୀ ଦୁର୍ନୀତିଗ୍ରସ୍ତ ବୋଲି ଜାଣିପାରନ୍ତି, ତା'ହେଲେ ତାଙ୍କ ପାପଧନରେ ନିଜକୁ ରାଣୀ ରୂପରେ ସଜାଇବାର ସୌଖୀନ୍ ମୋହ ଛାଡ଼ି, ସେମାନଙ୍କୁ ଗୃହର ତ୍ରିସୀମା ବାହାରେ ତର୍ଜନୀ ସଂକେତ ଦ୍ୱାରା ରାସ୍ତା ଦେଖାଇଦିଅନ୍ତୁ। ଭଉଣୀମାନେ ଅସଦାଚାରୀ ଭାଇମାନଙ୍କୁ ମାମୁଘରକୁ ପଠାଇବାର ମିଳିତ ବନ୍ଦୋବସ୍ତ କରନ୍ତୁ। ଝିଅମାନେ ଉପୁରିପଇସାରେ ଜୋଇଁପୁଅ କିଣିବାକୁ ଯୋଜନା କରୁଥିବା ବାପାମାନଙ୍କୁ ନିଜ ନିଜର ବାହାଘର ବେଦୀସଜା ପାଇଁ ବାରଣ କରନ୍ତୁ। ମାଆମାନେ କୁଳାଙ୍ଗାର ପୁଅମାନଙ୍କୁ ମୁହଁ ନଦେଖାଇବାର କଠୋର ଆଦେଶ ଶୁଣାଇଦିଅନ୍ତୁ। ଦେଖିବା କେମିତି ନବମାନବ ସମାଜର ନିଅଁଖୋଳା ନହେବ ?

ସାଂପ୍ରତିକ ପୂତିଗନ୍ଧମୟ ଶୋଷଣମୂଳକ ପୁଞ୍ଜିବାଦୀ ସମାଜବ୍ୟବସ୍ଥାର ନିର୍ଦ୍ଦେଶରେ ନାରୀମାନେ ଯେଉଁ ଜୀବନଶୈଳୀକୁ ଆପଣାଇ ନେଇଛନ୍ତି, ସେ ଜୀବନଶୈଳୀ କ'ଣ ପ୍ରକୃତରେ ସେମାନଙ୍କ ପକ୍ଷରେ ଆତ୍ମତୃପ୍ତିକର ମର୍ଯ୍ୟାଦାଜନକ ଆଭିମୁଖ୍ୟର ପରିଚାୟକ ହୋଇପାରେ କେବେ ? ସ୍ୱାଧୀନତା ନାରୀର ଉତ୍ସୁକତା ନୁହେଁ – ସମ୍ମାନବୋଧ ସହ ଆଗେଇବାକୁ ହେବ – ସମୟ ବଦଳୁଛି – ଯେଉଁମାନେ ସନ୍ତାନ ସୃଷ୍ଟିକରି ଲାଳନପାଳନ କରୁଛନ୍ତି ସେମାନେ ମଧ୍ୟ ଦେଶକୁ ସମ୍ଭାଳିପାରିବେ ।

ଟିକେ ଚିନ୍ତା କରନ୍ତୁ – ଏ ଦେଶ କାହାର ? ଯେଉଁମାନେ ସରକାର ଚଳାଉଛନ୍ତି – କେବଳ ତାଙ୍କର ନା ୧୪୦ କୋଟିରୁ ଉର୍ଦ୍ଧ୍ୱ ଲୋକଙ୍କର ? ସମୁଦାୟ ଦେଶର ୯୦ଭାଗ ଲୋକ ଯେତେବେଳେ ଅସୁରକ୍ଷିତ- ତାହେଲେ ୧୦ ଭାଗ ଲୋକଙ୍କ ସଂପତ୍ତି କ୍ଷମତାକୁ ଜଗିବାପାଇଁ ଆମ ମିଲିଟାରୀ ଆଉ ପୁଲିସବାହିନୀ ନିଯୁକ୍ତ ହେଉଛନ୍ତି। ରାଜକୋଷରୁ ଲୋକଙ୍କ ଟିକସରୁ ସିଂହଭାଗ ଖର୍ଚ୍ଚ କରୁଥିବେ ଶାସନକ୍ଷେତ୍ରର ଆସନ ଗ୍ରହଣକାରୀବର୍ଗ। ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନନ୍ୟ ଅଗ୍ନିସ୍ଫୁଲିଙ୍ଗ ନେତାଜୀ ସୁଭାଷ ବୋଷଙ୍କ ଆଜାଦ୍ ହିନ୍ଦ ଫୌଜ ଭଳି ଆଜିର ଭାରତୀୟ ସାମାଜିକ ଆନ୍ଦୋଳନର ଅସଲ କାଣ୍ଡାରୀ ହେବାକୁ ଯାଉଛି ଏ ନାରୀଶକ୍ତି । ସେମାନଙ୍କୁ ଶତକୋଟି ସଲାମୀ ସମ୍ମାନ ଦେବାକୁ ମୁଁ ମଥାନତ କରୁଛି।


ଡ. ସୀତାକାନ୍ତ ତ୍ରିପାଠୀ
ଭଦ୍ରକ
ମୋ-୯୭୭୮୭୬୪୩୯୪
tripathysk1947@gmail.com

# ଆହାରେ ଭଲ ମନ୍ଦ ନାହିଁ

ଭାଗବତରେ ଲେଖା ଅଛି 'ଆହାରେ ଭଲ, ମନ୍ଦ ନାହିଁ ଯେସ୍ଥାନେ ଯେମନ୍ତ ମିଳଇ' । ଅର୍ଥାତ୍ ଯେଉଁ ଜାଗାରେ ଯେଉଁ ପ୍ରକାର ଖାଦ୍ୟ ମିଳିବ ସେଥି ମଧ୍ୟରୁ ଭଲ ଖାଦ୍ୟ ବାଛି ଖାଇବା ଦରକାର। କାରଣ ଖାଦ୍ୟ ଭିତରେ ହିଁ ଜୀବନି ଶକ୍ତି ରହିଛି ଏବଂ ଏଥିରେ ମନ୍ଦର ସ୍ଥାନ ନାହିଁ । କିନ୍ତୁ ଏହାକୁ ଲୋକମାନେ ଅପଭ୍ରଂଶ କରି ଖାଦ୍ୟରେ ଭଲ ମନ୍ଦ ବିଚାର ନକରି ଯେଉଁଠି ଯାହା ମିଳେ ତାହା ଖାଇ ଦେବା କଥା ବିଚାର କରିଥାଆନ୍ତି । ତେବେ ସ୍ଥାନ, କାଳ ଓ ପାତ୍ର ଭେଦରେ ଭଲ ଓ ମନ୍ଦ ସଂଜ୍ଞାରେ ମଧ୍ୟରେ ଭିନ୍ନତା ଆସିଥାଏ । ଯେମିତି ରାତିରେ ଦହି ଖାଇବା ଓଡ଼ିଶାରେ ବର୍ଜନୀୟ କିନ୍ତୁ ଦକ୍ଷିଣ ଭାରତର ଲୋକମାନଙ୍କ ଖାଦ୍ୟରେ ଦହି ଏକ ଅବିଚ୍ଛେଦ୍ୟ ଅଙ୍ଗ ସିଏ ଦିନ ହେଉ କିମ୍ବା ରାତି । ଠିକ୍ ସେହିଭଳି ଶୋଷ ମେଣ୍ଟାଇବା ପାଇଁ ଆମେ ଯଥେଷ୍ଟ ପାଣି ପିଇବାର ଆବଶ୍ୟକତା ଥିବାବେଳେ କିଡ଼ନୀ ରୋଗୀଙ୍କ ପାଇଁ ସିମୀତ ପାଣି ପିଇବା ପାଇଁ ପରାମର୍ଶ ଦିଆଯାଇଥାଏ । ଖରାଦିନେ ଲସି ପିଇବା ସ୍ୱାସ୍ଥ୍ୟ ପାଇଁ ଯେତେ ହିତକର ହୋଇଥାଏ ଶୀତଦିନେ ତାହା ବର୍ଜନ କରିବା ପାଇଁ କୁହାଯାଇଛି । ବୈଜ୍ଞାନିକମାନେ ମଧ୍ୟ ସ୍ୱାସ୍ଥ୍ୟରକ୍ଷା ପାଇଁ ଋତୁଭିତ୍ତିକ ଏବଂ ସ୍ଥାନୀୟ ଫଳମୂଳ, ପରିବା ଆଦି ବ୍ୟବହାର ଉପରେ ଗୁରୁତ୍ୱ ଆରୋପ କଲେଣି ଓ ଏତଦ୍‌ବ୍ୟତିତ ଖାଦ୍ୟ କେବଳ ଆମର କ୍ଷୁଧା ଏବଂ ତୃଷା ମଧ୍ୟରେ ସୀମିତ ନୁହେଁ ବରଂ ଆମର ଦଶ କର୍ମେନ୍ଦ୍ରିୟ ଏବଂ ଜ୍ଞାନେନ୍ଦ୍ରିୟ ମାନଙ୍କ ପାଇଁ ମଧ୍ୟ ଖାଦ୍ୟ ଦରକାର । ଆଖି ପାଇଁ ଯେମିତି ଖାଦ୍ୟ ହେଉଛି ବିଭିନ୍ନ ଦୃଶ୍ୟ ତାହା ବହି, ଚିତ୍ର, ନାଟକ, ଚଳଚ୍ଚିତ୍ର କିମ୍ବା ବିଭିନ୍ନ ପ୍ରାକୃତିକ ଓ କୃତ୍ରିମ ଉତ୍ସ ହୋଇପାରେ । ଠିକ୍ ସେହିଭଳି କାନ ପାଇଁ ମଧ୍ୟ ବିଭିନ୍ନ ଶବ୍ଦ, ଭାଷା, ଏବଂ ଆଳାପ ଆଲୋଚନା ଆନନ୍ଦ ପ୍ରଦାନ କରିଥାଏ । କିନ୍ତୁ ତାହା ଗଠନ ମୂଳକ ତଥା ଉଭୟ ବ୍ୟକ୍ତି ଓ ସମାଜ ପାଇଁ ହିତକର ହେବା ଦରକାର କାରଣ ଖାଦ୍ୟ ଏବଂ ପାନୀୟ କେବଳ ବ୍ୟକ୍ତିର ଶରୀର ଓ ମନ ଉପରେ ପକାଇ ଥାଏ କିନ୍ତୁ ବିଭିନ୍ନ ଇନ୍ଦ୍ରିୟ ମାନଙ୍କର ଖାଦ୍ୟ ଗୁଡ଼ିକ କୌଣସି କାରଣରୁ ଅପମିଶ୍ରିତ କିମ୍ବା ସଂସ୍କାରଧର୍ମୀ ନହେଲେ ତାହା କେବଳ ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରେ ନାହିଁ ବରଂ ଉଭୟ ସମାଜ ଓ ରାଷ୍ଟ୍ରର କ୍ଷତି ସାଧନ କରିଥାଏ । ମଣିଷର ବିଶେଷତ୍ୱ ହେଉଛି ଖାଦ୍ୟ ଗ୍ରହଣ ସମୟରେ ବିବେକର ପ୍ରୟୋଗ । ଯଦିଓ ପଶୁପକ୍ଷୀ ମାନଙ୍କର ଖାଦ୍ୟ ସାଧାରଣତଃ ପ୍ରକୃତି ଦ୍ୱାରା ନିୟନ୍ତ୍ରିତ କିନ୍ତୁ ମଣିଷର ଖାଦ୍ୟ ତାର ବିବେକ ଦ୍ୱାରା ନିୟନ୍ତ୍ରିତ । ବେଳେବେଳେ ମଣିଷ ମଧ୍ୟ ପଶୁପକ୍ଷୀଙ୍କର ଖାଦ୍ୟକୁ ନିୟନ୍ତ୍ରଣ କରିଥାଏ । କେତେକ ସମୟରେ ମଣିଷ ନିଜର ସ୍ୱାର୍ଥ ପାଇଁ ପଶୁପକ୍ଷୀ ମାନଙ୍କୁ ଅପ୍ରାକୃତିକ ଖାଦ୍ୟ ପାନୀୟ ଦେଇଥାଏ ଯେଉଁଥିପାଇଁ ସେମାନେ ମଧ୍ୟ ବିଭିନ୍ନ ଅପ୍ରାକୃତିକ ବ୍ୟବହାର ଦେଖାଇବା ଆରମ୍ଭ କଲେଣି । ଯାହା ଉଭୟ ପ୍ରକୃତି ଓ ମଣିଷ ସମାଜ ଉପରେ କୁପ୍ରଭାବ ପକାଉଛନ୍ତି ଯାହା ଆମ ମନୁଷ୍ୟ ସମାଜ ପାଇଁ ବଡ଼ ଆହ୍ୱାନ । ନିକଟରେ ସିଙ୍ଗାପୁର ସରକାର ମସଲା ଗୁଡ଼ିକରେ ଆବଶ୍ୟକତା ଠାରୁ ଅଧିକ ଇଥିଲିନ୍ ଅକ୍ସାଇଡ୍ ଥିବାରୁ ଭାରତର ଦୁଇ ନାମୀ ମସଲା କମ୍ପାନୀଙ୍କୁ ତାଙ୍କ ଦେଶରୁ ବାସନ୍ଦ କରିଛନ୍ତି । ତେଣୁ ସମସ୍ତ ଖାଦ୍ୟ ନିୟମିତ ଯାଞ୍ଚ ହେବା ନିତାନ୍ତ ଦରକାର । ବିଭିନ୍ନ ସମୟରେ ମଧ୍ୟ ଅନେକ ବିଦେଶୀ ଗଣମାଧ୍ୟମ ଗୁଡ଼ିକ ରାଷ୍ଟ୍ରର ଶିକ୍ଷା, ସଂସ୍କୃତି ସଭ୍ୟତା ସମ୍ପର୍କରେ ଅନେକ ଅଶାଳୀନ ଟୀକ୍କା ଟିପ୍ପଣୀ ଦେଇ ଥାଆନ୍ତି ସେସବୁ ପ୍ରତି ଆମେ ସଚେତନ କି ? ତେଣୁ ଆହାର ଭଲ ହେବା ଦରକାର ଏବଂ ଏଠାରେ ମନ୍ଦର ସ୍ଥାନ ନାହିଁ ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : **ଜୟାଶୀଷ ରାୟ**





# ଲକ୍ଷ୍ମୀପୁରରେ ହେବ ତ୍ରିକୋଣୀୟ କଡ଼ା ମୁକାବିଲା

କୋରାପୁଟ, ନ୍ୟୁଜ୍

ଲକ୍ଷ୍ମୀପୁର ଦେଖିବ ତ୍ରିକୋଣୀୟ ମୁକାବିଲା। ବିଜେଡି, ବିଜେପି ଏବଂ କଂଗ୍ରେସ ତିନି ପ୍ରମୁଖ ଦଳ ମଧ୍ୟରେ ହେବ କଡା ମୁକାବିଲା। ପୂର୍ବତ ବିଧାୟକ କୈଳାସ କୁଲସିକା ବିଜେଡି ଛାଡି ବିଜେପିରେ ଯୋଗ ଦେବା ପରେ ଦଳ ତାଙ୍କୁ ଟିକେଟ ଦେଇଛି। ଏହି ନିର୍ବାଚନ ମଣ୍ଡଳୀରେ ବିଜେପି ପ୍ରାର୍ଥୀଙ୍କ ଭଲ ଜନ ସମ୍ପର୍କ ରହିଥିବା ଆଲୋଚନା ହେଉଛି। ଯାହାକି ଚଳିତ ନିର୍ବାଚନରେ ବିଜେପି ପ୍ରାର୍ଥୀ ଖେଳ ବିଗାଡିବାର ସମ୍ଭାବନାକୁ ଏଡାଇ ଦେଇ ହେବନାହିଁ। ଅନ୍ୟପକ୍ଷରେ ପ୍ରଥମ ଥର ପାଇଁ ନିର୍ବାଚନ ରଣାଙ୍ଗନରେ କଂଗ୍ରେସ ଟିକେଟ ପାଇ ନିର୍ବାଚନ ଲଢୁଛନ୍ତି ପବିତ୍ର ସାଉନ୍ତା। ପ୍ରଥମ ଥର ପାଇଁ ନିର୍ବାଚନ ଲଢୁଥିଲେ ବି କଂଗ୍ରେସ ପ୍ରାର୍ଥୀଙ୍କ ବି ଭଲ ଲୋକ ସମ୍ପର୍କ ରହିଥିବା ଆଲୋଚନା ହେଉଛି। ଏପରିକି ଇତିହାସ କହୁଛି ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ଦବଦବା ପୂର୍ବରୁ ରହି ଆସିଛି। ତେଣୁ ଏଠାରେ ଖେଳ ଓଲୋଟ ପାଲଟ ବି ହୋଇପାରେ। ସେହିପରି ବିଜେଡି ତରଫରୁ ବିଧାୟକ ପ୍ରଭୁଜାନୀ ପୁର୍ନବାର ଟିକେଟ ପାଇ ନିର୍ବାଚନକୁ ଓହ୍ଲାଇଛନ୍ତି। ଶାସକ ଦଳର ବିଧାୟକ ହୋଇଥିବାରୁ ସେ ଖୁବ୍ ଆଶାବାଦି ଅଛନ୍ତି । ନିର୍ବାଚନ ପାର ହେବା ପାଇଁ। ବିଗତ ନିର୍ବାଚନରେ ଅଳ୍ପ ଭୋଟ୍ ବ୍ୟବଧାନରେ ନିର୍ବାଚିତ ହୋଇଥିଲେ ପ୍ରଭୁଜାନୀ। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱି କୈଳାଶ କୁଲସିକାଙ୍କୁ ମାତ୍ର ୨୨୯ ଖଣ୍ଡ ଭୋଟରେ ହରାଇଥିଲେ। ସେତେବେଳେ ପରାଜିତ ପ୍ରାର୍ଥୀ କଂଗ୍ରେସ ଦଳ ତରଫରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ପରେ ସେ ବିଜେଡିରେ ଯୋଗଦେଇଥିଲେ। ତେବେ ବିଜେଡି ଟିକେଟ ନଦେବାରୁ ବିଜେଡି ଛାଡି ବିଜେପିରେ ଯୋଗଦେଇ ଏବେ ସେହି ପୁରୁଣା ପ୍ରତିଦ୍ୱନ୍ଦ୍ୱିଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ତେବେ ବିଗତ ୫ ବର୍ଷରେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦଶମନ୍ତପୁର, ନାରାୟଣପାଟଣା, ବନ୍ଧୁଗାଁ ଏବଂ ଲକ୍ଷ୍ମୀପୁର ବ୍ଲକ ଅଞ୍ଚଳରେ ସେହିଭଳି କିଛି ଆଖି ଦୃଶିଆ କାମ ହୋଇନଥିବା ଲୋକେ ଅଭିଯୋଗ କରିଛନ୍ତି। ଏପରିକି ବର୍ଷା ଦିନରେ ଦଶମନ୍ତପୁର ବ୍ଲକ ଅଞ୍ଚଳରେ ରୋଗୀ ହେଉ କି ଗର୍ଭବତୀ ମହିଳାଙ୍କୁ ଭାରରେ ବୋହିବା ଦୃଶ୍ୟ ଏବେବି ଲୋକଙ୍କ ମନରୁ ଅପସରି ଯାଇନାହିଁ। ନାରାୟଣପାଟଣା ଏବଂ ବନ୍ଧୁଗାଁ ବ୍ଲକ ଅଞ୍ଚଳର ଅନେକ ଗ୍ରାମରେ ଏବେବି ଅନେକ ମୌଳିକ ସମସ୍ୟା ରହିଛି। ବାରମ୍ବାର ଦାବି ସତ୍ତ୍ୱେ ପୁରଣ ହୋଇପାରୁନାହିଁ। ଏପରିକି ଶାସକ ଦଳର ବିଧାୟକଙ୍କ ସମୟରେ ହିଁ ପେଡିସିଲ ବ୍ରିଜ୍ କାମ ନିମ୍ନମାନର କାମ ହୋଇଥିବାରୁ ଦବି ଯାଇଛି। ଯାହାକି ଆଜି ଯାଏଁ ମରାମତି ହୋଇପାରିନାହିଁ। ଫଳରେ ଲୋକେ ଯାତାୟାତ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହିପରି ଅନେକ ସମସ୍ୟା ରହିଛି ଯାହାକି ଚଳିତ ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କ ପାଇଁ ବୁମେରାଂ ହୋଇପାରେ। ଚଳିତ ନିର୍ବାଚନରେ ଭୋଟରଙ୍କ ମୁଡ଼ ଉପରେ ସବୁ କିଛି ନିର୍ଭର କରେ। ଶେଷ ମୁହୂର୍ତ୍ତରେ ରାତାରାତି ଭୋଟ୍ କିଣିବା ପାଇଁ ଅର୍ଥ ବଳ ଓ ବାହୁ ବଳ ପ୍ରୟୋଗର ସମ୍ଭାବନା ରହିଛି। ଏହି ଦିଗପ୍ରତି ନିର୍ବାଚନ ପର୍ଯ୍ୟବେକ୍ଷକ ଯଦି ତୀକ୍ଷ୍ଣ ଦୃଷ୍ଟି ଦେବେ ତେବେ ଭୋଟର ଉପଯୁକ୍ତ ପ୍ରାର୍ଥୀ ଚୟନ କରିବାରେ ସକ୍ଷମ ହେବେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ନିମ୍ନମାନର ମରାମତି ଯୋଗୁ ଧସୁଛି ଗେଙ୍ଗୁଟି ନଦୀବନ୍ଧ

ଧାମନଗର, ନ୍ୟୁଜ୍ ବ୍ୟୁରୋ

ଧାମନଗର ବ୍ଲକ ମୁସ୍ତଫାପୁର ପଞ୍ଚାୟତର ଗୋବିନ୍ଦାଗଡ଼ିଆରୁ କରଦା ପଞ୍ଚାୟତର ରାମେଶ୍ୱରପୁର ଯାଏ ହୋଇଥିବା ନଦୀବନ୍ଧଟି ପୁଣି ଖରାପ ହୋଇଗଲାଣି । ଦୁଇ ବର୍ଷ ତଳେ ଏହି ନଦୀବନ୍ଧ ମରାମତି ଓ ପ୍ରଶସ୍ତିକରଣ କାମ ହୋଇଥିଲା ହେଲେ ଗତ ବର୍ଷା ଋତୁ ପରେ ବନ୍ଧ ଅବସ୍ଥା ଏବେ ପୂରା ଖରାପ । ଗୋବିନ୍ଦାଗଡ଼ିଆ, ବେଲମଳା, ରଘୁନାଥପୁର, ଦୋବଲ, ସୋଧ ଓ କୋଳେଇପଦା ହୋଇ ରାମେଶ୍ୱରପୁର ପାଖରେ ସ୍ଥାନେ ସ୍ଥାନେ ବନ୍ଧ ଧାର ଧସି ଗଲାଣି । ପାଖାପାଖି ୫ କିଲୋମିଟର ଲମ୍ବର ଏ ବନ୍ଧରେ ପ୍ରାୟ ୨୦ଟି ଜାଗାରେ ବନ୍ଧ ଧାର ଧସିଗଲାଣି । ବନ୍ଧ ଉପରେ ପଡ଼ିଥିବା ପିଚୁ ଉଠି ଗାତ ହୋଇଗଲାଣି । ବେଲମଳା ଓ ରଘୁନାଥପୁର ପାଖରେ ନଦୀ ପଠାରେ ଇଟା ପଡୁଥିବାରୁ କୋଇଲା, ବାଲି ବୋଝେଇ ଭାରୀଯାନ ଚଳାଚଳ କରୁଥିବାରୁ ନଦୀବନ୍ଧ ଦୁର୍ବଳ ହୋଇଗଲାଣି । ସେହିପରି ସୋଧ, କୋଳେଇପଦା ପାଖରେ ବନ୍ଧରେ ପଡ଼ିଥିବା ପିଚୁ ଉଠିଗଲାଣି । ସୋଧ ସାହୁ ସାହି ପାଖରେ ବନ୍ଧ ଉପରେ ପଡ଼ିଥିବା ପିଚୁରେ ଡିପ୍ରେସନ୍ ଦେଖାଦେଇଛି । ଆଗାମୀ ଦିନରେ ଏହା ବଡ଼ ଗାତରେ ପରିଣତ ହୋଇଯିବା ଆଶଙ୍କା ରହିଛି । ବୈତରଣୀର ଶାଖା ନଦୀ ଗେଙ୍ଗୁଟିରେ ବର୍ଷାବେଳେ ଅଧିକ ପାଣି ଆସିଥାଏ । ନଦୀଟି ସଂପୂର୍ଣ୍ଣ ଭାବେ ଅଙ୍କାବଙ୍କା ହୋଇଥିବାରୁ ଏହାର ଉଭୟ ପାର୍ଶ୍ୱରେ ଥିବା ବନ୍ଧ ଉପରେ ଅଧିକ ଚାପ ପଡ଼ିଥାଏ । ଏଣୁ ବେଲମଳା ପାଖରୁ ରାମେଶ୍ୱରପୁର ଯାଏ ପୂର୍ବରୁ ବିଭିନ୍ନ ସ୍ଥାନରେ ନଦୀବନ୍ଧରେ ଘାଇ ହୋଇଛି । ଏହାକୁ ନଜରରେ ରଖି ଏହି ବନ୍ଧକୁ ମରାମତି କରିବା ଲାଗି ସବୁବେଳେ ଗୁରୁତ୍ୱ ଦିଆଯାଇଛି । ଏହି ଅନୁସାରେ ୨୦୧୪ ମସିହାରେ ବଡ଼ ବନ୍ୟା ପରେ ତତ୍କାଳୀନ ବିଜେଡି ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଏହି ବନ୍ଧକୁ ସୁଦୃଢ଼ୀକରଣ କରିବା ଲାଗି ସରକାରଙ୍କ ପାଖରେ ପ୍ରସ୍ତାବ ରଖିଥିଲେ । ୨୦୧୮-୧୯ ମସିହାରେ ନାବାର୍ଡରୁ ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି ଜରିଆରେ ରାଜ୍ୟ ସରକାର ଶହ ଶହ କୋଟି ଟଙ୍କା ଋଣ ଆଣିଥିଲେ । ଏହି ଋଣ ଟଙ୍କା ସହ ନିଜସ୍ୱ ଅର୍ଥ ମିଶାଇ ୯ କୋଟି ୯୬ ଲକ୍ଷ ଟଙ୍କା ଏହି ବନ୍ଧ ମରାମତି ଓ ସୁଦୃଢ଼ୀକରଣ କରିବା ଲାଗି ମଞ୍ଜୁର କରିଥିଲେ । ଆରଆଇଡିଏଫରୁ ୯ କୋଟି ୪୭ ଲକ୍ଷ ଟଙ୍କା ଅଣାଯାଇଥିଲା । ବାକି ଅର୍ଥ ସରକାର ଦେଇଥିଲେ । ୨୦୧୮-୧୯ରେ ପ୍ରକଳ୍ପ ମଞ୍ଜୁର ହୋଇଥିଲେ ବି ୨୦୧୯-୨୦ରେ କାମ ଆରମ୍ଭ ହୋଇଥିଲା । କରୋନା ପାଇଁ ସାମାନ୍ୟ ପ୍ରଭାବିତ ହୋଇ ୨୦୨୨ରେ କାମ ସରିଥିଲା । ନଦୀବନ୍ଧରେ ମାଟି ପକାଯାଇ ଉପର ଅଂଶକୁ ୧୮ ଫୁଟ ଚଉଡ଼ା କରାଯାଇଥିଲା । ତାସହ ୧୦ ଫୁଟ୍ ଚଉଡ଼ାର ପିଚୁ ବି ପଡ଼ିଥିଲା । ୨୦୨୨ରେ ଗୋବିନ୍ଦାଗଡ଼ିଆରୁ ରାମେଶ୍ୱରପୁର ଯାଏ କାମ ଶେଷ ହୋଇଥିଲା । ଏହାପରେ ୨୦୨୨ ମସିହା ବର୍ଷା ଋତୁ ପରେ ଏବେ ବନ୍ଧର ଅବସ୍ଥା ଅତି ଖରାପ ହୋଇଗଲାଣି । ବର୍ଷେ ବିତିଲାନି, କାମ ଖରାପ ହୋଇଗଲା । ସରକାର କୋଟି କୋଟି ଟଙ୍କା ଋଣ କରି ଆଣିଲେ ହେଲେ କ୍ଷେତ୍ରୀୟ ଅଧିକାରୀ ଉପଯୁକ୍ତ ଭାବେ ଜଗାରଖା ନକରିବାରୁ କାମ ନିମ୍ନମାନର ହେଲା ଆଉ ବର୍ଷକ ଭିତରେ ନଷ୍ଟ ହୋଇଗଲା । ଏନେଇ ଧାମନଗର ଜଳସମ୍ପଦ ବିଭାଗର ଏସଡିଓଙ୍କୁ ପଚାରିବାରୁ, ସେ କହିଛନ୍ତି ଯେ ଠିକାଦାରଙ୍କ ଉପରେ ମରାମତି କରିବାର ଦାୟିତ୍ୱ ରହିଛି । ସେ କାମ କରିଥିବାରୁ ପାଞ୍ଚ ବର୍ଷ ଯାଏ ସେ ମରାମତି କରିବେ । ଏଣୁ ଯେଉଁଠି ସବୁ ଧସିଛି ଓ ନଷ୍ଟ ହୋଇଛି, ସେ ସ୍ଥାନରେ ଶୀଘ୍ର ମରାମତି କରାଯିବ ବୋଲି ସେ କହିଛନ୍ତି ।

# ସମ୍ ହସ୍ପିଟାଲ୍ ପକ୍ଷରୁ ବିଶ୍ୱ ଟୀକାକରଣ ସପ୍ତାହ ପାଳିତ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଶିଶୁରୋଗ ବିଭାଗ ପକ୍ଷରୁ ବିଶ୍ୱ ଟିକାକରଣ ସପ୍ତାହ ପାଳନ ଅବସରରେ ଏକ ଦୁଇ ଦିନିଆ ଏଚ୍‌ପିଭି ଭାକ୍ସିନେସନ୍ ଅଭିଯାନ ଆୟୋଜିତ ହୋଇଯାଇଛି । ମଙ୍ଗଳବାର ଓ ବୁଧବାର ଦୁଇ ଦିନ ଧରି ଆୟୋଜିତ ଏହି ଅଭିଯାନ ପରିପ୍ରେକ୍ଷୀରେ ଏମ୍‌ବିବିଏସ୍ ଛାତ୍ର ଓ ଇନ୍‌ଟର୍ଣ୍ଣ ମାନଙ୍କୁ ଏଚ୍‌ପିଭି ଟୀକା ପ୍ରଦାନ କରାଯାଇଥିଲା । ଏହି ଟୀକାକରଣ ଅଭିଯାନରେ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର ଡାକ୍ତର ପୁଷ୍ପରାଜ ସାମନ୍ତସିଂହାର ଏବଂ ଶିଶୁରୋଗ ବିଭାଗର ମୁଖ୍ୟ ପ୍ରଫେସର ଡାକ୍ତର ମମତାଦେବୀ ମହାନ୍ତି ଯୋଗଦେଇ ଏଚ୍‌ପିଭି ଭାକ୍ସିନେସନ୍ ଡ୍ରାଇଭ ସମ୍ପର୍କରେ ବକ୍ତବ୍ୟ ରଖିଥିବା ବେଳେ ଏହି ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ । ଏହି ଅବସରରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଏଚ୍‌ପିଭି ଟୀକା ପ୍ରଦାନ କରାଯାଇଥିଲା ।

# ବିଦ୍ୟୁତ୍ ସମସ୍ୟା ପାଇଁ ରବି ଧାନ ଚାଷ କ୍ଷତିଗ୍ରସ୍ତ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ସହର ଅନ୍ତର୍ଗତ ମର୍ଜାକୁଦରେ ବିଦ୍ୟୁତ୍ ସମସ୍ୟା ପାଇଁ ଚାଷୀଙ୍କ ରବି ଧାନରେ ବ୍ୟାପକ କ୍ଷତି ହୋଇଥିବା ଅଭିଯୋଗ କରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି କ୍ଷତିଗ୍ରସ୍ତ ଚାଷୀ । ଅଭିଯୋଗ ଅନୁଯାୟୀ ଗତ ସୋମବାର ଅପରାହ୍ନରେ କାଳ ବୈଶାଖୀ ପ୍ରଭାବରେ ମର୍ଜାକୁଦର ମହାନଦୀ କୂଳରେ ଥିବା ଉଠା ଜଳସେଚନ ପ୍ରକଳ୍ପ ଗୁଡିକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଥିଲା । ବିଦ୍ୟୁତ ବିଭାଗ ବିଦ୍ୟୁତ ସଜାଡିବାକୁ ପଦକ୍ଷେପ ଗ୍ରହଣ କରୁନଥିବା ହେତୁ ଶହ ଶହ ଏକର ଜମିରେ ହୋଇଥିବା ରବି ଧାନ ପାଣି ଅଭାବରୁ ନଷ୍ଟ ହେବାକୁ ବସିଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଜିଲ୍ଲାପାଳ ଏ ସମ୍ପର୍କରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାପାଇଁ ବିଦ୍ୟୁତ ବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି ।

# ନିର୍ବାଚନ ପ୍ରଚାର ପାଇଁ ସାପ୍ତାହିକ ହାଟ ପାଲଟିଛି ପେଣ୍ଠସ୍ଥଳୀ



ବିଷମ କଟକ, ନ୍ୟୁଜ୍ ବ୍ୟୁରୋ

ସାଧାରଣ ନିର୍ବାଚନ ପାଇଁ ଆଉ ମାତ୍ର ଛଅ ଦିନ ବାକି ରହିଥିବା ବେଳେ ରାୟଗଡ଼ା ଜିଲ୍ଲା ବିଷମ କଟକ ନିର୍ବାଚନ ମଣ୍ଡଳୀରେ ରାଜନୈତିକ ମହଲ ସରଗରମ ରହିଛି । ଏପରି କ୍ଷେତ୍ରରେ ନିର୍ବାଚନ ମଣ୍ଡଳୀର ଚାରି ପ୍ରମୁଖ ରାଜନୈତିକ ଦଳ ନିର୍ବାଚନ ପ୍ରଚାର କରିବା ଜୋର୍ ଧରିଥିବା ବେଳେ ବିଷମ କଟକ ବ୍ଲକର ଚାରି ପ୍ରମୁଖ ସାପ୍ତାହିକ ହାଟରେ ପ୍ରତ୍ୟେକ ଦଳ ନିଜ ନିଜର ସମର୍ଥକଙ୍କ ସହ ପ୍ରଚାର କରିବା ଦେଖିବାକୁ ମିଳିଛି । ବିଷମ କଟକ ବ୍ଲକ ଆଖପାଖ ଅଞ୍ଚଳର ଗ୍ରାମାଞ୍ଚଳର ହଜାର ହଜାର ଲୋକ ନିଜର ଅବଶ୍ୟକୀୟ ଜିନିଷ କିଣିବା ଓ ଚଷ ଫସଲ ବିକ୍ରି ପାଇଁ ସପ୍ତାହିକ ହାଟ ଉପରେ ନିର୍ଭର କରନ୍ତି । ସାପ୍ତାହିକ ହାଟ ନିର୍ବାଚନୀ ପ୍ରଚାର ପାଇଁ ପ୍ରତ୍ୟେକ ଦଳ କ୍ଷେତ୍ରରେ ଏହା ଏକ ପ୍ରମୁଖ ସ୍ଥାନ ହୋଇଥାଏ । ଏହି ସୁଯୋଗକୁ ଦୃଷ୍ଟିରେ ରଖି ସୋମବାର ଦିନ ଦୁର୍ଗୀ ପଞ୍ଚାୟତ ଭାଲେରି ହାଟ ଠାରେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ସୁଧୀର କୁମାର ଦାଶଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରା ଆୟୋଜନ କରାଯାଇ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ସାରକା ଓ ସାଂସଦ ପ୍ରାର୍ଥିନୀ କୌଶଲ୍ୟା ହିକକାଙ୍କୁ ଭୋଟ୍ ଦେବା ପାଇଁ ନିବେଦନ କରାଯାଇଥିଲା । ଏଥିରେ ପ୍ରାୟ ୨୦୦୦ରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀଙ୍କ ସହ ବିଜେଡି ପକ୍ଷରୁ ନିର୍ବାଚନ ପ୍ରଚାର କରାଯାଇଥିଲା । କଂଗ୍ରେସ ଓ ବିଜେପି ଦଳ ପକ୍ଷରୁ ମଧ ହଜାର ହଜାର ସମର୍ଥକଙ୍କ ସହ ବାଜା ବାଦ୍ୟ ସହ ନିଜ ନିଜର ପ୍ରାର୍ଥୀଙ୍କ ପ୍ରଚାର ଦେଖିବାକୁ ମିଳିଥିଲା । କଂଗ୍ରେସ ପକ୍ଷରୁ ବିଧାୟକ ପ୍ରାର୍ଥୀ ନୀଳମାଧବ ହିକକା ଏବଂ ସାଂସଦ ପ୍ରାର୍ଥୀ ସପ୍ତଗିରି ଉଲ୍ଲାକାଙ୍କୁ ଏବଂ ବିଜେପି ତରଫରୁ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନୁଣ୍ଡୁକା ଓ ସାଂସଦ ପ୍ରାର୍ଥୀ କାଳିରାମ ମାଝିଙ୍କୁ ଭୋଟ୍ ଦେବାପାଇଁ ନିବେଦନ କରାଯାଇଥିଲା । ବିଏସପି ଦଳ ପକ୍ଷରୁ ବିଧାୟକ ପ୍ରାର୍ଥୀ ଜିତୁ ଜାକାଶିକାଙ୍କ ନେତୃତ୍ୱରେ ଦଳ ପକ୍ଷରୁ ନିଜ ସମର୍ଥକଙ୍କ ସହ ନିର୍ବାଚନୀ ପ୍ରଚାର କରାଯାଇ ବିଧାୟକ ପ୍ରାର୍ଥୀ ଜିତୁ ଜାକାଶିକଙ୍କୁ ଭୋଟ୍ ଦେବାକୁ ନିବେଦନ କରାଯାଇଥିଲା । ମଙ୍ଗଳବାର ଦୁକୁମ ସାପ୍ତାହିକ ହାଟରେ ମଧ ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା ।

# ନାମାଙ୍କନ ପତ୍ର ପାଇଁ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲାର ୫ଟି ବିଧାନସଭା ଓ ୧ଟି ଲୋକସଭା ଆସନ ପାଇଁ ଆସନ୍ତା ୧୦ ତାରିଖ ଶୁକ୍ରବାର ଅକ୍ଷିତୃତୀୟା ଅବସରରେ ପ୍ରାୟ ଅଧିକାଂଶ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡିଛି । ପ୍ରାର୍ଥୀମାନେ ହଜାର ହଜାର ସମର୍ଥକଙ୍କ ସହ ନାମାଙ୍କନ ପତ୍ର ପାଇଁ ଜିଲ୍ଲା କାର୍ଯ୍ୟାଳୟକୁ ଆସିଥିଲେ । ଏନେଇ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ନାମାଙ୍କନ ପତ୍ର ଶାନ୍ତି ଶୃଙ୍ଖଳାର ସହ ଦାଖଲ କରିଥିଲେ । ଏଥି ସହିତ କେନ୍ଦ୍ରାପଡା ପୌରାଞ୍ଚଳ ପୁରୁଣା ବସ୍‌ଷ୍ଟାଣ୍ଡ, ବଡହାଟ ଓ ହାଇସ୍କୁଲ ଛକ, ମେଡିକାଲ ରୋଡ ପ୍ରଭୃତି ଅଞ୍ଚଳରେ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି ।



# ସୁବର୍ଣ୍ଣପୁରରେ ତ୍ରିପୁରା ଷ୍ଟେଟ୍ ରାଇଫଲ୍ ପୋଲିସର ଫ୍ଲାଗ୍‌ମାର୍ଚ୍ଚ



ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଏସ୍‌ପିଙ୍କ ନିର୍ଦ୍ଦେଶରେ ତ୍ରିପୁରା ଷ୍ଟେଟ୍ ରାଇଫଲ ପକ୍ଷରୁ ସ୍ଥାନୀୟ ପୋଲିସ ଓ ଜିଲ୍ଲା ପୋଲିସର ସହାୟତାରେ ରାମପୁର ଓ ଡୁଙ୍ଗୁରୀପାଲି ଠାରେ ଉଭୟ ଥାନା ସହାୟତାରେ ଉଭୟ ସହରରେ ଫ୍ଲାଗ୍ ମାର୍ଚ୍ଚ କରାଯାଇଥିଲା । ରାମପୁର ସହରରେ ଓ ଡୁଙ୍ଗୁରିପାଲି ସହର ସମେତ ସୁଖା, କପାଶିରା ଅଞ୍ଚଳରେ ଟିଆର୍‌ପି ପୋଲିସ୍ ଦ୍ୱାରା ଫ୍ଲାଗ୍ ମାର୍ଚ୍ଚ କରାଯାଇଥିଲା । ସହର ତଥା ଗ୍ରାମାଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା ଓ ସଧାରଣ ଜନତାଙ୍କ ଧନ ଜୀବନ ସୁରକ୍ଷା ପାଇଁ ଏବଂ ଜିଲ୍ଲାରେ ଆସନ୍ତା ମେ ମାସ ୨୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଆଗାମୀ ଲୋକ ସଭା ଓ ବିଧାନ ସଭା ନିର୍ବାଚନକୁ ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା ନିମନ୍ତେ ସୁବର୍ଣ୍ଣପୁର ଏସପି ଯଶ ପ୍ରତାପ ଶ୍ରୀମାଲଙ୍କ ନିର୍ଦ୍ଦେଶ କ୍ରମେ ଉଭୟ ସହରରେ ଟିଆରପି ଓ ସ୍ଥାନୀୟ ପୋଲିସ ଫୋର୍ସକୁ ନେଇ ଏଇ ଫ୍ଲାଗ୍ ମାର୍ଚ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାମପୁର ଥାନା ଭାରପ୍ରାପ୍ତ ଥାନା ଅଧିକାରୀ ପଦ୍ମାସିନୀ ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାମପୁର ଠାରେ ଓ ଡୁଙ୍ଗୁରୀପାଲି ଭାରପ୍ରାପ୍ତ ଥାନା ଅଧିକାରୀ ସତ୍ୟ ନାରାୟଣ ପଧାନଙ୍କ ନେତୃତ୍ୱରେ ଡୁଙ୍ଗୁରିପାଲିର ବିଭିନ୍ନ ଅଞ୍ଚଳ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଭୟ ଥାନାର ସମସ୍ତ ଅଫିସର ଓ ସୋନପୁର ଜିଲ୍ଲା ପୋଲିସ ସହଯୋଗ କରିଥିଲେ ।

# କେଜେଏସ୍ ପ୍ଲାଣ୍ଟରେ ବିସ୍ଫୋରଣ ଘଟଣା:କାରଖାନା ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ୍

କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ

କେନ୍ଦୁଝର ଜିଲ୍ଲା ରୁଗୁଡି ଥାନା ଅନ୍ତର୍ଗତ ଲୋଇଡାପଦା ପଞ୍ଚାୟତ ଅନ୍ତର୍ଗତ ବରପଦା ସ୍ଥିତ କେଜେଏସ ଆଲୁଓ୍ୱାଲିଆ ଷ୍ଟିଲ ଏଣ୍ଡ ପାଓ୍ୱାର ପ୍ଲାଣ୍ଟରେ ଗତ ୨ ତାରିଖ ଅପରାହ୍ନରେ ଦୁର୍ଘଟଣାରେ ୨ଜଣ ମୃତ୍ୟୁବରଣ କରିଥିବାବେଳେ ଆଉ ଦୁଇ ଜଣ ଗୁରୁତର ଆହତ ହୋଇ ଏବେ ମଧ ଚିକିତ୍ସାଧୀନ ଅଛନ୍ତି । ଏହି ଘଟଣାରେ ଶ୍ରମ ବିଭାଗ ପକ୍ଷରୁ ଶ୍ରମ ଆଇନ୍ ଉଲ୍ଲଂଘନ ହୋଇଥିବାରୁ କାରଖାନାର ମାଲିକ ଏବଂ ମୁଖ୍ୟ ପରିଚାଳକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ୧ ନମ୍ବର ଇଣ୍ଡକ୍‌ସନ୍ ଫର୍ଣ୍ଣେସ୍ ହଠାତ୍ ବିସ୍ଫୋରଣ ହେବାରୁ ୧୦ ଜଣ କର୍ମଚାରୀଙ୍କ ଉପରେ ଗରମ ତରଳ ଲୁହା ପଡିବାରୁ ସେମାନେ ପୋଡି ହୋଇଯାଇଥିଲେ । ଆହତମାନଙ୍କ ମଧ୍ୟରୁ ୩ ତାରିଖ ଦିନ ଆସାମ ରାଜ୍ୟ ନୂଆଁଗାଁ ର ବବୁଲ ଦାସ (୩୧) ମୃତ୍ୟୁବରଣ କରିଥିବାବେଳେ ୪ ତାରିଖ ଦିନ ଦେବେନ ବାଗଲାରୀ (୨୨) ଚିକିତ୍ସାଧୀନ ଅବସ୍ଥାରେ କଟକ ସ୍ଥିତ ଅଶ୍ୱିନୀ ମେଡିକାଲରେ ମୃତ୍ୟୁବରଣ କରିଛନ୍ତି । ଉଭୟ ଇଣ୍ଡକସନ୍ ଫର୍ଣ୍ଣେସ୍‌ରେ ହେଲ୍‌ପର ଭାବେ କାର୍ଯ୍ୟ କରୁଥିଲେ । ସୂଚନା ଅନୁସାରେ ଏବେ ମଧ ଛବିରାମ ମୁଣ୍ଡା (୨୩) ଓ ରାଜୁ ଦାସ (୩୦)ଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । କମ୍ପାନୀରେ ଶ୍ରମିକଙ୍କ ସୁରକ୍ଷା ପ୍ରତି ଅଣଦେଖା କରି ବେଧଡ଼କ ଚାଲିଥିବାରୁ ବାରମ୍ବାର ଏହି ପ୍ଲାଣ୍ଟରେ ଦୁର୍ଘଟଣା ଘଟୁଛି । ୨୦୨୪ ମସିହା ଫେବୃୟାରୀ ୫ ତାରିଖ ଦିନ ଶ୍ରମ ବିଭାଗ ଏବଂ ୧୯ ତାରିଖ ଦିନ ଫାକ୍ଟ୍ରି ଏଣ୍ଡ ବଏଲର ବିଭାଗ ଯାଞ୍ଚ କରିଥିଲେ । କୌଣସି ଅନିୟମିତତା ଦର୍ଶାଯାଇନଥିଲା । ଦୁର୍ଘଟଣା ପରେ ଶ୍ରମ ବିଭାଗ କମ୍ପାନୀ ମାଲିକଙ୍କୁ ନୋଟିସ୍ କରିବା ଘଟଣା ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବାହାର ରାଜ୍ୟର ଶ୍ରମିକମାନେ ଏହି କମ୍ପାନୀରେ ଠିକାଦାର ଏସ ଶ୍ରୀନିବାସ ଅଧିନରେ କାମ କରୁଥିଲେ ମଧ ଶ୍ରମ ବିଭାଗ ନିକଟରୁ ଆଇଏସ୍‌ଏମ୍‌ଡବ୍ଲ୍ୟୁ ଲାଇସେନ୍ସ ପାଇନଥିବା ଜଣାପଡିଛି । ଯାଞ୍ଚବେଳେ ଚମ୍ପୁଆ ସହକାରୀ ଶ୍ରମ ଅଧିକାରୀ ବୃନ୍ଦାବନ ଜୁଆଙ୍ଗ ରିପୋର୍ଟ କରିନଥିବା ବେଳେ ସିଆଇସିଜି ୱେବ୍‌ସାଇଟ୍‌ରେ ଏହା ଅପ୍‌ଲୋଡ ହୋଇନଥିବା ଅଭିଯୋଗ ହୋଇଛି । ଇଣ୍ଡକ୍‌ସନ୍ ଫର୍ଣ୍ଣେସ୍‌ରେ ଅଣକୁଶଳୀ ଶ୍ରମିକମାନଙ୍କୁ ନିୟୋଜିତ କରାଯାଇ ବିପଦପୂର୍ଣ୍ଣ କାର୍ଯ୍ୟ କରାଯାଉଥିଲା ବାହାର ରାଜ୍ୟର ଶ୍ରମିକମାନଙ୍କୁ କମ୍ ଦରମା ଦେଇ ଦୈନିକ ୮ ଘଣ୍ଟା ବଦଳରେ ୧୨ ଘଣ୍ଟା କାମ କରାଯାଉଛି । ସାପ୍ତାହିକ ଛୁଟି ସେମାନଙ୍କୁ ମିଳୁନଥିବା ବେଳେ ଅସ୍ୱାସ୍ଥ୍ୟକର ପରିବେଶରେ ଏବଂ ଅସୁରକ୍ଷିତ ପ୍ରଣାଳୀରେ ଶ୍ରମିକମାନେ କାର୍ଯ୍ୟ କରୁଛନ୍ତି । କାରଖାନାରେ ଶ୍ରମିକଙ୍କ ସୁରକ୍ଷା ଏବଂ ଶ୍ରମ ଆଇନ୍ ଉଲ୍ଲଂଘନ ହୋଇ ଚାଲିଥିଲେ ମଧ କାରଖାନା ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବାରୁ ଶ୍ରମିକଙ୍କ ସୁରକ୍ଷା ବିପତ୍ତ ହୋଇପଡିଛି ବୋଲି ଶ୍ରମିକ ନେତା ମହେଶ୍ୱର ରାଉତ ଅଭିଯୋଗ କରିଛନ୍ତି । କମ୍ପାନୀରେ କାର୍ଯ୍ୟକରୁଥିବା ଶ୍ରମିକ ଏବଂ କର୍ମଚାରୀଙ୍କ ପାଇଁ ବର୍ଷକୁ ୨ ଥର ସ୍ୱାସ୍ଥ୍ୟ ପରୀକ୍ଷା କରିବାର ନିୟମ ଥିଲେ ମଧ ଲୋକ ଦେଖାଣିଆ ଭାବେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ରିପୋର୍ଟ ଦେଇ କମ୍ପାନୀ ନିଜ ଦାୟିତ୍ୱ ଶେଷ କରୁଛି । କାରଖାନାରେ ଶ୍ରମିକ ଏବଂ କର୍ମଚାରୀଙ୍କ ସୁରକ୍ଷା ପାଇଁ ପ୍ରତିଶ୍ରୁତି ନଦେବା ପର୍ଯ୍ୟନ୍ତ କାରଖାନାକୁ ବନ୍ଦ ରଖିବା ପାଇଁ ଦାବି ହେଉଛି । ସେହିପରି କାରଖାନାର ତ୍ରୁଟିକୁ ନ ସଜାଡି ପୁଣି ଚାଲୁ କଲେ ଦୁର୍ଘଟଣା ଘଟିବ । ଏଥିପାଇଁ କିଏ ଦାୟୀ ରହିବ ବୋଲି ସ୍ଥାନୀୟ ଲୋକ ପ୍ରଶ୍ନ କରିଛନ୍ତି । ଏଠାରେ ବାହାର ରାଜ୍ୟର ଅନଭିଜ୍ଞ ଶ୍ରମିକଙ୍କୁ ବେଆଇନ୍ ଭାବେ ନିଯୁକ୍ତି ଦିଆଯାଇଥିବାରୁ ଅନେକ ସମୟରେ ଛୋଟବଡ ଦୁର୍ଘଟଣା ଘଟୁଛି ଏବଂ ପଦାକୁ ଆସିପାରୁନାହିଁ । କାମ ହରାଇବା ଭୟରେ ଶ୍ରମିକମାନେ ପ୍ରତିବାଦ କିମ୍ବା ଦାବି ପ୍ରଶାସନ ନିକଟରେ କରି ପାରୁନାହାଁନ୍ତି । ଦୁର୍ଘଟଣା ପରେ କମ୍ପାନୀ ଦୋଷ ଲୁଚାଇବା ପାଇଁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି । ପୂର୍ବରୁ ଏହି କାରଖାନାରେ ବାରମ୍ବାର ଦୁର୍ଘଟଣା ଘଟି ବହୁ ଧନଜୀବନ ହାନୀ ହୋଇଥିଲେ ହେଁ ବିଭାଗ ଏବଂ କମ୍ପାନୀ କର୍ତ୍ତୃପକ୍ଷଙ୍କ ଚେତା ପଶୁନାହିଁ । ଏଣୁ କମ୍ପାନୀର ମାଲିକଙ୍କ ନାମରେ ଫୌଜଦାରୀ ହତ୍ୟା ମାମଲା ରୁଜୁ କରି ନିରପେକ୍ଷ ତଦନ୍ତ ହେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି ।

# ସମସ୍ୟା ଘେରରେ ଆଖୁଚାଷୀ:ବଜାର ନାହିଁ କି ଦର ନାହିଁ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ଜିଲ୍ଲାର ଆଖୁଚାଷୀ ଆଖୁ ବିକ୍ରି କରିବା ପାଇଁ ବିଶେଷ ସୁବିଧା ନାହିଁ । ତେଣୁ ବାଧ ହୋଇ କିଛି ଚାଷୀ ନିଜ କଷ୍ଟ ଉପାର୍ଜିତ ଆଖୁର ମୂଲ ପାଇବା ପାଇଁ ଆଖୁରସ ବିକ୍ରି କରୁଛନ୍ତି । ତେବେ ଚାଷ ସମୟରେ ଯେତିକି ପରିଶ୍ରମ କରିଥିଲେ ଏବେ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଆଖୁ ରସ ବିକ୍ରି ସମୟରେ ଦ୍ୱିଗୁଣିତ କଷ୍ଟ ଭୋଗ କରିବାକୁ ପଡୁଛି ବୋଲି ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ମର୍ଯ୍ୟାଦପୁର ଗ୍ରାମର ଆଖୁ ଚାଷୀ ମାନେ କହନ୍ତି । ଏଭଳି ଅବସ୍ଥା ଲାଗିରହିଲେ ଚାଷୀଙ୍କ ଆଖୁ ଚାଷ ପ୍ରତି ମନ ଭାଙ୍ଗିଯିବ । ବୌଦ୍ଧ ଜିଲ୍ଲାର ସଦର ବ୍ଲକର ବିଭିନ୍ନ ଗାଁରେ ଏବେ ମଧ ବହୁ ଚାଷୀ ଆଖୁଚାଷ କରୁଛନ୍ତି । ତେବେ ବଲାଙ୍ଗିର ଦେଓଗାଁ ସ୍ଥିତ ବିଜୟାନନ୍ଦ ଚିନିକଲ ବନ୍ଦ ହୋଇଯିବା ଦିନଠୁ ଏମାନେ ବହୁ ସମସ୍ୟା ଭୋଗ କରୁଛନ୍ତି । ଏହି ବ୍ଲକର ଆଖୁଚାଷୀ ଶ୍ରୀ ପ୍ରଧାନ ପ୍ରତିବର୍ଷ କିଛି କିଛି ଜମିରେ ସେ ଆଖୁ ଚାଷ କରନ୍ତି । ହେଲେ ଆଖୁ ବିକ୍ରି କରିବା ପାଇଁ କୌଣସି ବଜାର ବ୍ୟବସ୍ଥା ନଥିବାରୁ ବହୁ ଅସୁବିଧା ଭୋଗ କରନ୍ତି । ପୂର୍ବରୁ ଗାଁରେ ଅନେକ ଚାଷୀ ମିଶି ୬/୭ ଏକର ଜମିରେ ଆଖୁ ଚାଷ କରୁଥିଲେ । ଏହା କମି କମି ଏବେ ଦେଢରୁ ୨ ଏକର ଜମିକୁ ଆସିଲାଣି । ଚୈତ୍ର ଆରମ୍ଭରୁ ଜ୍ୟେଷ୍ଠ ମାସ ଶେଷ ଯାଏଁ ଆଖୁରସ ବିକ୍ରି କରି ଅମଳ ଆଖୁକୁ ବିକ୍ରି କରୁଛନ୍ତି । ଆଖୁରସ ବିକ୍ରି ପାଇଁ ପ୍ରଚଣ୍ଡ ଖରା ସହିବାକୁ ପଡୁଥିବାରୁ ପରିଶ୍ରମ ଅନୁସାରେ ମୂଲ୍ୟ ମିଳୁ ନଥିବା ସେ କହିଛନ୍ତି । ସୂଚନାଯୋଗ୍ୟ, ଜିଲ୍ଲାରେ ପୂର୍ବରୁ ଶହ ଶହ ଗାଁରେ ହଜାର ହଜାର ଚାଷୀ ଆଖୁଚାଷ କରୁଥିଲେ । କ୍ରମଶଃ ଆଖୁ ବିକ୍ରିରେ ସମସ୍ୟା ଯୋଗୁଁ ଏହା ହ୍ରାସ ପାଇବାରେ ଲାଗିଲାଣି ।

# ବିଧାୟିକା ଦୀପାଳି ଦାସଙ୍କ ନେତୃତ୍ୱରେ ବିକାଶ ଜାରି ରହିଛି:ବିଜେଡ଼ି

ବ୍ରଜରାଜନଗର, ନ୍ୟୁଜ୍ ବ୍ୟୁରୋ

ଝାରସୁଗୁଡ଼ା ବେହେରାମାଲ ସ୍ଥିତ ଗୋଟିଏ ଘରୋଇ ହୋଟେଲ ଠାରେ ବିଜୁ ଜନତା ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ ହୋଇଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ସୁଲାହି ସମିତି ସଭ୍ୟ ସବିତା ଅଗ୍ରୱାଲ, ଗଉଡ ପାନ ପାଲି ସମିତି ସଭ୍ୟ କୃଷ୍ଣଚନ୍ଦ୍ର ପ୍ରଧାନ, କୀର୍ମିରା ସମିତି ସଭ୍ୟା ବାସନ୍ତି ଧୂରୁଆ, ଅର୍ଡ଼ା ସମିତି ସଭ୍ୟା ଗୋଲାପି ଗର୍ଡିଆ, ଭିମଯୋର ସମିତି ସଭ୍ୟ ସିଦ୍ଧାର୍ଥ ଖର୍ସେଲ, ତପି ମରେଇ, ବୀଣାପାଣି ପୋଡ଼, ପ୍ରିୟଦର୍ଶିନୀ ଘୁଘର, ମନ ବାଗ, ଆଶା ସିହ୍ନା, ସଂଗୀତା ପଟେଲ, ରାଧାରାଣୀ ସା ପ୍ରମୁଖ ସରପଞ୍ଚ ଉପସ୍ଥିତ ରହି ନିଜ ମନ୍ତବ୍ୟ ପ୍ରଦାନ କରିଥିଲେ । ଜଣେ ରାଜନୈତିଜ୍ଞ ବ୍ୟକ୍ତି ତାଙ୍କ କିଛି ସହଯୋଗୀଙ୍କ ସହ ଭାରତୀୟ ଜନତା ଦଳରେ ସାମିଲ ହୋଇଥିଲେ । ବିଜେପିରେ ଯୋଗ ଦେବା ପୂର୍ବରୁ ସେ ବିଜେଡି ଦଳ ପକ୍ଷରୁ ନିଜେ ଏବଂ ତାଙ୍କ ସ୍ତ୍ରୀ ବ୍ଲକ ଅଧକ୍ଷ ଓ ଅଧକ୍ଷା ଭାବରେ କାମ ତୁଲେଇ ସାରିଛନ୍ତି । କିନ୍ତୁ ବିଡମ୍ବନାର ବିଷୟ ଯେ ବିଜେଡି ଦଳ ଛାଡିବା କିଛି ଅନ୍ତରାଳ ପରେ ବିଜୁ ଜନତା ଦଳ ବିରୋଧି ମନ୍ତବ୍ୟ ପ୍ରଦାନ କରିଛନ୍ତି । ସେ କହିଥିଲେ ବିଜେଡି ଦଳର ସକ୍ରିୟ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲାପରିଷଦ ଅଧକ୍ଷ ସମସ୍ତଙ୍କୁ ଦଳର ଉଚ୍ଚ ନେତୃବର୍ଗ ଧମକ ଚମକ ଦେଇ ଜୋର୍‌ଜବରଦସ୍ତ ଦଳୀୟ କର୍ମୀ ରୁପେ ବାନ୍ଧି ରଖିଛନ୍ତି । ଦଳ ବିଗତ କିଛି ବର୍ଷରୁ ଅଞ୍ଚଳର ବିକାଶ ମୂଳକ କାର୍ଯ୍ୟ ନକରି ଲୋକଙ୍କୁ ଭୂଆଁ ବୁଲାଉଛନ୍ତି । ଏପରି ଲଜ୍ଜା ଜନକ ମନ୍ତବ୍ୟ ସମ୍ପୂର୍ଣ୍ଣ ଭାବେ ମିଥ୍ୟା ଅଟେ ବୋଲି ସାମ୍ବାଦିକ ସମ୍ମିଳନୀରେ ମଞ୍ଚାସିନ ସମସ୍ତ ପଦାଧିକାରୀ ମାନେ ଖଣ୍ଡନ କରି କହିଛନ୍ତି । ବିଗତ ଦିନରେ ବିଜୁ ପରିବାରର ସ୍ୱର୍ଗୀୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ ଓ ତାଙ୍କ ପରେ ଏବେ ବିଧାୟିକା ସୁଶ୍ରୀ ଦୀପାଳି ଦାସଙ୍କ ନେତୃତ୍ୱରେ ଜିଲ୍ଲାର ସବୁ ଅଞ୍ଚଳରେ ବିକାଶ ମୂଳକ କାର୍ଯ୍ୟ ହୋଇଆସୁଛି ଏବଂ ଦଳୀୟ ପଦାଧିକାରୀ କାର୍ଯ୍ୟକର୍ତ୍ତାଙ୍କ ସହ ସ୍ୱଚ୍ଛ ନିର୍ମଳ ବ୍ୟବହାର କରି ଆସୁଛନ୍ତି ବୋଲି ନିଜ ନିଜ ବକ୍ତବ୍ୟରେ କହିଛନ୍ତି ।



# ଧର୍ମଶାଳାରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବିରାଟ ସମାବେଶ

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ବିଜୁ ଛାତ୍ର ଜନତା ଦଳ ଧର୍ମଶାଳା ତରଫରୁ ୫୪ ଗୋଟି ପଞ୍ଚାୟତକୁ ନେଇ ଧର୍ମଶାଳା ମହୋତ୍ସବ ପଡ଼ିଆରେ ଏକ ବିରାଟ ସମାବେଶ ଅନୁଷ୍ଠିତ ହୋଇଯାଇଛି । ପ୍ରତିକୂଳ ପାଗ ସତ୍ତ୍ୱେ ହଜାର ହଜାର ଛାତ୍ରମାନେ ପଡ଼ିଆର ଚାରିପଟୁ ବର୍ଷାରେ ଭିଜି ବାଇକ୍ ଶୋଭାଯାତ୍ରାରେ ଆସି ସଭାସ୍ଥଳରେ ପହଞ୍ଚିଥିଲେ । ଏହି ସଭାରେ ମୁଖ୍ୟଅତିଥି ଭାବେ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ ଯୋଗଦେଇ ମୁଖ୍ୟମନ୍ତ୍ରୀ ଛାତ୍ରମାନଙ୍କ ପାଇଁ କରିଥିବା ଯୋଜନା ବିଷୟରେ କହିବା ସହିତ ଯୋଡ଼ି ଶଙ୍ଖରେ ଗୋଟିଏ ଏମଏଲଏଙ୍କ ପାଇଁ ଓ ଆଉ ଗୋଟିଏ ଏମପିଙ୍କ ପାଇଁ ଆଶୀର୍ବାଦ କରିବା ପାଇଁ ଅନୁରୋଧ କରିଥିଲେ । ଏହି ସଭାରେ ସମ୍ମାନିତ ଅତିଥି ଭାବରେ ଧର୍ମଶାଳାର ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛାତ୍ର ସମାଜକୁ ସବୁଠୁ ବେଶୀ ଗୁରୁତ୍ୱ ଦେଇଥିବା କଥା ପ୍ରକାଶ କରିଥିଲେ ଏବଂ ଦିନଥିଲା ଅନେକ ମଧ୍ୟରୁ କିଛି ହାତ ଗଣତି ପିଲାଙ୍କୁ ଛାତ୍ର ବୃତ୍ତି ମିଳୁଥିଲା କିନ୍ତୁ ଚଳିତ ବର୍ଷ ସେହି ଯୋଜନାକୁ ବନ୍ଦ କରି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ପାଇଁ ଛାତ୍ର ବୃତ୍ତି ଘୋଷଣା କରିଥିଲେ ଏବଂ ୧୦ ହଜାର ଟଙ୍କା ଝିଅ ମାନଙ୍କ ପାଇଁ ଏବଂ ପୁଅ ମାନଙ୍କ ପାଇଁ ୯ ହଜାର ଟଙ୍କା ସାରା ଓଡ଼ିଶାରେ ଏକ ସୁଯୋଗ ଦେଇ ପିଲା ମାନଙ୍କୁ ଆର୍ଥିକ ଅନାଟନରୁ ଦୂରେଇ ସେମାନଙ୍କୁ ପଢ଼ିବା ପାଇଁ ସୁଯୋଗ ଦେଇଥିଲେ । ଆମ ଧର୍ମଶାଳାରେ ଯେତୋଟି କଲେଜ୍ ଅଛି ସେଗୁଡ଼ିକୁ ୫ଟି ରେ ରୁପାନ୍ତରିକରଣ କରାଯାଇଛି ଏବଂ ପ୍ରାୟତଃ ୯୫% ସ୍କୁଲକୁ ରିପାନ୍ତରିକରଣ କରାଯାଇଛି । ଛାତ୍ର ସମାଜର କ୍ରୀଡ଼ାରେ ଭିତ୍ତିଭୂମି ପାଇଁ ଷ୍ଟାଡିୟମ୍ ଏବଂ କଲେଜ ମାନଙ୍କରେ କ୍ରୀଡ଼ାର ଭିତ୍ତିଭୂମି ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ଯାହାକି କିଭଳି ଛାତ୍ର ସମାଜ ଆଗକୁ ବଢ଼ିପାରିବ ତାହାର ଉଦାହରଣ ୫ଟି ମାଧ୍ୟମରେ ସାରା ଭାରତରେ ଦିଗ୍‌ଦର୍ଶନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଏତେ ବର୍ଷା ସତ୍ତ୍ୱେ ଛାତ୍ରମାନେ ଉପସ୍ଥିତ ଥିବାରୁ ବିଧାୟକ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ । ଏହି ସଭାକୁ ୪ଟି ଦିଗରୁ ବିଶାଳ ବାଇକ୍ ରାଲି ଆସିଥିଲା, ଗୋଟିଏ କୋଟପୁର ଖେଳ ପଡ଼ିଆରୁ, ଗୋଟିଏ ଧର୍ମଶାଳା ଭବନରୁ, ଗୋଟିଏକୁ ଆଖିଆରୁ ଏବଂ ଅନ୍ୟଟି ମର୍ଜିତାପରରୁ ଏହି ସଭାରେ ସଭାପତିତ୍ୱ କରିଥିଲେ । ସୌମ୍ୟପ୍ରକାଶ ବିଶ୍ୱାଳ (ଛାତ୍ର ସଭାପତି ଯାଜପୁର ଜିଲ୍ଲା) ଏବଂ ପରିଚାଳନା କରିଥିଲେ ଧର୍ମଶାଳା ବ୍ଲକ୍ ସଭାପତି ଜଗଦାନନ୍ଦ ରାଉତ ଏବଂ ସମସ୍ତ କାର୍ଯ୍ୟର ତଦାରଖ କରୁଥିଲେ ଧର୍ମଶାଳା ବ୍ଲକ୍ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ।

# ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଢୋଲ ସମ୍ପର୍କ ପଦଯାତ୍ରା

ବାଲେଶ୍ୱର, ନ୍ୟୁଜ୍

ବାଲେଶ୍ୱର ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ତରଫରୁ ଢୋଲ ସମ୍ପର୍କ ପଦ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଲୋକସଭା ଓ ସାତ ଗୋଟି ବିଧାନ ସଭା ନିର୍ବାଚନ ଆଗାମୀ ଜୁନ୍ ଏକ ତାରିଖରେ, ଦଳୀୟ ସାଂସଦ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ସଦର ବିଧାନ ସଭା ପ୍ରାର୍ଥୀ ମାନସ ଦତ୍ତଙ୍କୁ ବିଜୟୀ କରାଇବା ପାଇଁ ବାଲେଶ୍ୱର ଜିଲ୍ଲା ଯୁବ ମୋର୍ଚ୍ଚା ଅଣ୍ଟା ଭିଡ଼ିଛି । ପାର୍ଟିର ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ରାଜେଶ ମୋହପାତ୍ରଙ୍କ ଅଧ୍ୟକ୍ଷତାରେ ସହଦେବ ଖୁଣ୍ଟା ଠାରେ ଏହି ଢୋଲ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସଦର ଯୁବ ମୋର୍ଚ୍ଚା ସଂଯୋଜକ ସ୍ୱର ଝଙ୍କାର ସେଠୀ ଓ ନଗର ବିଜେପି ଯୁବ ମୋର୍ଚ୍ଚା ସଭାପତି ଦେବବ୍ରତ ମିଶ୍ର ଉପସ୍ଥିତିରେ ଜିଲ୍ଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଖଗେନ୍ଦ୍ର ନାୟକ ଓ ସ୍ୱାଧୀନ ପଣ୍ଡା, କାଉନସିଲ ପ୍ରାର୍ଥୀ ଜିତେନ୍ଦ୍ର ପରମାଣିକ, ସୁଧାଂଶୁ ପଣ୍ଡା, ବେଣୁଧର ପଣ୍ଡା, ସୁରଜ ବିଶ୍ୱାଳ, ଜିତେନ୍ଦ୍ର ପ୍ରହରାଜ, ଶିବଶଙ୍କର ପ୍ରହରାଜ, ଶିବଶଙ୍କର ଜେନା, ଅବିନାଶ ଗିରି, ହିମାଂଶୁ ଦାସ, ସନ୍ତୋଷ ବେହେରା, ସୁରଜିତ ନନ୍ଦ, ସନ୍ୟାସୀ ବେହେରା ପ୍ରମୁଖ ଏହି ଶୋଭା ଯାତ୍ରାରେ ଯାଇ ଘରକୁ ଘର ବୁଲି ପ୍ରଧାନମନ୍ତ୍ରୀଙ୍କ ସଫଳତା କାର୍ଡ ବାଣ୍ଟି ଥିଲେ ଓ ନିର୍ବାଚନରେ ଲୋକ ସଭାରେ ୪୦୦ ପାର ଓ ଓଡ଼ିଶାରେ ବିଜେପି ସରକାର ଗଠନ କରିବାରେ ସାମିଲ ହେବାଲାଗି କହିଥିଲେ ।

# କଟକ ଜିଲ୍ଲା ସାଧାରଣ ନିର୍ବାଚନ ପ୍ରସ୍ତୁତିର ସମ୍ପୂର୍ଣ୍ଣ ସମୀକ୍ଷା କଲେ ପର୍ଯ୍ୟବେକ୍ଷକ

କଟକ, ନ୍ୟୁଜ୍ ବ୍ୟୁରୋ

ଏକକାଳୀନ ସାଧାରଣ ନିର୍ବାଚନ ୨୦୨୪ ନିମନ୍ତେ ଜିଲ୍ଲାକୁ ଆସିଥିବା ସମସ୍ତ ନିର୍ବାଚନ ପର୍ଯ୍ୟବେକ୍ଷକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ କଟକ ଜିଲ୍ଲା ସାଧାରଣ ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ସମ୍ପୂର୍ଣ୍ଣ ସମୀକ୍ଷା କରିଛନ୍ତି । ପର୍ଯ୍ୟବେକ୍ଷକମାନେ ନିର୍ବାଚନ କାର୍ଯ୍ୟକ୍ରମର ସମସ୍ତ ବିଷୟରେ ସମ୍ପୃକ୍ତ ନୋଡାଲ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ ଏବଂ ଆବଶ୍ୟକସ୍ଥଳେ ନିର୍ବାଚନ ପରିଚାଳନାକୁ ଅଧିକ ସୁଗମ ଏବଂ ସ୍ୱଚ୍ଛ କରିବା ନିମନ୍ତେ ପରାମର୍ଶମାନ ଦେଇଥିଲେ । ସମୀକ୍ଷା ବୈଠକ ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ଅରିନ୍ଦମ ଡାକୁଆ ନିର୍ବାଚନକୁ ଅବାଧ, ସ୍ୱଚ୍ଛ ଓ ଫଳପ୍ରଦ କରିବା ନିମନ୍ତେ ସମସ୍ତ ନୋଡାଲ ଅଧିକାରୀମାନେ ନିର୍ବାଚନ ପର୍ଯ୍ୟବେକ୍ଷକମାନଙ୍କ ପରାମର୍ଶ ଅନୁଯାୟୀ ନିଜ ନିଜର କାର୍ଯ୍ୟଧାରାକୁ ଅଧୁନାତନ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ବିଭିନ୍ନ ନୋଡାଲ ଅଧିକାରୀ ଯଥା ମାନବ ସମ୍ବଳ ପରିଚାଳନା, ଆନୁସଙ୍ଗିକ ପଦାର୍ଥ ପରିଚାଳନା, ଭୋଟିଂ ମେସିନ୍ ପରିଚାଳନା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ବୟସ୍କ ତଥା ଦିବ୍ୟାଙ୍ଗ ଭୋଟରମାନଙ୍କ ନିମନ୍ତେ ସୁବିଧା, ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ଅଧିକାରୀମାନଙ୍କ ନିମନ୍ତେ ପୋଷ୍ଟାଲ ବାଲଟ୍‌ର ବ୍ୟବସ୍ଥା, ନିର୍ବାଚନ ଆଦର୍ଶ ଆଚରଣ ବିଧି ତଦାରଖ ଉପରେ ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହନ୍ତ, ନିର୍ବାଚନୀ ଖର୍ଚ୍ଚ ତଦାରଖ ଏବଂ ଭୋଟିଂ ସଚେତନତା କାର୍ଯ୍ୟକ୍ରମ ଉପରେ ମୁଖ୍ୟ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ପରିବହନ ପରିଚାଳନା ଉପରେ ଆଞ୍ଚଳିକ ପରିବହନ ଅଧିକାରୀ ବିରଞ୍ଚି ନାରାୟଣ ଅଧିକାରୀ, ମିଡିଆ ସେଲ୍ ପରିଚାଳନା ଉପରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଆଦିଙ୍କ ସହ ପର୍ଯ୍ୟବେକ୍ଷକମାନେ ସିଧାସଳଖ ଆଲୋଚନା କରିଥିଲେ ଏବଂ ପରାମର୍ଶ ଦେଇଥିଲେ । ଏହି ଅବସରରେ ନିର୍ବାଚନରେ ଅବୈଧ ଅର୍ଥ କାରବାର ଉପରେ ନଜର ରଖିଥିବା ବ୍ୟାଙ୍କ ଅଧିକାରୀ, ଆୟକର ବିଭାଗ ଅଧିକାରୀ, ଜିଏସଟି ଅଧିକାରୀ ତଥା ନିଶା କାରବାର ବିଷୟରେ ଅବକାରୀ ଅଧିକାରୀମାନଙ୍କ ସହ ମଧ ସେମାନେ ଆଲୋଚନା କରି ଅଦ୍ୟାବଧି ଜବତ ହୋଇଥିବା ଅର୍ଥ ଏବଂ ନିଶା ସାମଗ୍ରୀର ତଥ୍ୟ ନେଇଥିଲେ । ଜିଲ୍ଲା ତମାମ ପୋଲିଂ ବୁଥ୍‌ରେ ନିଶ୍ଚିତ ସର୍ବନିମ୍ନ ସୁବିଧା ଉପଲବ୍ଧ କରାଇବା ଉପରେ ମଧ ସମୀକ୍ଷା କରାଯାଇଥିଲା । ଏହି ସମୀକ୍ଷା ବୈଠକରେ ଭାରତୀୟ ରାଜସ୍ୱ ସେବାର ବରିଷ୍ଠ ଅଧିକାରୀ ସୁରେଶ ଶିବନନ୍ଦନ, ଆଇ.ଆର.ଏ.ଏସ୍ ସୁପ୍ରିୟା ସୁରେନ୍ଦ୍ରନାଥ ଘାଗ, ଆଇଆରଏସ୍ ପୀୟୁଷ ବାରାସୁ ବାଧେ, ଆଇଏଏସ୍ ଗୁରାଲା ଶ୍ରୀନିବାସୁଲୁ, ଆଇଏଏସ୍ ଉମାଶଙ୍କର ସିଂହ, ଆଇପିଏସ୍ ଅଧିକାରୀ ଆର୍. ଶିବକୁମାର, ଡିସିପି ପ୍ରକାଶ ଆର୍., ଆରକ୍ଷୀ ଅଧିକ୍ଷକ ଗ୍ରାମାଞ୍ଚଳ ଏଲ୍. ଦିବ୍ୟା, ଉପଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ପ୍ରମୁଖ ଉପସ୍ଥିତ ଥିଲେ । ନିର୍ବାଚନ ଏକ ପବିତ୍ର ଜାତୀୟ ପର୍ବ ଏବଂ ସମସ୍ତ ସମ୍ପୃକ୍ତ ଅଧିକାରୀ ଏଥିରେ ଆଗ୍ରହର ସହ ସଂଶ୍ଳିଷ୍ଟ ହେବା ନିମନ୍ତେ ଜିଲ୍ଲାପାଳ ଶ୍ରୀ ଡାକୁଆ ଆଶାବ୍ୟକ୍ତ କରିଥିଲେ ।

# ସମ୍ ହସ୍ପିଟାଲ୍ ପକ୍ଷରୁ ଆନ୍ତର୍ଜାତିକ ସେବିକା ସପ୍ତାହ ପାଳିତ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ



ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ରାଜ୍ୟ ସରକାରଙ୍କ ପକ୍ଷରୁ ଲଗାତର ୨୦୨୨ ଓ ୨୦୨୩ରେ ଶ୍ରେଷ୍ଠ ବିଏସ୍‌କେୱାଇ ହସ୍ପିଟାଲ୍‌ର ମାନ୍ୟତା ପାଇଥିବା ବେଳେ କରୋନା ମହାମାରୀ ସମୟରେ ଚିକିତ୍ସା ଓ ପରିଚାଳନା ନେଇ ଶ୍ରେଷ୍ଠ କୋଭିଡ ହସ୍ପିଟାଲ୍ ଭାବେ ପରିଗଣିତ ହୋଇଛି । ତେବେ ହସ୍ପିଟାଲ୍ ଏହି ସବୁ ପ୍ରତିଷ୍ଠା ପାଇବା କ୍ଷେତ୍ରରେ ଡାକ୍ତରମାନଙ୍କ ସହିତ ନର୍ସମାନଙ୍କ ଅବଦାନର ବଡ଼ ଗୁରୁତ୍ୱ ରହିଛି ବୋଲି ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର କହିଛନ୍ତି । ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ପକ୍ଷରୁ ମଙ୍ଗଳବାର ଆନ୍ତର୍ଜାତିକ ସେବିକା ସପ୍ତାହ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଫେସର ସାମନ୍ତସିଂହାର କହିଛନ୍ତି ଯେ ଡାକ୍ତରମାନେ ରୋଗୀମାନଙ୍କର ପରୀକ୍ଷା, ରୋଗ ନିରୂପଣ ଓ ଚିକିତ୍ସା କରୁଥିବା ବେଳେ ନର୍ସମାନେ ୨୪ ଘଣ୍ଟା ଧରି ରୋଗୀମାନଙ୍କର ସେବା କରିଥାନ୍ତି । ତେଣୁ ସେମାନଙ୍କର କାର୍ଯ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ । ଏହି ଅବସରରେ ରାଜ୍ୟ ସରକାରଙ୍କ ନର୍ସିଂ ବିଭାଗର ନିର୍ଦ୍ଦେଶକ ଡାକ୍ତର ଆର୍ତ୍ତବନ୍ଧୁ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମେ ୧୨ ତାରିଖକୁ ନର୍ସିଂ ଦିବସ ଭାବେ ପାଳନ କରାଯାଉଥିବା କହିବା ସହ ସ୍ୱାସ୍ଥ୍ୟ ବିଭାଗ କ୍ଷେତ୍ରରେ ନର୍ସମାନଙ୍କର ଅବଦାନ ଅତୁଳନୀୟ ବୋଲି କହିଥିଲେ । ତେଣୁ ସେମାନଙ୍କୁ ପ୍ରୋତ୍ସାହିତ କରିବା ସମସ୍ତଙ୍କର ଦାୟିତ୍ୱ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ବ୍ରହ୍ମକୁମାରୀ ରାଜଯୋଗିନୀ ବି.କେ. ନମିତା ମୁଖ୍ୟବକ୍ତା ଭାବେ ଯୋଗଦେଇ ମାନସିକ ଚାପର ପରିଚାଳନା ଏବଂ ଏ କ୍ଷେତ୍ରରେ ଧ୍ୟାନ କରିବାର ମହତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ନର୍ସିଂ ସୁପରିଟେଣ୍ଡେଣ୍ଟ ମିନତୀ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ସେ ଫ୍ଲୋରେନ୍ସ ନାଇଟିଙ୍ଗଲଙ୍କର ସେବା କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । କାର୍ଯ୍ୟକ୍ରମରେ ଆଡିସ୍‌ନାଲ୍ ନର୍ସିଂ ସୁପରିଟେଣ୍ଡେଣ୍ଟ ଶୋଭାମଣୀ ସାମଲ ବକ୍ତବ୍ୟ ରଖିଥିବା ବେଳେ ଡେପୁଟି ନର୍ସିଂ ସୁପରିଟେଣ୍ଡେଣ୍ଟ ନିରୂପମା ଡଗର ଧନ୍ୟବାଦ ଅର୍ପଣ କରିଥିଲେ । ସେବିକା ସପ୍ତାହ ଦିବସ ପାଳନ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ସମସ୍ତ କ୍ଲିନିକାଲ୍ ଓ ନନ୍‌କ୍ଲିନିକାଲ୍ ବିଭାଗୀୟ ମୁଖ୍ୟ, ସମସ୍ତ ଡିଏନ୍‌ଏସ୍, ଏଏନ୍‌ଏସ୍, ନର୍ସିଂ ଅଫିସର, ଇନ୍‌ଟର୍ଣ୍ଣ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ସଞ୍ଜୀବ ଗୋଏଙ୍କାଙ୍କୁ ଟାର୍ଗେଟ କଲେ ସେହ୍ୱାଗ୍

**ନୂଆଦିଲ୍ଲୀ**



ଆଇପିଏଲ ୨୦୨୪ ରେ ଗତ ବୁଧବାର ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଏବଂ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଏକ ମ୍ୟାଚ୍ ହୋଇଥିଲା। ଏହି ମ୍ୟାଚ୍‌ରେ ଲକ୍ଷ୍ନୌ ପରାଜୟର ସ୍ୱାଦ ଚାଖିଥିଲା। ପ୍ରଥମେ ବ୍ୟାଟିଂ କରି ଲକ୍ଷ୍ନୌ ମାତ୍ର ୧୬୫ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ହାଇଦ୍ରାବାଦ ୧୦ ଓଭର ମଧ୍ୟରେ ମ୍ୟାଚ୍ ଜିତିଥିଲା। ମ୍ୟାଚ୍ ପରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ମାଲିକ ସଂଜୀବ ଗୋଏଙ୍କା କ୍ଷୁବ୍ଧ ଭାବରେ ଅଧିନାୟକ କେ.ଏଲ ରାହୁଲଙ୍କ ସହିତ କଥାବାର୍ତ୍ତା କରୁଥିବା ଦେଖିବାକୁ ମିଳିଥିଲା। ଭାଇରାଲ ଭିଡିଓରେ କେ.ଏଲ ରାହୁଲ ସଞ୍ଜୀବ ଗୋଏଙ୍କାଙ୍କ ସମ୍ମୁଖରେ ଠିଆ ହୋଇ ସବୁକିଛି ଶୁଣୁଥିଲେ। ଆଉ ଗୋଏଙ୍କା ତାଙ୍କୁ ଗାଳି କରୁଥିଲେ, ଯାହାକୁ ନେଇ ଅନେକ କ୍ରିକେଟ ସମୀକ୍ଷକଙ୍କ ସହ କେଏଲ ରାହୁଲଙ୍କ ପ୍ରଶଂସକ ଗୋଏଙ୍କାଙ୍କୁ ତୀବ୍ର ସମାଲୋଚନା କରିଥିଲେ। ତେବେ ବର୍ତ୍ତମାନ ସଞ୍ଜୀବଙ୍କ ଏଭଳି ଆଚରଣ ପାଇଁ ପୂର୍ବତନ ଭାରତୀୟ କ୍ରିକେଟର ବୀରେନ୍ଦ୍ର ସେହ୍ୱାଗ ସଞ୍ଜୀବ ଗୋଏଙ୍କାଙ୍କୁ ସମାଲୋଚନା କରିଛନ୍ତି।

ସେହ୍ୱାଗଙ୍କ କହିବା ଅନୁଯାୟୀ ସଞ୍ଜୀବ ୪୦୦ କୋଟି ଟଙ୍କା ଲାଭ କରୁଛନ୍ତି, ତେଣୁ ତାଙ୍କୁ ସେ କାହିଁକି ଚିନ୍ତା କରୁଛନ୍ତି ? ବୀରେନ୍ଦ୍ର ସେହ୍ୱାଗ କହିଛନ୍ତି, ସେମାନେ ସମସ୍ତେ ବ୍ୟବସାୟୀ ଏବଂ ସେମାନେ କେବଳ ଲାଭ ଏବଂ କ୍ଷତିର ଭାଷା ବୁଝନ୍ତି। କିନ୍ତୁ ଏଠାରେ କୌଣସି କ୍ଷତି ନାହିଁ, ତେବେ ତାଙ୍କର କ'ଣ ଅସୁବିଧା ହେଉଛି ? ସେ ୪୦୦ କୋଟି ଟଙ୍କା ଲାଭ କରୁଛନ୍ତି। ଏହା ଏମିତି ଏକ ବ୍ୟବସାୟ ଯେଉଁଠାରେ ସେମାନେ କିଛି କରିବା ଆବଶ୍ୟକ କରନ୍ତି ନାହିଁ। ଫଳାଫଳ ଯାହା ହେଉନା କାହିଁକି ସେମାନେ ଲାଭ କରୁଛନ୍ତି। ସେହ୍ୱାଗ କହିଛନ୍ତି, ଜଣେ ମାଲିକଙ୍କ କାମ ହେବା ଉଚିତ ଯେ ଯେତେବେଳେ ସେ ସାମ୍ବାଦିକ ସମ୍ମିଳନୀରେ କିମ୍ବା ଡ୍ରେସିଂ ରୁମ୍‌ରେ ଖେଳାଳିଙ୍କୁ ଭେଟନ୍ତି, ସେତେବେଳେ ସେ ସେମାନଙ୍କ ମନୋବଳ ବଢ଼ାଇବାକୁ ଚେଷ୍ଟା କରିବା ଉଚିତ୍। କିନ୍ତୁ ଯେତେବେଳେ ମାଲିକ ଆସି ନିର୍ଦ୍ଦିଷ୍ଟ ଖେଳାଳିଙ୍କ ଉପରେ ପ୍ରଶ୍ନ ଉଠାଇବା ଆରମ୍ଭ କରନ୍ତି, ତାହା ଭୁଲ। ବଡ଼ କଥା ଯେ ଖେଳାଳି ଓ କୋଚ୍ ଦଳକୁ ଚଳାନ୍ତି। ଏଣୁ ଦଳର ପ୍ରଦର୍ଶନ କିମ୍ବା ଖେଳାଳିଙ୍କ ଉପରେ ପ୍ରଶ୍ନ ଉଠାଇବା ମାଲିକମାନଙ୍କ ପାଇଁ ଠିକ୍ ନୁହେଁ।

# ରାଜସ୍ଥାନକୁ ହରାଇ ପ୍ଲେଅଫ ନିକଟତର ହେଲା ଚେନ୍ନାଇ

**ଚେନ୍ନାଇ**



ଚେନ୍ନାଇର ଏମ୍‌ଏ ଚିଦାମ୍ବରମ ଷ୍ଟାଡ଼ିୟମ୍‌ଠାରେ ଖେଳାଯାଇଥିବା ଆଇପିଏଲ ୨୦୨୪ର ୬୧ତମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍‌ସକୁ ୫ ୱିକେଟରେ ପରାସ୍ତ କରିଛି ଚେନ୍ନାଇ ସୁପରକିଙ୍ଗ୍‌ସ। ଏହି ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ବିଜୟ ସହ ଚେନ୍ନାଇ ପ୍ଲେଅଫର ନିକଟତର ହୋଇଛି।

ଦଳ ଏବେ ୧୩ ବିଜୟରୁ ୭ ବିଜୟ ସହ ୧୪ ପଏଣ୍ଟ ହାସଲ କରି ଟେବୁଲର ତୃତୀୟ ସ୍ଥାନରେ ପହଞ୍ଚି ଯାଇଛି। ଦଳ ନିଜର ଶେଷ ମ୍ୟାଚ୍‌ରେ ଜିତିବା ମାତ୍ରେ ପ୍ଲେଅଫରେ ନିଜର ସ୍ଥାନ ପକ୍କା କରି ନେବ। ଶେଷ ମ୍ୟାଚ୍‌ରେ ଚେନ୍ନାଇର ମୁକାବିଲା ଆରସିବି ସହ ହେବ। ସେହିପରି ରାଜସ୍ଥାନ ପରାଜୟ ସତ୍ତ୍ୱେ ୧୬ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଦଳ ପାଖରେ ଆହୁରି ୨ଟି ମ୍ୟାଚ୍ ବାକି ରହିଛି। ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନରେ ହାଇଦ୍ରାବାଦ ରହିଛି।

ରବିବାର ଚେନ୍ନାଇରେ ଖେଳାଯାଉଥିବା ମ୍ୟାଚ୍‌ରେ ରାଜସ୍ଥାନ ପ୍ରଥମେ ବ୍ୟାଟିଂ କରି ୫ ୱିକେଟ ହରାଇ ମାତ୍ର ୧୪୧ ରନ କରିବାକୁ ସକ୍ଷମ ହୋଇଥିଲା। ଏହାର ଜବାବରେ ଚେନ୍ନାଇ ୧୦ ବଲ୍ ପୂର୍ବରୁ ୫ ୱିକେଟ ହରାଇ ବିଜୟ ଟାର୍ଗେଟକୁ ହାସଲ କରି ନେଇଛି। ଦଳକୁ ଜିତିବା ପାଇଁ ୧ ରନ ଦରକାର ଥିବା ବେଳେ ଇମ୍ପାକ୍ଟ ଖେଳାଳି ସମୀର ରିଜଭୀ ଚୌକା ମାରି ମ୍ୟାଚ୍ ଶେଷ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଋତୁରାଜ ଗାଏକ୍ୱାଡ୍ ଅପରାଜିତ ୪୨ ରନ କରିଥିବା ବେଳେ ରଚିନ ରବୀନ୍ଦ୍ର ୨୭, ଡାରେଲ ମିଚେଲ ୧୩ ବଲରେ ୨୨, ମୋଇନ ଅଲୀ ୧୩ ବଲରେ ୧୦, ଶିବମ ଦୁବେ ୧୧ ବଲରେ ୧୮ ଓ ରବୀନ୍ଦ୍ର ଜାଡେଜା ୫ ରନ କରି ଆଉଟ ହୋଇଥିଲେ। ସମୀର ରିଜଭୀ ୮ ବଲରେ ୧୫ ରନ କରି ଅପରାଜିତ ରହିଥିଲେ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ରବିବାର ଜାଡେଜା ଅବଷ୍ଟ୍ରକ୍ଟିଙ୍ଗ ଦି ଫିଲ୍ଡ ବଳରେ ଆଉଟ୍ ହୋଇଛନ୍ତି। ରାଜସ୍ଥାନ ଅଧିନାୟକ ସଞ୍ଜୁ ସାମସନ ନନ୍ ଷ୍ଟ୍ରାଇକ୍ ଏଣ୍ଡକୁ ଗୋଟିଏ ଥ୍ରୋ ମାରୁଥିବା ବେଳେ ଜାଡେଜା ପିଚ୍ ମଝିରେ ପଶି ଯାଇଥିଲେ। ଫଳରେ ବଲଟି ତାଙ୍କ ଦେହରେ ବାଜିଥିଲା। ରନ ଆଉଟ୍‌ରୁ ବର୍ତ୍ତିବା ପାଇଁ ଜାଡ଼େଜା ଜାଣିଶୁଣି ବଲ୍ ସାମ୍ନାକୁ ଆସି ଯାଉଥିବାରୁ ତାଙ୍କୁ ଅବଷ୍ଟ୍ରକ୍ଟିଙ୍ଗ ଦ ଫିଲ୍ଡ ବଳରେ ଆଉଟ୍ ଘୋଷଣା କରାଯାଇଥିଲା ତଥାପି ଚେନ୍ନାଇ ମ୍ୟାଚ୍‌କୁ ଜିତି ନେଇଛି।

ଏହାପୂର୍ବରୁ ରାଜସ୍ଥାନ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଯଶସ୍ୱୀ ଜେସ୍‌ୱାଲ ୨୪ ରନ, ଜୋଶ ବଟଲର ୨୧ ଓ ସଞ୍ଜୁ ସାମସନ କେବଳ ୧୫ ରନ କରିଥିଲେ। ଦୁଇ ଯୁବ ବ୍ୟାଟର ରିୟାନ ପରାଗ ଓ ଧ୍ରୁବ ଜୁରେଲ କିଛି ସମୟ ଲଢ଼େଇ କରିଥିଲେ। ଫଳରେ ରାଜସ୍ଥାନ ୨୦ ଓଭରରେ ୫ ୱିକେଟ ହରାଇ ୧୪୧ ରନ କରିପାରିଥିଲା।

ପରାଗ ଶେଷ ଯାଏ ୪୭ ରନ କରି ଅପରାଜିତ ରହିଥିବା ବେଳେ ଜୁରେଲ ୨୮ ରନ କରି ଆଉଟ ହୋଇଥିଲେ। ଶୁଭମ୍ ଦୁବେ ବ୍ୟାଟିଂ କରିବାକୁ ସୁଯୋଗ ପାଇଥିଲେ ହେଁ ଖାତା ଖୋଲି ପାରି ନଥିଲେ। ଚେନ୍ନାଇ ପକ୍ଷରୁ ସିମରଜୀତ ସିଂହ ସର୍ବାଧିକ ୩ଟି ଓ ତୁଷାର ଦେଶପାଣ୍ଡେ ୨ଟି ସଫଳତା ପାଇଥିଲେ।

# ଟି୨୦ ବିଶ୍ୱକପ୍‌ରେ ସ୍ଥାନ ନ ମିଳିବାରୁ ଅବସର ନେଲେ ନ୍ୟୁଜିଲାଣ୍ଡର କଲିନ୍ ମୁନ୍‌ରୋ

**ଖ୍ରାଇଷ୍ଟଚର୍ଚ୍ଚ**



ନ୍ୟୁଜିଲାଣ୍ଡର ଅନ୍ୟତମ ଟପ୍ ଅର୍ଡର ବ୍ୟାଟର କଲିନ୍ ମୁନ୍‌ରୋ ଅନ୍ତର୍ଜାତୀୟ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ଆଗାମୀ ଟି୨୦ ବିଶ୍ୱକପ୍ ପାଇଁ ଜାତୀୟ ଦଳରେ ସ୍ଥାନ ନ ମିଳିବା ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ୩୭ ବର୍ଷୀୟ ମୁନ୍‌ରୋ ନ୍ୟୁଜିଲାଣ୍ଡ ତରଫରୁ ଗୋଟିଏ ଟେଷ୍ଟ, ୫୭ ଅନ୍ତର୍ଜାତୀୟ ଦିନିକିଆ ଏବଂ ୬୫ ଟି୨୦ ମ୍ୟାଚ୍ ଖେଳିଛନ୍ତି। ସେ ମୋଟ ୩୦୧୦ ରନ ସଂଗ୍ରହ କରିଛନ୍ତି।

ଏହି ବାମହାତୀ ବ୍ୟାଟର ଖେଳର କ୍ଷୁଦ୍ରତମ ଫର୍ମାଟରେ ମୋଟ ୩୦୧୦ ରନ ସଂଗ୍ରହ କରିଛନ୍ତି। ଅନ୍ତର୍ଜାତୀୟ ଟି୨୦ରେ ତାଙ୍କର ଷ୍ଟ୍ରାଇକ୍‌ରେଟ୍ ୧୫୬.୪୪ ରହିଛି। ସମସ୍ତ ପ୍ରକାର ଟି୨୦ ପ୍ରତିଯୋଗିତାରେ ତାଙ୍କର ମୋଟ ରନ ସଂଖ୍ୟା ୧୦,୦୦୦ରନରୁ ଊର୍ଦ୍ଧ୍ୱ ରହିଛି। କ୍ୱଚିତ ଖେଳାଳି ଏହି ସଫଳତା ହାସଲ କରିପାରିଛନ୍ତି। ଡର୍ବାନରେ ଜନ୍ମିତ ଏହି ଖେଳାଳି ମୋଟ ୪୨୮ ଟି୨୦ ଖେଳି ୩୦.୪୪ ଆଭରେଜରେ ୧୪୧.୨୫ ଷ୍ଟ୍ରାଇକ ରେଟ୍‌ରେ ୧୦,୯୬୧ ରନ ସଂଗ୍ରହ କରିଛନ୍ତି। ମୁନ୍‌ରୋ ନ୍ୟୁଜିଲାଣ୍ଡ ପାଇଁ ତାଙ୍କ ଅନ୍ତିମ ଗେମ୍ ୨୦୨୦ରେ ମାଉଣ୍ଟ ମଙ୍ଗାନୁଇଠାରେ ଭାରତ ବିପକ୍ଷରେ ଖେଳିଥିଲେ। ନ୍ୟୁଜିଲାଣ୍ଡ କୋଚ୍ ଗ୍ୟାରି ଷ୍ଟେଡ୍ କହିଛନ୍ତି ଦଳ ମନୋନୟନ ବେଳେ ମୁନ୍‌ରୋଙ୍କ ନାମ ଆଲୋଚନା ହୋଇଥିଲା। ହେଲେ ଦଳରେ ତାଙ୍କୁ ସ୍ଥାନ ମିଳି ନ ଥିଲା। ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇସାରିଥିଲେ ମଧ୍ୟ ନ୍ୟୁଜିଲାଣ୍ଡର ଏହି ବ୍ୟାଟର ବିଶ୍ୱବ୍ୟାପୀ ବିଭିନ୍ନ ଟି୨୦ ଲିଗ୍‌ରେ ତାଙ୍କ ଖେଳ ଜାରି ରଖିବେ। ମୁନ୍‌ରୋ ତାଙ୍କ କ୍ୟାରିୟରରେ କେତୋଟି ରେକର୍ଡର ଅଧିକାରୀ ହୋଇପାରିଛନ୍ତି।

# ଟି-୨୦ କ୍ରିକେଟରୁ ଅବସର ଘୋଷଣା କଲେ ଜିମ୍ବାୱେ ଅଲରାଉଣ୍ଡର ସେନ ୱିଲିୟମ୍ସ

**ନୂଆଦିଲ୍ଲୀ**

ଟି-୨୦ରୁ ଅବସର ଘୋଷଣା କରିଛନ୍ତି ଜିମ୍ବାୱେ ଅଲରାଉଣ୍ଡର ସେନ ୱିଲିୟମ୍ସ। ବାଂଲାଦେଶରେ ଶେଷ ହୋଇଥିବା ପାଞ୍ଚ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ୍ ପରେ ୱିଲିୟମ୍ସ ଏହି ନିଷ୍ପତ୍ତି ନେଇଛନ୍ତି। ରବିବାର ଜିମ୍ବାୱେ ସାନ୍ତ୍ୱନାମୂଳକ ବିଜୟ ପାଇବା ପୂର୍ବରୁ ବାଂଲାଦେଶ ସିରିଜର ପ୍ରଥମ ଚାରିଟି ମ୍ୟାଚ୍ ବିଜୟ ସହିତ ସିରିଜ୍ ଜିତି ନେଇଛି। ତେବେ ଶେଷ ମ୍ୟାଚ୍‌ରେ ବିଜୟ ସହିତ ୱିଲିୟମ୍ସଙ୍କୁ ଫର୍ମାଟରୁ ବିଜୟ ଦେଇଛି ଜିମ୍ବାୱେ ଟିମ୍। ସେ ସିରିଜର ପ୍ରଥମ ଏବଂ ଶେଷ ମ୍ୟାଚରେ ଖେଳିଥିଲେ। ତେବେ ସେ ଦିନିକିଆ ଏବଂ ଟେଷ୍ଟରେ ଖେଳିବା ଜାରି ରଖିବେ। ଜିମ୍ବାୱେ ସହିତ କାର୍ଯ୍ୟ କରୁଥିବା ବିସିବି ଅଧିକାରୀ ରବିବାର ନିଶ୍ଚିତ କରିଛନ୍ତି ଯେ ସେ (ୱିଲିୟମ୍ସ) ଟି-୨୦ରୁ ଅବସର ନେବାକୁ ନିଷ୍ପତ୍ତି ନେଇଥିଲେ ଏବଂ ଖେଳ ପରେ ତାଙ୍କ ଦଳର ସାଥୀଙ୍କୁ ତାଙ୍କ ନିଷ୍ପତ୍ତି ବିଷୟରେ ସୂଚନା



ଦେଇଥିଲେ। ଜିମ୍ବାୱେ ପାଇଁ ୱିଲିୟମ୍ସ ୮୧ ଟି-୨୦ରେ ଖେଳି ୧୨୬.୩୮ ଷ୍ଟ୍ରାଇକ୍ ହାରରେ ୧୬୯୧ ସ୍କୋର କରିଥିଲେ। ସେହିପରି ସେ ବାମହାତୀ ସ୍ପିନ ବୋଲିଂ ସହିତ ୪୮ ୱିକେଟ ନେଇଥିଲେ।

# ଏଫ୍.ଏମ୍ ବିଶ୍ୱବିଦ୍ୟାଳୟ : ବାଣିଜ୍ୟ ବିଭାଗର ପ୍ରାକ୍ତନ ଛାତ୍ର ମିଳନ ଓ ବାର୍ଷିକ ଉତ୍ସବ

**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗର ଚତୁର୍ଥ ବାର୍ଷିକ ଉତ୍ସବ ଓ ପୁରାତନ ଛାତ୍ର ସଂଗଠନର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟ ପାଇଁ ସମ୍ମାନ, ଗୌରବ ଓ ପୁରସ୍କାର ଆଣିଥିବା ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ ତଥା ଭବିଷ୍ୟତ ଜୀବନରେ ସଫଳ ହେବାର ମନ୍ତ୍ର ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ। ଅଧ୍ୟୟନରତ ଓ ପୁରାତନ ଛାତ୍ରଛାତ୍ରୀଙ୍କୁ ବିଶ୍ୱବିଦ୍ୟାଳୟର ଉନ୍ନତି ପଥରେ




ସହାୟକ ହେବାକୁ ପରାମର୍ଶ ଦେଇଥିଲେ।

ଏହି ଅବସରରେ ସମ୍ମାନୀୟ ଅତିଥି ଭାବେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ ଓ ବ୍ୟବସାୟ ପରିଚାଳନା ବିଭାଗ ମୁଖ୍ୟ ତଥା ପି.ଏମ.ଆଇ.ଆର ବିଭାଗର ସଂଯୋଜକ ପ୍ରଫେସର ପଦ୍ମଲିତା ରାଉତରାୟ ଯୋଗଦେଇଥିଲେ। ଏଥିସହିତ ବିଭାଗୀୟ ପତ୍ରିକା ଓ ନିଉଜଲେଟର ଉନ୍ମୋଚିତ ହୋଇଥିଲା। ପ୍ରାକ୍ତନ ଛାତ୍ର ସଂସଦର ସଭାପତି ଭରତ ଭୂଷଣ ସାହୁ, ସଂପାଦିକା ସଦେଷ୍ଣା ଚିରସ୍ରୋତା ଓ ବିଭାଗର ସେମିନାର ସେକ୍ରେଟେରୀ ଆକାଶ ସାହୁ ବିଭାଗର ବାର୍ଷିକ ବିବରଣୀ ପାଠ କରିଥିଲେ। କମର୍ସ-କ୍ୱେଷ୍ଟ ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା।

ଏହି ଉତ୍ସବରେ ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକା ଓ ବାଣିଜ୍ୟ, ପି.ଏମ.ଆଇ.ଆର ଓ ବ୍ୟବସାୟ ପରିଚାଳନା ବିଭାଗର ସମସ୍ତ ଛାତ୍ରଛାତ୍ରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳତାର ସହ ସଂପାଦନ କରିଥିଲେ। ଏଥିସହ କାର୍ଯ୍ୟକ୍ରମର ପ୍ରାରମ୍ଭରେ ବାଣିଜ୍ୟ ବିଭାଗର ସଂଯୋଜକ ଡକ୍ଟର ଆର୍ତ୍ତ ବନ୍ଧୁ ଜେନା ଅତିଥିମାନଙ୍କୁ ସ୍ୱାଗତ କରି, ଅତିଥି ପରିଚୟ ପ୍ରଦାନ କରିଥିଲେ ଜୟନ୍ତୀ କୁମାରୀ ଓ ଭରତ ଯାଜେଦିଆ। କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ଓ ଅଧ୍ୟାପିକା ଗାୟତ୍ରୀ ଗୁହାରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଅକ୍ଷୟ ତୃତୀୟାରେ ସମ୍ମିଳିତ କଳାମଞ୍ଚ 'ସ୍ପନ୍ଦନ'ର ଶୁଭଜନ୍ମ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ପବିତ୍ର ଅକ୍ଷୟ ତୃତୀୟାରେ ଇନ୍ଦ୍ରଧନୁର ସ୍ୱପ୍ନବୀଜ ବୁଣି କେନ୍ଦ୍ରାପଡ଼ାରେ ଜନ୍ମ ନେଲା କଳା, ସାହିତ୍ୟ ଓ ସୃଜନ ଅଭିବ୍ୟକ୍ତିର ମୁକ୍ତ ତଥା ପ୍ରତିବଦ୍ଧ ଅନୁଷ୍ଠାନ- ସ୍ପନ୍ଦନ। କବି, କଥାକାର, ନାଟ୍ୟକାର, ଚିତ୍ରଶିଳ୍ପୀ, ସଂଗୀତଶିଳ୍ପୀ, ନୃତ୍ୟଶିଳ୍ପୀଙ୍କ ସମାବେଶରେ ଇନ୍ଦ୍ରଧନୁର ଛିଟା ପରି ମିଳିତ ସୃଜନର ଏକ ମାୟାମୟ ମୂର୍ଚ୍ଛନା ମୁଖର କରିଥିଲା ଅକ୍ଷୟ ତୃତୀୟାର ଏହି ସ୍ମରଣୀୟ ସନ୍ଧ୍ୟାକୁ। ବିଶିଷ୍ଟ କଥାକାର ଡକ୍ଟର ବିରଜା ରାଉତରାୟ ସଞ୍ଚାଳନରେ ଅନୁଷ୍ଠିତ




ଏହି ମନୋଜ୍ଞ ଆସରକୁ ପିଏନଏସର ଅଧ୍ୟକ୍ଷ ବିଶିଷ୍ଟ ଗାଳ୍ପିକ ତଥା କଳାକାର ଜ୍ଞାନରଞ୍ଜନ ନାୟକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଆୟବା ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ବିନାୟକ ପ୍ରସାଦ ପ୍ରଧାନ ଯୋଗ ଦେଇ ବିବିଧ କଳାର ଏହି ମଞ୍ଚ କେନ୍ଦ୍ରାପଡ଼ା ଜିଲ୍ଲାର କଳା, ସାହିତ୍ୟ ଓ ସୃଜନଶୀଳ ପ୍ରତିଭାମାନଙ୍କୁ ସେମାନଙ୍କର ପ୍ରତିଭାର ପରିପ୍ରକାଶ ପାଇଁ ଏକ ପ୍ରକୃଷ୍ଟ ମାଧ୍ୟମ ଯୋଗାଇ ଦେବ ବୋଲି ମତ ପ୍ରକାଶ କରିଥିଲେ। କଥାକାର ବଂଶୀଧର ମହାନ୍ତି, ଚିତ୍ରଶିଳ୍ପୀ ସିନୁ ଦାଶ, ନାଟ୍ୟକାର ପ୍ରଫୁଲ୍ଲ କୁମାର ଜେନା, ବିକ୍ରମ କେଶରୀ ସାମଲ, ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ସ୍ୱପ୍ନାଂଶୁ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ମହାନଦୀରେ ବୁଡ଼ି ନାବାଳକ ଛାତ୍ର ମୃତ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନିମୁଳ ପଞ୍ଚାୟତ କନିମୁଳ ଗ୍ରାମର ଆଲୋକ ସାମଲଙ୍କ ନାବାଳକ ପୁଅ କାହ୍ନା ସାମଲ ମହାନଦୀରେ ବୁଡ଼ି ମୃତ୍ୟୁ ହୋଇଥିବା ସୂଚନା ମିଳିଛି। କାହ୍ନା ବାୟା ଅବଧୂତ ସରକାରୀ ନୋଡାଲ ବିଦ୍ୟାଳୟରେ ୭ମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ସୂଚନା ମୁତାବକ ତାସଙ୍ଗରା ବରହମପୁର ମହାନଦୀ ପଠାଠାରେ ଥିବା ଶନିଠାକୁରଙ୍କ ଜଳାଭିଷେକ ନିମନ୍ତେ ସହସ୍ରାଧିକ ଶ୍ରଦ୍ଧାଳୁ ପାଣି ଢାଳିଥିଲେ। କନିମୁଳ ଗ୍ରାମର ଆଲୋକ ସାମଲଙ୍କ ସ୍ତ୍ରୀ ଓ ତାଙ୍କ ପୁଅ କାହ୍ନା ପାଣି ଢାଳିବାପାଇଁ ଆସିଥିଲେ। ମା' ପାଣି ଢାଳିବାପାଇଁ ଯାଇଥିବାବେଳେ କାହ୍ନା ଗାଧଉଥିଲା। ଗାଧଉ ଗାଧଉ କାହ୍ନା ନଦୀରେ ବୁଡ଼ିଯାଇଥିବାବେଳେ ଅନ୍ୟ ଜଣେ ମହିଳାଙ୍କ ଗୋଡ଼ରେ ବାଜିଥିଲା। ସଙ୍ଗେ ସଙ୍ଗେ ପରିବାର ଲୋକେ ମଣିଜଙ୍ଗା ମେଡିକାଲ ପରେ ଶବ ବ୍ୟବଚ୍ଛେଦ ପାଇଁ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ଶବ ବ୍ୟବଚ୍ଛେଦ ପରେ ମରଶରୀରକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। କାହ୍ନାଙ୍କ ମର ଶରୀରକୁ ଗ୍ରାମ ଶ୍ମଶାନରେ ଶେଷକୃତ ସମ୍ପନ୍ନ କରାଯଇଥିଲା। କାହ୍ନାଙ୍କ ଅକାଳ ମୃତ୍ୟୁରେ ପରିବାର ଲୋକ ଓ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା। ତାଙ୍କ ମୃତ୍ୟୁରେ ସରପଞ୍ଚ ଅନୁସୟା ମହାନ୍ତି, ପ୍ରଭାସ ସାହୁ, ସନାତନ ଦଳାଇ, ବସନ୍ତ ମହାପାତ୍ର ପ୍ରମୁଖ ଶୋକ ପ୍ରକାଶ କରିଥିଲେ। କାହ୍ନାର ଅକାଳ ମୃତ୍ୟୁରେ ସରକାରୀ ସହାୟତା ପାଇଁ ଦାବି ହେଉଛି।

# ବଜ୍ରପାତରେ ଜଣେ ମୃତ

**ଆନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**

ଆନନ୍ଦପୁର ପୌରପାଳିକା ୧୩ନଂ ୱାର୍ଡ଼ ଖପରାଖାଇ ଗ୍ରାମରେ ଅକ୍ଷୟ ମିଶ୍ର ନାମକ ବ୍ୟକ୍ତି ତାରିଣୀ ଶାଳରେ ନିକଟରେ ବସିଥିବା ବେଳେ ବଜ୍ରପାତ ମାରିଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଘସିପୁରା ପୋଲିସ ତଦନ୍ତ ଜାରି ରଖିଥିବାବେଳେ ଏ ଖବର ଶୁଣି ଗ୍ରାମରେ ଶୋକାକୋଳ ପରିବେଶ ସୃଷ୍ଟି ହୋଇଛି।

# ପାଟଣାରେ ଶକ୍ତି ପ୍ରଦର୍ଶନ କଲା ବିଜେପି : ବିଜେପିରେ ମିଶିଲେ ଅନେକ ନେତା



**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୂଷାଖରି ପଞ୍ଚାୟତ ମଲ୍ଲିପଶିରୁ ଶନିବାର ଭାଜପାର ଏମ୍‌ପି ପ୍ରାର୍ଥୀ ଅନନ୍ତ ନାୟକ ଓ ପାଟଣା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ଅଖିଳ ଚନ୍ଦ୍ର ନାୟକ ଏକ ବିରାଟ ବାଇକ୍ ରାଲିରେ ୭କିମି ପର୍ଯ୍ୟନ୍ତ ରୋଡ୍ ଶୋ' ଶୋଭାଯାତ୍ରାରେ ଆସି ପଦ୍ମଫୁଲ ଚିହ୍ନରେ ଭୋଟ୍ ଦେଇ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଆଣିବାକୁ ଲୋକଙ୍କୁ ନିବେଦନ କରିଥିଲେ। ଏହାପରେ ପାଟଣା ବ୍ୟାଙ୍କ ଛକ ପଡ଼ିଆରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ ଭାଜପା ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଫଗନ ସିଂ କୁଲସ୍ତେ ଯୋଗ ଦେଇ ଏଥର ଉଭୟ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ଭାଜପା ସରକାର ପ୍ରତିଷ୍ଠା ହେବ ବୋଲି କହିଥିଲେ। ଏଥିରେ ବିଜେପି ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ରାଜ୍ୟ ଆଦିବାସୀ ମୋର୍ଚ୍ଚା ଉପସଭାନେତ୍ରୀ ମମିତା ନାଏକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କିରଣବାଳା ନାୟକ, ପୂର୍ବତନ ଜିଲା ସଭାପତି ରାଧାକାନ୍ତ ମହାନ୍ତ, ପୂର୍ବତନ ସାହାରପଡ଼ା ବ୍ଲକ ଅଧ୍ୟକ୍ଷ ଗୌତମ ନାଏକ, ଜିଲ୍ଲା ଭାଜପା ସମ୍ପାଦକ ହେମ ରଞ୍ଜନ ବାରିକ, ଜିଲ୍ଲା ସମ୍ପାଦକ ଲକ୍ଷ୍ମୀପ୍ରିୟା ପାତ୍ର, ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ଜିଲ୍ଲା ଭାଜପା ଯୁବମୋର୍ଚ୍ଚା ସଭାପତି ସବୀର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଜେଡି ଛାଡ଼ି ଭାଜପାରେ ବିଭିନ୍ନ ଦଳର ନେତା ଯୋଗ ଦେଇଛନ୍ତି। ଏମାନଙ୍କ ମଧ୍ୟରେ ପରମେଶ୍ୱର ପୃଷ୍ଟି, କରୁଣା ସାଗର ଖଟୁଆ, ପାଟଣା ଲ୍ୟାମ୍ପ ଡାଇରେକ୍ଟର ପ୍ରକାଶ ସେଠୀ, ବିକାଶ କୁମାର ସେଠୀ, ଧୃତି ସୁନ୍ଦର ସେଠୀଙ୍କ ସହ ୫୦ରୁ ଊର୍ଦ୍ଧ୍ୱ ବିଜେଡି ନେତା ଭାଜପାରେ ଯୋଗଦେଇଥିଲେ। ବରିଷ୍ଠ ନେତା କମଳାକାନ୍ତ ଦାଶ, ଦୁର୍ଗାଚରଣ ଚରଣ ନାୟକ, ପ୍ରହଲ୍ଲାଦ ପଲେଇ, ସୋମ ବାରି ମୁଣ୍ଡା, ହରିଶ ମହାନ୍ତ, ସୁବ୍ରତ ଦ୍ୱିବେଦୀ, ଅଭୟ ବେହେରା ପ୍ରମୁଖ ଆଗ ଧାଡ଼ିର ନେତା ଯୋଗ ଦେଇଥିଲେ।

# ମହାକାଳପଡ଼ାରେ କଂଗ୍ରେସର ମିଶ୍ରଣ ପର୍ବ

**ମହାକାଳପଡ଼ା , ନ୍ୟୁଜ୍‌ବ୍ୟୁରୋ**

ମହାକାଳପଡ଼ା ବ୍ଲକ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । କଂଗ୍ରେସର ବିଧାୟକ ପ୍ରାର୍ଥୀ ଲୋକନାଥ ମହାରଥିଙ୍କ ହାତମୁଠାକୁ ଟାଣ କରିବା ଓ ନିର୍ବାଚନରେ ଦଳୀୟ ସଂଗଠନକୁ ଦୃଢ଼ କରିବା ପାଇଁ ଆଜି ବରକନ୍ଦା ପଞ୍ଚାୟତର ଛେଡ଼ାକଣି ଗ୍ରାମର କିଛି ମୁରବି ଓ ଯୁବକ କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି । କଂଗ୍ରେସ ଦଳର ପ୍ରାର୍ଥୀ ଲୋକନାଥ ମହାରଥିଙ୍କ ଉପସ୍ଥିତିରେ ଏହି ମିଶ୍ରଣପର୍ବ ହୋଇଥିଲା । ଏଥିରେ ବ୍ଲକ ସଭାପତି କବିନ୍ଦ୍ର ସାମଲ, ଜିଲ୍ଲା କିଷନ କଂଗ୍ରେସ ସେଲର ସଂଜୀବ ରାଉତ, କଳ୍ପତରୁ ପ୍ରଧାନଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ ।



# 'ପୁସ୍ତକ ପଠନ ଦ୍ୱାରା ମନର ଅବସାଦ ଦୂର ହୁଏ'




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୁସ୍ତକ ପଠନ ଦ୍ୱାରା ମନର ଅବସାଦ ଦୂର ହୁଏ ବୋଲି ପୁଜ୍ୟପୂଜା, ଓଡ଼ିଶା ପକ୍ଷରୁ ରମାକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଭାରତୀୟ ବିଦ୍ୟା ଭବନ ସଭାଗୃହରେ ଆୟୋଜିତ ମହେନ୍ଦ୍ରନାଥ ପୃଷ୍ଟିଙ୍କ ରଚିତ ପୁସ୍ତକ 'ନିଷ୍ଠା ନିବିଡ଼ତା'ର ଉନ୍ମୋଚନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦାନ କରି ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର ବିଭିନ୍ନ ଉଦାହରଣ ମାଧ୍ୟମରେ ଏହା ପ୍ରକାଶ କରିଛନ୍ତି।

ମୁଖ୍ୟବକ୍ତା ଭାବେ 'ନୀତିଦିନର' ସମ୍ପାଦକ ସୁସାହିତ୍ୟିକ ମନୋଜ କୁମାର ମହାପାତ୍ର କହିଲେ ଯେ, ଆଧ୍ୟାତ୍ମିକ ପୁସ୍ତକ ପାଠ କରିଲେ ଆମେ ଜୀବନରେ ଶାନ୍ତି ଆନନ୍ଦ ଉପଲବ୍ଧି କରିପାରିବା ଯେଉଁଥିପାଇଁ ପ୍ରତି ଘରେ ଘରେ ଆଗେ ଭାଗବତ ପଠନ ହେଉଥିଲା।

ସମ୍ମାନିତ ଅତିଥି ଭାବେ ସୁସାହିତ୍ୟିକ ଡକ୍ଟର ପୀତବାସ ରାଉତରାୟ ଯୋଗଦାନକରି ଦୀର୍ଘ ୨୦ବର୍ଷ ଧରି କିପରି ଅନୁଭୂତି ଅନୁଭବ ସମ୍ପର୍କରେ ଆଧ୍ୟାତ୍ମିକ ପୁସ୍ତକ ପ୍ରକାଶ କରିଆସୁଛନ୍ତି ତାହା କହିବା ସହିତ ଶ୍ରୀ ପୃଷ୍ଟି ଚେତନଶୀଳ ମନରେ ନିଜର ଅନୁଭୂତିକୁ ସାଉଁଟି ଲେଖି ପୁସ୍ତକ ଆକାରରେ ପ୍ରକାଶ ପାଇ ରବିବାର ଶୁଭ ଜନ୍ମ ଦିବସରେ ଉନ୍ମୋଚିତ ହୋଇଥିବାରୁ ସେ ସାଧୁବାଦ ଜଣାଇଥିଲେ। ସମ୍ମାନିତ ବକ୍ତା ଡକ୍ଟର ଆରତୀ କର ପୁସ୍ତକ ସମୀକ୍ଷାକରି କହିଲେ ଯେ ଚାକିରି ଜୀବନରେ ଶ୍ରୀ ପୃଷ୍ଟି ମହୋଦୟ ବ୍ୟସ୍ତ ରହି ମଧ୍ୟ ସମୟ ବାହାର କରି ସମାଜରେ ପରିବାରରେ କର୍ମ କ୍ଷେତ୍ରରେ ଘଟୁଥିବା ଘଟଣାବଳୀକୁ ସୁକ୍ଷ୍ମାତିସୂକ୍ଷ୍ମ ଭାବେ ଅନୁଶୀଳନକରୀ ଲେଖିଥିବାରୁ ସେ ସମସ୍ତଙ୍କର ଧନ୍ୟବାଦର ପାତ୍ର।

ରବିବାର ତାଙ୍କର ୮୪ତମ ଜନ୍ମଦିବସ ପାଳନ ଅବସରରେ ଆମେ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରୁଛୁ। ତାରେଶ୍ୱର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ମାହାଙ୍ଗା : ଗୋଷ୍ଠୀକନ୍ଦଳ ବିଜେପି ପାଇଁ ହେବ ମହଙ୍ଗା

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

ଚଳିତ ବିଧାନସଭା ନିର୍ବାଚନ ମର୍ଯ୍ୟାଦା ଜନକ ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ଗୋଷ୍ଠୀ କନ୍ଦଳ ବିଜେପି ମହଙ୍ଗା ପଡ଼ିବା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଦଳୀୟ ଉଚ୍ଚ ପଦାଧିକାରୀ ଏହାର ସମାଧାନ ନକଲେ ଦଳ ପାଇଁ ଗୋଷ୍ଠୀ କନ୍ଦଳ ସମସ୍ୟା ସୃଷ୍ଟି କରିବା ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ମର୍ଯ୍ୟାଦା ଜନକ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ନିଶ୍ଚିନ୍ତକୋଇଲି ବ୍ଲକର ୨୭ଟି ଓ ମାହାଙ୍ଗା ବ୍ଲକର ୩୭ଟି ଗ୍ରାମପଞ୍ଚାୟତକୁ ନେଇ ଗଠିତ। ଚଳିତ ବିଧାନସଭା ନିର୍ବାଚନରେ ଦଳୀୟ ପ୍ରାର୍ଥୀ ହେବା ନିମନ୍ତେ ବିଜେପି ଯୁବ ନେତା ସାରଦା ପ୍ରଧାନ ବରିଷ୍ଠ ବିଜେପି ନେତା ଚୌଧୁରୀ ପ୍ରଭାତ କେଶରୀ ମିଶ୍ର ଓ ଯୁବନେତା ସୁମନ୍ତ କୁମାର ଘଡ଼ାଇ ଦୀର୍ଘ ଦିନ ହେଲା ଏହି ନିର୍ବାଚନ ମଣ୍ଡଳୀର ୬୪ଟି ଗ୍ରାମପଞ୍ଚାୟତରେ ନିଜ ନିଜର ସଙ୍ଗଠନ ଜାରି ରଖିଥିଲେ। ମାତ୍ର ଶେଷ ମୁହୂର୍ତ୍ତରେ ବିଜେପି ଦଳ ତରଫରୁ ସୁମନ୍ତ ଘଡାଇଙ୍କୁ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ବିଜେପିର ପ୍ରାର୍ଥୀରୂପେ ଘୋଷଣା କରାଯାଇଥିଲା। ଶ୍ରୀ ଘଡେଇ ଜଣେ ନିର୍ମଳ ଭାବମୂର୍ତ୍ତି ସମ୍ପନ୍ନ ଉଦୀୟମାନ ବ୍ୟକ୍ତିତ୍ୱ ରୂପେ ପରିଚିତ ଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ଗତ ୨୦୧୯ ନିର୍ବାଚନରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ବିଜେପିରୁ ପ୍ରାର୍ଥୀ ହୋଇଥିବା ଯୁବ ନେତା ସାରଦା ପ୍ରଧାନ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ହୋଇଥିଲେ ମଧ୍ୟ ଶ୍ରୀ ପ୍ରଧାନ ଖୁଲମ୍‌ଖୁଲା ଭାବେ କେନ୍ଦ୍ରାପଡ଼ା ଲୋକସଭା ବିଜେପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କୁ ବିରୋଧ କରିଆସିଥିଲେ। ଚଳିତ ନିର୍ବାଚନରେ ଶ୍ରୀ ପ୍ରଧାନ ଦଳୀୟ ଟିକଟ ପାଇବାରୁ ବଞ୍ଚିତ ହେବା ପରେ ସମଗ୍ର ନିର୍ବାଚନ ମଣ୍ଡଳୀରେ ଘୁରି ବୁଲି 'ମାହାଙ୍ଗାର ନିଷ୍ପତ୍ତି ମୋର ନିଷ୍ପତ୍ତି' ନାମରେ ବିଭିନ୍ନ ସ୍ଥାନରେ କର୍ମୀ ସମାବେଶ କରିବାକୁ ପଛାଇ ନଥିଲେ। ତେବେ ୬୪ ପଞ୍ଚାୟତରେ କର୍ମୀ ସମାବେଶ ପରେ ଶ୍ରୀ ପ୍ରଧାନ ବିଧାନସଭା ପ୍ରାର୍ଥୀ ନିମନ୍ତେ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଅପରପକ୍ଷରେ ଶ୍ରୀପ୍ରଧାନଙ୍କୁ ଦଳୀୟ ଉଚ୍ଚ ପଦାଧିକାରୀ ସମ୍ବଲପୁର ସହ ପ୍ରଭାରୀ ଦାୟିତ୍ୱ ତୁଲାଇବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀ ପ୍ରଧାନ ଦଳୀୟ ପଦାଧିକାରୀଙ୍କ ନିର୍ଦ୍ଦେଶକୁ ସମ୍ପୂର୍ଣ୍ଣ ଅବମାନନା କରିବାକୁ ପଛାଇ ନଥିଲେ। ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକରେ କାର୍ଯ୍ୟରତ ବିଜେପିର କାର୍ଯ୍ୟକର୍ତ୍ତା ମାନଙ୍କୁ ଶ୍ରୀ ପ୍ରଧାନ ନିଜ ସପକ୍ଷରେ ନେବା ସହ ଦଳୀୟ ପ୍ରାର୍ଥୀଙ୍କୁ ଅସହଯୋଗ କରିବା ନିମନ୍ତେ ଅଲିଖିତ ନିର୍ଦ୍ଦେଶ ଦେଇଥିବା କାହାରିକୁ ଅଛପା ନାହିଁ। ଏହି ନିର୍ବାଚନ ମଣ୍ଡଳୀରେ ଦଳର ବହୁ ଛାମୁଆଁ ନେତା ପଦ ପଦବୀରେ ଥାଇ ମଧ୍ୟ ଚଟୁ ଆଇଁଷ ବେଷ୍ଟ ନିରାମିଷ ନ୍ୟାୟରେ ଦଳୀୟ ନିର୍ଦ୍ଦେଶନାମାକୁ ସମ୍ପୂର୍ଣ୍ଣ ଅଣଦେଖା କରି ଶ୍ରୀ ପ୍ରଧାନଙ୍କ ନିମନ୍ତେ କାର୍ଯ୍ୟ କରୁଥିବାର ଦେଖିବାକୁ ମିଳିଛି। ସେହିପରି ଭାବେ ଶ୍ରୀ ପ୍ରଧାନ ଓ ତାଙ୍କର ସମର୍ଥକମାନେ କଳେ ବଳେ କୌଶଳେ ବିଜେପିର କେନ୍ଦ୍ରାପଡା ସଂସଦୀୟ କ୍ଷେତ୍ର ପ୍ରାର୍ଥୀ ତଥା ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ କୁମାର ପଣ୍ଡାଙ୍କୁ ଖୁଲମ୍‌ଖୁଲା ନିମନ୍ତେ ହରାଇବା ନିମନ୍ତେ ବିରୋଧୀମାନଙ୍କ ସହ ଅସାଧୁ ମେଣ୍ଟ କରି ଗୋଟି ଚାଳନା କରୁଥିବାର ଦେଖିବାକୁ ମିଳିଛି। ଏଠାରେ ସୂଚନାଯୋଗ୍ୟ ଯେ ମାହାଙ୍ଗାର ବିଜେପି ନେତ୍ରୀ ତଥା କଟକ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଯାଜ୍ଞସେନୀ ଜେନା ଦଳ ବିରୋଧୀ କାର୍ଯ୍ୟ କରିବା କାରଣରୁ ନିକଟରେ ଦଳୀୟ ପଦାଧିକାରୀ ତାଙ୍କୁ ଦଳରୁ ବହିଷ୍କାର କରିଥିବା ଘଟଣା କାହାରିକୁ ଅଛପା ନାହିଁ। ଅପରପକ୍ଷରେ ମାହାଙ୍ଗାରେ ବିଜେପିର ବହୁ ପଦାଧିକାରୀ ଖୋଲାଖୋଲି ଭାବେ ଦଳ ବିରୋଧି କାର୍ଯ୍ୟ କରୁଥିଲା ବେଳେ ସେମାନଙ୍କ ବିରୁଦ୍ଧରେ କ'ଣ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣକରାଯାଉ ନାହିଁ ତାହା ନେଇ ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ସେହିପରି ଭାବେ ସାରଦା ପ୍ରଧାନ ଏପର୍ଯ୍ୟନ୍ତ ବିଜେପିର କାର୍ଯ୍ୟକର୍ତ୍ତା କିମ୍ବା ପ୍ରାଥମିକ ସଭ୍ୟ ପଦରୁ ମଧ୍ୟ ଇସ୍ତଫା ପ୍ରଦାନ କରି ନାହାନ୍ତି। ଦଳରେ ଥାଇ ଓ ଦଳ ସହ ପ୍ରଭାରୀ ରୂପେ ମନୋନୀତ ହୋଇଥିଲେ ମଧ୍ୟ ଶ୍ରୀ ପ୍ରଧାନ କିପରି ଭାବେ ଦଳୀୟ ନିର୍ଦ୍ଦେଶନାମାକୁ ଅବମାନନା କରି ସ୍ୱାଧିନ ପ୍ରାର୍ଥୀଭାବେ ନାମାଙ୍କନ ପତ୍ରଦାଖଲ କଲେ ତାହା ନେଇ ଚର୍ଚ୍ଚା ଜୋର ଧରିଛି। ଏହା ପଛରେ ଓ ଶ୍ରୀ ପ୍ରଧାନଙ୍କୁ ରାଜନୈତିକ ସୁରକ୍ଷା ଦେଇଆସୁଥିବା ଏ ଲମ୍ବାହାତ କାହାର ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ଦଳୀୟ ପ୍ରାର୍ଥୀ ସୁମନ୍ତ ଘଡ଼ାଇ ଶହ ଶହ ସମର୍ଥକଙ୍କୁ ନେଇ ନିଜର ନାମାଙ୍କନ ପତ୍ର ଦାଖଲ କରିଥିଲା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଲୋକାଭିମୂଖି ଯୋଜନା ସମ୍ପର୍କରେ ଭୋଟରଙ୍କ ଘର ଘରକୁ ଯାଇ ସଚେତନ କରାଉଥିବାର ଦେଖିବାକୁ ମିଳିଛି। ଦିନକୁ ଦିନ ତାଙ୍କର ଲୋକ ପ୍ରିୟତା ବୃଦ୍ଧି ପାଉଥିବାର ପରିଲକ୍ଷିତ ହେଉଛି। ଶ୍ରୀ ଘଡ଼େଇ ଭୋଟରମାନଙ୍କୁ ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଓ ତାଙ୍କୁ ପଦ୍ମଫୁଲ ଚିହ୍ନରେ ଭୋଟ ଦେବା ନିମନ୍ତେ ନିବେଦନ କରୁଥିବାର ଦେଖିବାକୁ ମିଳିଛି। ସେହିପରି ଭାବେ ବରିଷ୍ଠ ବିଜେପି ନେତା ଚୌଧୁରୀ ପ୍ରଭାତ କେଶରୀ ମିଶ୍ର ମଧ୍ୟ ଚଳିତ ନିର୍ବାଚନରେ ନିରବତା ଅବଲମ୍ବନ କରିଥିବାର ଦେଖିବାକୁ ମିଳିଛି। ତେବେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ବିଜେପିର ଗୋଷ୍ଠୀ କନ୍ଦଳ ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ବହୁ ରାଜନୈତିକ ବଡ଼ପଣ୍ଡା ମତବ୍ୟକ୍ତ କରିଛନ୍ତି। ସେହିପରି ଭାବେ ଦଳ ବିରୋଧି କାର୍ଯ୍ୟ କରୁଥିବା ସାରଦାଙ୍କ ବିରୁଦ୍ଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ନିର୍ବାଚନ ଆଉ ଅଳ୍ପଦିନ ଥିଲା ବେଳେ ସାରଦା ସମଗ୍ର ନିର୍ବାଚନ ମଣ୍ଡଳୀରେ ଦଳ ବିରୋଧି କାର୍ଯ୍ୟ କରି ନିଜର ପତିଆରା ଜାହିର କରିବା ନିମନ୍ତେ ଉଦ୍ୟମ ଜାରି ରଖିଛନ୍ତି। ସାରଦାଙ୍କୁ ଦଳ ବିରୋଧୀ କାର୍ଯ୍ୟ ନିମନ୍ତେ ଦଳରୁ ନିଲମ୍ବିତ କରାଯିବା ନିମନ୍ତେ ବିଜେପିର ବହୁ ଛାମୁଆଁ କର୍ମୀ ଦୃଢ଼ ଦାବି କରିଛନ୍ତି। ତେବେ ଦଳୀୟ ଉଚ୍ଚ ପଦାଧିକାରୀ ସାରଦାଙ୍କ ବିରୁଦ୍ଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଭବିଷ୍ୟତ ହିଁ କହିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।





# ବାଲେଶ୍ୱର ପୌରପାଳିକାରେ ବିଜେଡିର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

**ବାଲେଶ୍ୱର, ନ୍ୟୁଜ୍**



ବାଲେଶ୍ୱର ପୌରପାଳିକାର ୩୦ ଓ ୨୬ନଂ ୱାର୍ଡରେ ଅନୁଷ୍ଠିତ ହୋଇଛି ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ। ଏହି ଅବସରରେ ବାଲେଶ୍ୱର ବିଧାୟକ ତଥା ବିଧାୟକ ପ୍ରାର୍ଥୀ ସ୍ୱରୂପ କୁମାର ଦାସ ଘରକୁ ଘର ବୁଲି ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ବିଷୟରେ ସଚେତନତା କରାଇବା ସହ ଆସନ୍ତା ଜୁନ୍ ୧ ତାରିଖରେ ଉଭୟ ସାଂସଦ ଏବଂ ବିଧାୟକ ପାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅଭିଯାନରେ ଅନ୍ୟ ମାନଙ୍କ ମଧ୍ୟରେ ପୌରପରିଷଦ ଉପାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀ, ପୂର୍ବତନ ଉପାଧ୍ୟକ୍ଷ ମନୋଜ ରାଉତ, ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ରଂଜନ ବାଗ, ଟାଉନ ସଭାପତି ସନତ ଦାସ, କାଉନସିଲର ସେକ ଆୟୁବ, ବିଜୁ ମହିଳା ଜନତା ଦଳର ରାଜ୍ୟ ସମ୍ପାଦିକା ଦୀପାରାଣୀ ସାହୁ, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଧିରେନ ନାୟକ, ବିଜେଡି ନାରୀ ନେତ୍ରୀ ସୁନିଆ ମୂର୍ମୁ, ମନଶ୍ରୀ ଦାସ, ଦିପ୍ତିରାଣୀ ସାହୁ, ରାଜଲକ୍ଷ୍ମୀ ଚାଟ୍ଟାଜୀ, ପଙ୍କଜ ଅଗ୍ରୱାଲ, ପ୍ରଦୀପ ଦାସ, ସେକ ଖାଲିକ, ରୁସ୍ତମ ଖାଁ, ଯବାରୁ ଖାଁ, ଚିତ୍ତରଂଜନ ସେନାପତି, କାହ୍ନୁ ଚରଣ ସାହୁ, ଅକ୍ଷୟ ନାୟକ, କିଶୋର ପ୍ରସାଦ ପ୍ରମୁଖ ସାମିଲ ହୋଇ ବିଜୁ ଜନତା ଦଳ ପାଇଁ ପ୍ରଚାର କରିଥିଲେ।

# ସମ୍ ଶୀତଳାପଲ୍ଲୀ କ୍ୟାମ୍ପସ୍‌ରେ ସମ୍ପୂର୍ଣ୍ଣ ଆଣ୍ଠୁ ପ୍ରତ୍ୟାରୋପଣ ସମ୍ପନ୍ନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରୋଗୀଙ୍କୁ ଉତ୍ତମ ମାନର ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ଚିକିତ୍ସା ଭାବେ ଉଭା ହୋଇଥିବା ସମ୍ପୂର୍ଣ୍ଣ ଆଣ୍ଠୁ ପ୍ରତ୍ୟାରୋପଣ ପ୍ରକ୍ରିୟା ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ ଆଣ୍ଡ ସମ୍ ହସ୍ପିଟାଲ୍‌ର ଶୀତଳାପଲ୍ଲୀ କ୍ୟାମ୍ପସ୍‌ରେ ସଫଳତାର ସହ ସମ୍ପନ୍ନ ହୋଇଛି। ଏହି ପ୍ରକ୍ରିୟା ପରିଚାଳନା କରିଥିବା ହସ୍ପିଟାଲ୍‌ର ଅସ୍ଥି ଶଲ୍ୟ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ରଞ୍ଜିତ କୁମାର ପାତ୍ର କହିଛନ୍ତି ଯେ ଏହି ଅସ୍ତ୍ରୋପଚାର ପରେ ରୋଗୀ ଯନ୍ତ୍ରଣାରୁ ମୁକ୍ତି ପାଇଥାଏ। ସେହିପରି ଆର୍ଥ୍ରାଇଟିସ୍ ସମସ୍ୟା ଯୋଗୁଁ ସୃଷ୍ଟି ହେଉଥିବା ଆଣ୍ଠୁ ଯନ୍ତ୍ରଣା ମଧ୍ୟ ସମ୍ପୂର୍ଣ୍ଣ ଦୂର ହୋଇଥାଏ ବୋଲି ସେ କହିଛନ୍ତି। ଯନ୍ତ୍ରଣା ମୁକ୍ତ ହେବା ସହ ସମ୍ପୂର୍ଣ୍ଣ ଆଣ୍ଠୁ ପ୍ରତ୍ୟାରୋପଣ ଦ୍ୱାରା ଆଣ୍ଠୁରେ ନଷ୍ଟ ହୋଇଥିବା ହାଡ଼ ଓ କାର୍ଟିଲେଜକୁ ବାହାର କରାଯାଇ କୃତ୍ରିମ ଅଂଶ ଲଗାଯାଇଥାଏ ଯାହା ଦ୍ୱାରା ଆଣ୍ଠୁ ସାଧାରଣ ଭାବେ କାର୍ଯ୍ୟକ୍ଷମ ହୋଇଥାଏ। ଏହା ଦ୍ୱାରା ମଣିଷର ଜୀବନଧାରାରେ ଉନ୍ନତି ପରିଲକ୍ଷିତ ହୋଇଥାଏ ବୋଲି ସେ କହିଛନ୍ତି।



ଡାକ୍ତର ପାତ୍ର କହିଛନ୍ତି ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ଡାହାଣ ଆଣ୍ଠୁରେ ଯନ୍ତ୍ରଣା ଓ ସମସ୍ୟା ନେଇ ଜଣେ ମହିଳା ରୋଗୀ ହସ୍ପିଟାଲ୍‌କୁ ଆସିଥିଲେ। ସେହି ସମୟରେ ସେ ଠିକ୍ ଭାବେ ଚାଲିପାରୁ ନଥିଲେ। ସଂପୂର୍ଣ୍ଣ ପରୀକ୍ଷା ନିରୀକ୍ଷା ପରେ ତାଙ୍କର ଡାହାଣ ଆଣ୍ଠୁରେ ଆଡ୍‌ଭାନ୍ସଡ ଅଷ୍ଟିଓଆର୍ଥ୍ରାଇଟିସ୍ ସମସ୍ୟା ଥିବା ସହ ହାଡ଼ କ୍ଷୟ ପାଇଥିବା ଜଣାପଡ଼ିଥିଲା। ଏଥି ସହିତ ତାଙ୍କର ରକ୍ତହୀନତା, ରକ୍ତଚାପ ଓ ହାଇପୋଥାଇରଏଡ୍ ସମସ୍ୟା ଥିବାର ଜଣାପଡ଼ିଥିଲା ବୋଲି ସେ କହିଛନ୍ତି।

ତାଙ୍କର ସମ୍ପୂର୍ଣ୍ଣ ଆଣ୍ଠୁ ପ୍ରତ୍ୟାରୋପଣ କରିବାର ଯୋଜନା କରାଯାଇଥିବା ବେଳେ ତାଙ୍କର ସ୍ୱାସ୍ଥ୍ୟବସ୍ଥା, ଗୁରୁତର ଅଷ୍ଟିଓ ପୋରୋସିସ୍ ଓ ହାଡ଼ କ୍ଷୟକୁ ଦୃଷ୍ଟିରେ ରଖି ଖୁବ୍ ଯତ୍ନର ସହ ଆଣ୍ଠୁରେ ଇମପ୍ଲାଣ୍ଟ ଲଗାଯିବା ସହ ବୋନ୍ ସିମେଣ୍ଟ ସହ ପ୍ରତ୍ୟାରୋପଣ କରାଯାଇଥିଲା। ଅସ୍ତ୍ରୋପଚାର ସମୟରେ କିମ୍ବା ପରେ କୌଣସି ସମସ୍ୟା ରୋଗୀଙ୍କ ଠାରେ ଦେଖା ଦେଇନଥିବା ଡାକ୍ତର ପାତ୍ର କହିଛନ୍ତି। ଏହି ଅସ୍ତ୍ରୋପଚାରରେ ହସ୍ପିଟାଲ୍‌ର ଆନେସ୍‌ଥେସିଓ-ଲୋଜିଷ୍ଟ ଡାକ୍ତର ଶାରଦା ପ୍ରସନ୍ନ ଦାଶ ଓ ଅନ୍ୟ ୦ଟି କର୍ମଚାରୀମାନେ ସହଯୋଗ କରିଥିଲେ।

ହସ୍ପିଟାଲ୍‌ର ନିର୍ଦ୍ଦେଶକ ଦେବପ୍ରସାଦ ଦାଶ କହିଛନ୍ତି ଯେ ଗତ ୧ ମାସ ମଧ୍ୟରେ ଅସ୍ଥିଶଲ୍ୟ ବିଭାଗ ପକ୍ଷରୁ ହିପ୍ ରିପ୍ଲେସ୍‌ମେଣ୍ଟ ଓ ସମ୍ପୂର୍ଣ୍ଣ ଆଣ୍ଠୁ ପ୍ରତ୍ୟାରୋପଣ ସହ ପ୍ରାୟ ୨୫ଟି ଅସ୍ତ୍ରୋପଚାର କରାଯାଇଛି। ଏଥିରେ ଇଏନ୍‌ଟି, ଗାଏନାକୋଲୋଜି ଏବଂ ୟୁରୋଲୋଜି ବିଭାଗ ପକ୍ଷରୁ ମଧ୍ୟ ରୋଗୀମାନଙ୍କର ବିଭିନ୍ନ ଅସ୍ତ୍ରୋପଚାର ସାମିଲ ଅଛି ବୋଲି ସେ କହିଛନ୍ତି। ଗତ ଫେବୃଆରୀ ୧୪ ତାରିଖରେ ଉଦ୍‌ଘାଟିତ ହୋଇଥିବା ଏହି ହସ୍ପିଟାଲ୍‌ରେ ୬ ମୋଡୁଲାର ଓଟି ଓ ୪୦ଟି ଆଇସିୟୁ ବେଡ୍ ଥିବା ସେ କହିଛନ୍ତି।

# ପୁଲିସ୍ ଇନ୍‌ଫର୍ମରଙ୍କୁ ମୃତ୍ୟୁ ଦଣ୍ଡ : ଜଙ୍ଗଲ ମାଫିଆଙ୍କ ହାତ କାଟିଦେବାକୁ ଚେତାବନୀ

**ରାଇଘର, ନ୍ୟୁଜ୍‌ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ୍‌ରେ ପୁଣି ପୋଷ୍ଟର୍ ଓ ବ୍ୟାନର୍ ଲଗାଇଛନ୍ତି ମାଓବାଦୀ। ନୂଆଗାଁ ରାସ୍ତାକଡ଼ ଜଙ୍ଗଲରେ ଲାଗିଥିବା ପୋଷ୍ଟରରେ ପୁଲିସ୍ ଇନଫର୍ମର ଓ ଜଙ୍ଗଲ ମାଫିଆଙ୍କୁ ଧମକ ଦେଇଛନ୍ତି ମାଓବାଦୀ। ପୁଲିସ୍‌କୁ ସୂଚନା ଦେଉଥିବା ଇନଫର୍ମରଙ୍କୁ ପ୍ରଜାକୋର୍ଟରେ ଫାଶୀ ଦଣ୍ଡ ସହ ଜଙ୍ଗଲ ମାଫିଆଙ୍କ ହାତ କାଟି ଦେବାକୁ ନୂଆପଡ଼ା ଗରିଆବନ୍ଧ ଡିଭିଜନାଲ୍ କମିଟି ଚେତାବନୀ ଦେଇଛି। ରାଇଘର ପୁଲିସ୍ ମାଓ ପୋଷ୍ଟର, ବ୍ୟାନରକୁ ଜବତ କରିଛି। ନିର୍ବାଚନ ପୂର୍ବରୁ ମାଓବାଦୀଙ୍କ ଉପସ୍ଥିତିକୁ ନେଇ ପୁଲିସ୍ ଓ ସୁରକ୍ଷାବାହିନୀ ପକ୍ଷରୁ କମ୍ବିଂ, ସର୍ଚ୍ଚ ଅପରେସନ୍‌କୁ ଜୋରଦାର୍ କରାଯାଇଛି। ଶୁକ୍ରବାର ହାତୀଗାଁ ରାସ୍ତା ଓ ଜୋଡ଼ିଙ୍ଗାରେ ପୋଷ୍ଟର, ବ୍ୟାନର ମାରି ସାଧାରଣ ନିର୍ବାଚନକୁ ବିରୋଧ କରିଥିଲେ ମାଓବାଦୀ। ଏବେ ପୁଣି ନୂଆଗାଁ ରାସ୍ତାକଡ଼ ଜଙ୍ଗଲରେ ବ୍ୟାନର ଲାଗିଥିବା ଦେଖିବାକୁ ମିଳିଛି। ଉକ୍ତ ସ୍ଥାନରେ କିଛି ଲିଫ୍‌ଲେଟ୍ ମଧ୍ୟ ଛାଡ଼ି ଯାଇଛନ୍ତି ମାଓବାଦୀ। ପୋଷ୍ଟରରେ ପୁଲିସ୍ ଇନଫର୍ମର ଭାବେ କାମ କରୁଥିବା ନାକଟିସିମୋଡ଼ା ଗ୍ରାମର ଝୁଗଡୁ ଗଣ୍ଡ, ସାଧୁ ଗଣ୍ଡ, କୁଲେରାମ୍ ଗଣ୍ଡ, ଜୋହାନ୍ ଗଣ୍ଡ, କହକାମାଟା ଗ୍ରାମର ବାହାଦୂର ଗଣ୍ଡ, ଜୋଡ଼ିଙ୍ଗାର ଗଣେଶ ରାମ ଗଣ୍ଡ, ଡୋସଲ ଗଣ୍ଡ, ଚିତୋରଭାଟି ଗ୍ରାମର ମନିରାମ ଗଣ୍ଡ ନିଜ ଭିତରେ ସୁଧାର ନ ଆଣିଲେ ପ୍ରଜାକୋର୍ଟରେ ଫାଶୀ ଦଣ୍ଡ ଦେବାକୁ ଉଲ୍ଲେଖ କରିଛନ୍ତି। ସେହିପରି କୁସୁମପୁର ଗ୍ରାମର ସନ୍ତୁରାମ ଗଣ୍ଡ ଓ ସତ୍ୟ ଗଣ୍ଡ ଜଙ୍ଗଲ କାଟି ସଫା କରୁଥିବା ଅଭିଯୋଗରେ ସେମାନଙ୍କ ହାତ କାଟିଦେବାକୁ ମାଓ ସଂଗଠନ ଚେତାବନୀ ଦେଇଛି। ଚାଷ ସମୟରେ ଚାଷୀଙ୍କୁ ଚଢ଼ା ଦରରେ ୟୁରିଆ ବିକ୍ରି କରୁଥିବା କଳା ବ୍ୟବସାୟୀଙ୍କ ସମ୍ପର୍କରେ ସୂଚନା ଦେବାକୁ ଲିଫ୍‌ଲେଟ୍‌ରେ ଉଲ୍ଲେଖ ଅଛି।

# ଆଦିଶକ୍ତି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସତ୍‌ସଙ୍ଗ କାର୍ଯ୍ୟକ୍ରମ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ମା' ଆଦିଶକ୍ତି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମୁଖ୍ୟ ଉପଦେଷ୍ଟା ନିଶିକାନ୍ତ ମିଶ୍ର ଓ ସଭାପତି ଡ ନାରାୟଣ ମହାପାତ୍ରଙ୍କ ସଂଯୋଜନାରେ ଭଜନ ଓ ମା' ଅନନ୍ତ, ତା'ର କଥା ଅନନ୍ତ (ଦେବୀ ମହାତ୍ମ୍ୟ )ଦିନିକିଆ ସତ୍‌ସଙ୍ଗ ୧୧.୫.୨୪. ସନ୍ଧ୍ୟା ୬.୩୦ରେ ଗିରୀଦୁର୍ଗା ମନ୍ଦିର ୟୁନିଟ ୩ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇ ଯାଇଛି, ପ୍ରଥମେ କେ. ଲକ୍ଷ୍ମୀ ନାରାୟଣ ଅନାମିକା ସ୍ୱାଇଁ ପଟ୍ଟନାୟକ, ଭାରତୀ ଭୂଷଣ ପଟ୍ଟନାୟକ, ସ୍ୱର୍ଣ୍ଣଲତା ପାଣି, ପୁଷ୍ପଲତା ରାଉତ ରାୟ, ତ୍ରିଲୋଚନ ନାୟକ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ଏହି ଅବସରରେ ଅଶ୍ୱିନ ରାଣୀ ଦୁର୍ଗତିନାଶିନୀ ରଚନା ଓ କଣ୍ଠ ଅନାମିକା ସ୍ୱାଇଁ ପଟ୍ଟନାୟକ ସ୍ୱର ଭାରତୀ ଭୂଷଣ ଓ ଶ୍ରୀଦେବୀ ଆଦିଶକ୍ତି ରଚନା ସନ୍ତୋଷ ମିଶ୍ର ସ୍ୱର ଓ କଣ୍ଠ ଭାରତୀ ଭୂଷଣ ପଟ୍ଟନାୟକ ଦୁଇଟି ଭଜନ ସମ୍ମାନୀୟ ଅତିଥି ପ୍ରଭାକର ମଲ୍ଲିକ ନିରଞ୍ଜନ ଦାଶ, ରାଧାବଲ୍ଲଭ ସିଂ ରବିନାରାୟଣ ମହାପାତ୍ର ସୁରେଶ ମିଶ୍ର ଓ ଅନ୍ୟାନ୍ୟ ଭକ୍ତମାନଙ୍କ ଦ୍ୱାରା ମା'ଙ୍କ ଚରଣରେ ଲୋକାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ତ୍ରିଲୋଚନ ନାୟକ ବଂଶୀଧର ନାୟକ ଅଚ୍ୟୁତ ବେହେରା ତନ୍ମୟ କୁମାର ସାହୁ ଶ୍ରୀନିବାସ ରାଓ ଜନାର୍ଦ୍ଦନ ସୁବୁଦ୍ଧି, ଅଜୟ ଚୌଧୁରୀ, ପ୍ରଫୁଲ୍ଲ ଦାସ ପ୍ରମୁଖ ଓ ବହୁ ସମ୍ମାନୀୟା ମହିଳାମାନେ ଉପସ୍ଥିତ ରହି ପ୍ରବଚନ ଶୁଣିବା ସହ ସହଯୋଗ କରିଥିଲେ। କଥା ସେବକ ସୁଧୀର କୁମାର ଜେନା, ଦେବୀ ମହାତ୍ମ୍ୟ ମା' ଅନନ୍ତ ତା'ର କଥା ଅନନ୍ତ.. ଉପରେ ତାଙ୍କ ଆଶ୍ରୀବଚନ ଅତି ସୁନ୍ଦର ଭାବେ ବର୍ଣ୍ଣନା କରିଥିଲେ ଏହା ସମସ୍ତଙ୍କୁ ଆନନ୍ଦିତ କରିଥିଲା।

## କେନ୍ଦ୍ରାପଡ଼ାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓ ଦୌରାଜଜ ବିଶ୍ୱଜିତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୨୩୮ଟି ମାମଲା ପଞ୍ଜିକୃତ ହୋଇଥିବା ବେଳେ ୧୯୬୧ଟି ମାମଲା ସମାଧାନ ହୋଇ ୧କୋଟି ୧୭ ଲକ୍ଷ ୧୬ ହଜାର ଟଙ୍କା ଆଦାୟ ହୋଇଥିବା ଜଣାପଡିଛି। ମାମଲା ଗୁଡିକ ମଧ୍ୟରେ ଫୌଜଦାରୀ ମାମଲା ଗୋଟିଏ, ଚେକ୍ ବାଉନ୍ସ ୪୧ଟି, ଟଙ୍କା ପୁନରୁଦ୍ଧାର ୧୧ଟି, ମଟର ଦୁର୍ଘଟଣା ଜନିତ କ୍ଷତିପୂରଣ ୮ଟି, ବୈବାହିକ ବିବାଦ ମାମଲା ୧୭ଟି, ଜମି ଅଧିଗ୍ରହଣ ୧ଟି, ବିଭିନ୍ନ ରାଜସ୍ୱ ଅଧିକାରୀଙ୍କ ନିକଟରେ ଥିବା ରାଜସ୍ୱ ମାମଲା ୧୩୦୮ ଟି, ଦେୱାନୀ ମକଦ୍ଦମା ୧୪ଟି, ଅନ୍ୟାନ୍ୟ ଫୌଜଦାରୀ ମାମଲା ୧୫୯ଟି, ବ୍ୟାଙ୍କ ଋଣ ୩୬୦ଟି, ସେବା ସମ୍ବନ୍ଧୀୟ ବିବାଦ ଗୁଡିକ ଗୋଟିଏ ଏହିଭଳି ମୋଟ୍ ୧୯୬୧ଟି ମାମଲା ସମାଧାନ ହୋଇ ୧କୋଟି ୧୭ ଲକ୍ଷ ୧୬ ହଜାର ଟଙ୍କା ଆଦାୟ ହୋଇଥିବା ଜଣାପଡିଛି। ଆୟୋଜିତ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିବାର ଅଦାଲତ ବିଚାରପତି ବିକାଶ ରଞ୍ଜନ ଦେ, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଅଜୟ କୁମାର ପ୍ରଧାନ, ବରିଷ୍ଠ ସିଭିଲ ଜଜ, ଅନ୍ନପୂର୍ଣ୍ଣା ନାୟକ, ଆଲୋକମୟୀ ପ୍ରଧାନ, ଅତିରିକ୍ତ ସିନିୟର ସିଭିଲ ଜଜ, ସିସ୍ମା ପଣ୍ଡା, ରେଜିଷ୍ଟ୍ରାର ରମାଦେବୀ ସୋରେନଙ୍କ ସମସ୍ତ ବିଚାରପତି ଉପସ୍ଥିତ ଥିଲେ।

# ବିଜେଡ଼ି ବିଜେପି ପ୍ରାର୍ଥୀଙ୍କ ନାମାଙ୍କନ ପରେ କର୍ମୀଙ୍କୁ ମିଳିଛି ଜୋସ୍

## କଂଗ୍ରେସ ପ୍ରାର୍ଥୀଙ୍କ ନାମାଙ୍କନ ପରେ ତେଜିବ ରାଜନୀତି

**ମହାକାଳପଡ଼ା , ନ୍ୟୁଜ୍‌ବ୍ୟୁରୋ**

ପବିତ୍ର ଅକ୍ଷୟ ତୃତୀୟା ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାର ବହୁ ଚର୍ଚ୍ଚିତ ମହାକାଳପଡ଼ା ବିଧାନ ସଭା କ୍ଷେତ୍ରରୁ ବିଜୁ ଜନତା ଦଳର ହେଭି ୱେଟ ତଥା ମହାକାଳପଡ଼ା ବିଧାୟକ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ସମବାୟ ଓ ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ବିଜୁ ଜନତା ଦଳର ପ୍ରାର୍ଥୀ ଭାବେ ନାମାଙ୍କନ ଭରିଛନ୍ତି। ଏଥିପାଇଁ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳର, ଯୁବ, ଛାତ୍ର, ମହିଳା, କୃଷକ, ବୁଦ୍ଧିଜୀବୀ ମାନେ ଏକ ବିରାଟ ପଟୁଆରରେ ସାମିଲ ହୋଇ ମନ୍ତ୍ରୀ ଶ୍ରୀ ନାୟକ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ହାଜର ହଜାର ମୋଟର ସାଇକେଲ୍ ଓ ଚାରିଚକିଆ ଗାଡ଼ି ବିଜେଡ଼ି ପ୍ରାର୍ଥୀଙ୍କ ସାଙ୍ଗରେ ସାମିଲ ହୋଇଥିଲେ। ଜମ୍ବୁରୁ ତନ୍ତିଆପାଳ, ମହାକାଳପଡ଼ାରୁ ନିଳାଞ୍ଚଳ ବଜାର, ନିଳାଞ୍ଚଳ ବଜାରରୁ କୁହୁଡ଼ି, କୁହୁଡ଼ିରୁ ତିଖିରି ପଞ୍ଚାୟତ ପର୍ଯ୍ୟନ୍ତ ପଞ୍ଚାୟତର ବହୁ କର୍ମୀ ଏଥିରେ ସାମିଲ ହୋଇଥିଲେ। ଦଳର ବରିଷ୍ଠ ନେତା ଯଥା ଗଙ୍ଗାଧର ପରିଡ଼ା, ଅମରେନ୍ଦ୍ର ସାମଲ, ବିଜୟ ଜେନା, ରାଜ୍ୟ ବିଜୁ ମହିଳା ସମ୍ପାଦିକା ସୁରଭି ଜେନା, ଦେବଦତ ପରିଡ଼ା, ଅଶୋକ ମହାପାତ୍ର, ପ୍ରଫୁଲ୍ଲ ଦାସ, ସଂଜୟ ଲେଙ୍କା, ପ୍ରଶାନ୍ତ ସାମନ୍ତରାୟ, ସଂଜୟ ଜେନା, ହିମାଂଶୁ ଶେଖର ସାହୁ, ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ, ମଧୁସ୍ମିତା ସାମଲ, ଜ୍ୟୋତିରଞ୍ଜନ ଖଟୁଆଙ୍କ ହଜାର ହଜାର କର୍ମୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେହିପରି ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ଡକ୍ଟର ଦୁର୍ଗା ପ୍ରସନ୍ନ ନାୟକ ତାଙ୍କ ପୈତୃକ ଗ୍ରାମ ପାତ୍ରଗଡ଼ ଠାରେ ରାଧାନକୃଷ୍ଣ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଏକ ପଟୁଆରରେ ଶ୍ରୀ ନାୟକଙ୍କୁ ଦଳୀୟ କର୍ମୀମାନେ ସାଙ୍ଗରେ ନେଇ ଥିଲେ। ଏକ ମୋଟର ସାଇକେଲ ର୍‍ୟାଲି ମାଧ୍ୟମରେ ବଳିପାଳ, ଦେଉଳପଡ଼ା, ଅଳାଇଲୋ, ରାଜଗଡ଼ ପ୍ରଭୃତି ପଞ୍ଚାୟତ ଦେଇ ଏହି ବାଇକ୍ ରାଲିରେ କର୍ମୀ ମାନେ ଯୋଗ ଦେଇଥିଲେ। ଭାଜପା ପ୍ରାର୍ଥୀଙ୍କ ସହିତ ରଞ୍ଜନ ଚୌଧୁରୀ, ପ୍ରତାପ ଦାସ, ତରଣୀକାନ୍ତ କାଞ୍ଜିଲାଲ, ଶରତ ମହାନ୍ତି, ବିରଞ୍ଚି ନାରାୟଣ ଦାସ, ଲଳିତ ରାୟ, ସତ୍ୟପ୍ରକାଶ ସାମଲ, ଚିତରଞ୍ଜନ ଦା. ସରୋଜକାନ୍ତ ସାହୁ, ରାମଚନ୍ଦ୍ର ରାଉତ, କ୍ରିଷ୍ଟପଦ ମଣ୍ଡଳ, ପ୍ରତିମା ନାୟକ, ପ୍ରଦୀପ ସେଠୀଙ୍କ ସମେତ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ। ଦୁଇଟି ଦଳର ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଦାଖଲ ପରେ କର୍ମୀ ମହଲରେ ଜୋସ ଦେଖିବାକୁ ମିଳିଛି। କର୍ମୀମାନେ ଏ ନେଇ ଗାଁ ଛକରେ ଆଲୋଚନା ହେଲାଣି। ଏସବୁ ଭିତରେ କଂଗ୍ରେସର ପ୍ରାର୍ଥୀଭାବେ ଦଳ ଘୋଷଣା କରିଥିବା ଲୋକନାଥ ସାମନ୍ତରାୟଙ୍କ ପ୍ରାର୍ଥୀପତ୍ର ଦାଖଲକୁ ଅପେକ୍ଷା କରିଛନ୍ତି ଦଳୀୟ କର୍ମୀମାନେ।

# ବାରିପଦାରୁ ୨ ବ୍ରାଉନସୁଗାର ବେପାରୀ ଗିରଫ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ବାରିପଦା ଏକ ଭାଇଚାରା ଶାନ୍ତ ପରିବେଶର ସହର। କିନ୍ତୁ ଏହି ସହର ଉପରେ ନଜର ପଡ଼ିଛି ବ୍ରାଉନସୁଗାର ବେପାରୀଙ୍କ। ବ୍ରାଉନସୁଗାର ବେପାରୀ ଆଟୋ ରିକ୍ସାରେ ବ୍ରାଉନ ସୁଗାର ନେଇ ଯାଉଥିବା ବେଳେ ମାଡ଼ି ବସିଲା ବାରିପଦା ଅବକାରୀ ବିଭାଗ। ବାରିପଦାର ଅବକାରୀ ବିଭାଗକୁ ଏକ ବଡ଼ ସଫଳତା ମିଳିଥିବା ଜଣାପଡ଼ିଛି। ଦେବେନ୍ଦ୍ର ପୁର ସୁଇମିଙ୍ଗ ପୁଲ୍ ଛକରୁ ଜଣେ ବ୍ରାଉନସୁଗାର ବେପାରୀ ଏବଂ ତା'ର ସହଯୋଗୀକୁ ଗିରଫ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ଶମ୍ଭୁ ଏବଂ ମନୋଜ କୁମାର ଦାସ। ଦୁହିଁଙ୍କ ଘର ବାରିପଦାର ସୁନାଗଡ଼ିଆ ଅଞ୍ଚଳରେ ବୋଲି ଜଣାପଡ଼ିଛି। ଗିରଫ ବ୍ୟକ୍ତି ଦ୍ୱୟ ବାଲେଶ୍ୱର ଅଞ୍ଚଳରୁ



ବ୍ରାଉନସୁଗାର ଆଣି ବାରିପଦାରେ ବିକ୍ରି କରୁଥିଲେ। ଦୀର୍ଘ ଦିନରୁ ଅବକାରୀ ବିଭାଗର ସ୍କାନରରେ ଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ତାକୁ ଗିରଫ କରିଥିଲା। ସେମାନଙ୍କ ଠାରୁ ୧୭୦ଗ୍ରାମ୍‌ର ବ୍ରାଉନସୁଗାର ଏବଂ ବ୍ୟବହାର କରୁଥିବା ଦୁଇଟି ଅଟୋ ଗାଡ଼ିକୁ ଜବତ କରାଯାଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ଟଙ୍କାରୁ ଉର୍ଦ୍ଧ ବୋଲି ଅବକାରୀ ବିଭାଗ କହିଛି। ବ୍ରାଉନସୁଗାର ବ୍ୟବସାୟ ପଛରେ କେଉଁ ରାକେଟ କାର୍ଯ୍ୟ କରୁଛି ତାହା ଜାରି ରହିଥିବା ବେଳେ ଗିରଫ ବ୍ୟକ୍ତିଙ୍କୁ କୋର୍ଟ ଚାଲାଣ ହୋଇଛି।

# ୧୫ ଲକ୍ଷ ଟଙ୍କା କ୍ଷତି ପୂରଣ ମିଳିଲା ଯାତ୍ରା କଳାକାରଙ୍କୁ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଜଜ୍ କୋର୍ଟର ବିଚାରପତି ବିଶ୍ୱଜିତ ମହାନ୍ତି ଦୁର୍ଘଟଣାରେ ଜଣେ ଯାତ୍ରା କଳାକାରଙ୍କର ଡାହାଣ ଗୋଡ଼ ହରାଇ ଥିବାରୁ ତାଙ୍କୁ ୧୪ ଲକ୍ଷ ୬୦ ହଜାର ଟଙ୍କା କ୍ଷତି ପୂରଣ ଦେବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାଇ ସୂର୍ଯ୍ୟ ମନ୍ଦିର ଯାତ୍ରା ପାର୍ଟିର ମଞ୍ଚରେ ଅଭିନୟ କରି ଜନ ସାଧାରଣଙ୍କୁ ମନମୁଗ୍ଧ କରୁଥିବା କଳାକାର ପ୍ରଶାନ୍ତ କୁମାର ପଢିଆରୀ ୩୪ ବର୍ଷ ନିଜ ଘର ଚାନ୍ଦବାଲି ର ବାଲିଗାଁ ଯାଉଥିବା ସମୟରେ ୦୫.୦୬.୨୦୨୨ ମସିହା ଦିନ ୧୦ ଟା ୩୦ ମିନିଟ୍ ସମୟରେ କଟକ-ଚାନ୍ଦବାଲି ରାସ୍ତାର ଗୁଜରପୁର ଠାରେ ଏକ କାର ତାଙ୍କୁ ଧକ୍କା ଦେବାକୁ ତାଙ୍କ ଡାହାଣ ଗୋଡଟି ଅଚଳ ହେବାପରେ ଡାକ୍ତରଙ୍କ ପରାମର୍ଶ କ୍ରମେ ଅସ୍ତ୍ରୋପଚାର ପରେ ଗୋଡ କଟା ଯାଇଥିଲା। ଫଳରେ ସାରା ଜୀବନ ସେ ଅଭିନୟ କରିବା ପରିବର୍ତ୍ତେ ଭିନ୍ନକ୍ଷମ ଅବସ୍ଥାରେ ଜୀବନ ବିତାଉଛନ୍ତି। ଜିଲ୍ଲା ଓ ଦୌରାଜଜ୍ ଶ୍ରୀ ମହାନ୍ତି ମାମଲାର ବିଚାର କରି ତାଙ୍କୁ ୧୪ ଲକ୍ଷ ୬୦ ହଜାର ଟଙ୍କା ପ୍ରଦାନ କରିବାକୁ ବୀମା କମ୍ପାନୀକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାକୁ ଆଇନଜୀବୀ ମହମ୍ମଦ ନଇମ, ସୁରେନ୍ଦ୍ର ସାହୁ, ଦେବାଶିଷ ବେହେରା ଶଶି ଭୂଷଣ ପ୍ରଧାନ ପରିଚାଳନା କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜି ଭୋଟ୍ : ୪ ଲୋକସଭା ଓ ୨୮...

ବାହିନୀ ମୁତୟନ ହୋଇଛନ୍ତି। ସୀମାନ୍ତରେ ୫୧ଟି ବର୍ଡର ଚେକ୍ ପୋଷ୍ଟ କରାଯିବା ସହ ଚେକିଂ ଜୋରଦାର ହୋଇଛି। ହେଲିକପ୍ଟର ଓ ଏୟାର ଆମ୍ବୁଲାନ୍ସ ବି ସଜାଗ ଥିବା କହିଛନ୍ତି ପୁଲିସ୍ ଡିଜି ଅରୁଣ ଷଡ଼ଙ୍ଗୀ। ସୁରକ୍ଷାର ତଦାରଖ ଲାଗି ୬ ଶହ ମୋବାଇଲ ପାର୍ଟି ନିୟୋଜିତ ହୋଇଛନ୍ତି। ଗୋଟିଏ ମୋବାଇଲ ପାର୍ଟି ୧୦ରୁ ୧୨ଟି ବୁଥ୍‌କୁ ବୁଲି ରିପୋର୍ଟ ନେବେ। ସେହିଭଳି ୨୧୦ଟି ଫ୍ଲାଇଂ ସ୍କ୍ୱାଡ୍ ଓ ୧୫୫ଟି ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍ ମଧ୍ୟ ମୁତୟନ କରାଯାଇଛି। ସୋମବାର ଭୋଟ୍ ସରିବା ପରେ ୧୫ଟି ଷ୍ଟ୍ରଙ୍ଗରୁମ୍‌ରେ ଇଭିଏମ୍ ଗୁଡ଼ିକୁ ସୁରକ୍ଷିତ ରଖାଯିବ।

## ୫ ସହରରେ କାଳବୈଶାଖୀ ବର୍ଷା...

ରହିବ। ସେଥିପାଇଁ ଯାଜପୁର, ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ ଜିଲ୍ଲାରେ ସତର୍କ ସୂଚନା ଜାରି କରାଯାଇଛି। ଅନ୍ୟପଟେ ତାତି ଫେରିଛି। କେତେକ ଜିଲ୍ଲାରେ କାଳ ବୈଶାଖୀ ଜନିତ ବର୍ଷା ଲାଗି ରହିଥିବାରୁ ତାପମାତ୍ରା ଅପେକ୍ଷାକୃତ କମ୍ ରହିଥିବା ବେଳେ ରବିବାର ୯ ସହରର ତାପମାତ୍ରା ୪୦° ଉପରେ ରହିଛି। ୪୩° ତାପମାତ୍ରାରେ ନୂଆପଡ଼ା ରାଜ୍ୟର ଉତ୍ତପ୍ତ ସହର ପାଲଟିଥିବା ବେଳେ ଝାରସୁଗୁଡ଼ାରେ ୪୧.୫°, ବୌଦ୍ଧ, ସମ୍ବଲପୁର ଓ ହୀରାକୁଦରେ ୪୧.୨°, ସୁନ୍ଦରଗଡ଼ ଓ ବଲାଙ୍ଗୀରରେ ୪୦.୫°, ଭବାନୀପାଟଣାରେ ୪୦.୨° ଓ ଟିଟିଲାଗଡ଼ରେ ୪୦° ରେକର୍ଡ କରାଯାଇଛି। ଭୁବନେଶ୍ୱରରେ ରବିବାର ୩୯.୮° ତାପମାତ୍ରା ରହିଥିଲା। ଭୁବନେଶ୍ୱରରେ ସୋମବାର ପ୍ରବଳ ବର୍ଷା ସମ୍ଭାବନା ରହିଛି। ସେଥିପାଇଁ ସତର୍କ ସୂଚନା ଜାରି କରାଯାଇଛି। ତେବେ ୧୭ରୁ ୨୩ ତାରିଖ ପର୍ଯ୍ୟନ୍ତ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ଆକଳନ କରିଛି।

## ଅନ୍ୟ ନେତାଙ୍କ ଠାରୁ ଓଡ଼ିଶାରେ...

ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଓଡ଼ିଶା ବିକାଶର ଭବିଷ୍ୟତ କାର୍ଯ୍ୟକ୍ରମ ବାବଦରେ ଲୋକଙ୍କୁ ଅବଗତ କରିବା ସହ ମଞ୍ଚ ପ୍ରସ୍ତୁତ କରିବାର ପ୍ରମୁଖ ବିନ୍ଧାଣୀ ସାଜିଥିଲେ। ମୁଖ୍ୟମନ୍ତ୍ରୀ ଯେଉଁ ସବୁ ଅଞ୍ଚଳକୁ ପ୍ରଚାର ପାଇଁ ଯାଉଛନ୍ତି ସେଥିପାଇଁ ଯଥେଷ୍ଟ ପୂର୍ବରୁ ନବୀନଙ୍କ ସନ୍ଦେଶ ବାର୍ତ୍ତା ପ୍ରଚାରିତ ହେଉଛି। ପ୍ରତି ନିର୍ବାଚନମଣ୍ଡଳୀରେ ଆଗୁଆ ମଞ୍ଚପ୍ରସ୍ତୁତି ସହ ଛାମୁଆ ନେତାମାନେ ଡେରା ପକାଇ ସ୍ୱାଗତ ସମ୍ବର୍ଦ୍ଧନାର ପ୍ରସ୍ତୁତିରେ ଲାଗି ରହୁଛନ୍ତି। ସାଧାରଣ ଲୋକଙ୍କ ସହିତ ପ୍ରତ୍ୟକ୍ଷ ଭାବେ ଯୋଡି ହେବା ସାଙ୍ଗକୁ ବିଭିନ୍ନ ଜନହିତକର ଯୋଜନା-କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ଅବଗତ କରାଇବାରେ ଏହି ଛାମୁଆ ନେତାମାନେ କାମ କରୁଛନ୍ତି। ଶୋଭାଯାତ୍ରା ଓ ରୋଡ ସୋ' ବେଳେ ନବୀନଙ୍କ ପ୍ରତି ଲୋକେ ସ୍ୱତଃସ୍ଫୂର୍ତ୍ତ ଭାବେ ଆକର୍ଷିତ ହୋଇ ସାମିଲ ହେଉଛନ୍ତି। ଯାହା ଅନ୍ୟ ରାଜନୈତିକ ଦଳର ନେତାମାନଙ୍କ କ୍ଷେତ୍ରରେ ବିଶେଷ ପରିଲକ୍ଷିତ ହୁଏ ନାହିଁ। ନିର୍ବାଚନ ପାଖେଇ ଆସୁଥିବା ବେଳେ ଭୋଟର ମାନଙ୍କୁ ନିଜ ସପକ୍ଷରେ ବାନ୍ଧିରଖିବା ଉଦ୍ଦେଶ୍ୟରେ ପ୍ରାର୍ଥୀମାନେ ପ୍ରଚାରରେ ବ୍ୟସ୍ତ ଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଏହାକୁ ଅଧିକ ଖୋରାକ ଯୋଗାଉଛି। ଅନ୍ୟ ଅର୍ଥରେ କହିବାକୁ ଗଲେ ମୁଖ୍ୟମନ୍ତ୍ରୀ ଯେଉଁ ସବୁ ଅଞ୍ଚଳକୁ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପହଞ୍ଚୁଛନ୍ତି ସେଠାରେ ପ୍ରାର୍ଥୀଙ୍କର ପତିଆରା ବଢୁଥିବା ଚର୍ଚ୍ଚା ହେଉଛି। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ପାଇଁ ମୁଖ୍ୟମନ୍ତ୍ରୀ ପ୍ରଚାର କରିଥିବା ବେଳେ ଏବେ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ଭୋଟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ନିର୍ଦ୍ଧାରଣ ହେବାକୁ ଯାଉଛି। ଖୁବ୍‌ଶୀଘ୍ର ଏହି ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଅଞ୍ଚଳକୁ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାରରେ ବାହାରିବେ ବୋଲି ଜଣାପଡିଛି। ତେବେ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା ଓଡ଼ିଶାରେ ଏକାକୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କାଉଣ୍ଟର କରିବା ପାଇଁ କୌଣସି ରାଜନୈତିକ ଦଳ ବିଶେଷକରି ବିଜେପି ଏବଂ କଂଗ୍ରେସର କୌଣସି ନେତା ଏପର୍ଯ୍ୟନ୍ତ ସକ୍ଷମ ହୋଇପାରି ନାହାନ୍ତି। ମୁଖ୍ୟମନ୍ତ୍ରୀ ନବୀନଙ୍କ ଲୋକପ୍ରୀୟତା ଆଗରେ ସବୁ ଫିକା ପଡିଗଲା ଭଳି ଜଣାପଡୁଛି। ଏପରିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇତି ମଧ୍ୟରେ ଲାଗ୍ ଲାଗ୍ ଦୁଇଥର ଓଡ଼ିଶା ଗସ୍ତରେ ଆସି ନିର୍ବାଚନ ପ୍ରଚାର କରିସାରିଲେଣି। ସେହିପରି କେନ୍ଦ୍ର ଗୃହମନ୍ତ୍ରୀ ଅମୀତ ଶାହ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କ ସମେତ ଅନେକ କେନ୍ଦ୍ରମନ୍ତ୍ରୀ ଓ ବିଜେପି ରାଷ୍ଟ୍ରୀୟ ସଭାପତି ଏବଂ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ଓଡ଼ିଶା ଗସ୍ତରେ ଆସି ନିର୍ବାଚନ ପ୍ରଚାର କରି ନବୀନ ସରକାରଙ୍କ ବିରୋଧରେ ଶାଣିତ ସ୍ୱରରେ ସମାଲୋଚନା କରିଥିଲେ ମଧ୍ୟ ତାହାର କୌଣସି ପ୍ରଭାବ ଅନୁଭୁତ ହେଉନଥିବା ଆଲୋଚନା ହେଉଛି। କାରଣ ହେଲା ଓଡ଼ିଶାରେ ଏବେ କେବଳ ନବୀନ ହାୱା ହିଁ ପ୍ରଭାହିତ ହେଉଛି ବୋଲି ଚର୍ଚ୍ଚା ଯୋର ଧରିଛି।

## ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ...

କଲେ, ଏବେ ଇଲେକ୍ସନ ଥିବାବେଳେ ଧାନର ରେଟ୍ ବଢାଇବାକୁ କହୁଛନ୍ତି। ବିଜେପି ଯେହେତୁ ବହୁତ ପରିମାଣରେ ହାରୁଛନ୍ତି, ସେଥିପାଇଁ ସେ ମିଛ କଥା କହୁଛନ୍ତି। ଚାଷୀ ଭାଇମାନଙ୍କୁ ଭୂଆଁ ବୁଲେଇବାକୁ ବିଜେପି ଚେଷ୍ଟା କରୁଛି ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀଙ୍କୁ ଟାର୍ଗେଟ କରି ସେ କହିଛନ୍ତି, କେନ୍ଦ୍ରମନ୍ତ୍ରୀ ଏତେ ବର୍ଷ କେନ୍ଦ୍ରମନ୍ତ୍ରୀ ରହିଲେ, ହେଲେ ଗଙ୍ଗାଧର ମେହେରଙ୍କ ଏ ମାଟି ପାଇଁ କିଛି କଲେ କି ? ସବୁକିଛି ନବୀନ ବାବୁ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଗୋଟେ ଟଙ୍କା ଖର୍ଚ୍ଚ କରିନାହାଁନ୍ତି। ବରଗଡ଼ରେ କ୍ୟାନସର ହେଉଛି ବଡ ସମସ୍ୟା। ସେଥିପାଇଁ କ୍ୟାନସର ହସ୍ପିଟାଲ କରିଛନ୍ତି ମୁଖ୍ୟମନ୍ତ୍ରୀ। କେନ୍ଦ୍ରମନ୍ତ୍ରୀ ଆସିକି କହିଲେ, ବରଗଡରେ କ୍ୟାନସର ଚିକିତ୍ସା ପାଇଁ ବ୍ୟବସ୍ଥା କରିବୁ। ହେଲେ ଇଲେକ୍ସନ ପରେ ଭୁଲିଗଲେ। ବିଜେପୁର ଉପନିର୍ବାଚନ ବେଳେ ବରପାଲି ଷ୍ଟେସନରୁ ଏକ୍ସପ୍ରେସ ଚଲେଇବାକୁ କହି ଭୁଲିଗଲେ। କେନ୍ଦ୍ରମନ୍ତ୍ରୀ ବଡ଼ବଡ଼ କଥା କହୁଛନ୍ତି। ଇଲେକ୍ସନ ସରିଲା ପରେ କିନ୍ତୁ ତାଙ୍କୁ ପାଇବେନି ବୋଲି କହିଛନ୍ତି ଶ୍ରୀ ପାଣ୍ଡିଆନ। ଏଥିସହ ପ୍ରଧାନମନ୍ତ୍ରୀ କହିଛନ୍ତି ବିଜେପି ସରକାର ମାଗଣାରେ ବିଜୁଳି ଦେବ। ଏଥିପାଇଁ ସୋଲାର ପ୍ୟାନେଲ ଲଗେଇବାକୁ ପଡ଼ିବ। ହେଲେ ସୋଲାର ପ୍ୟାନେଲ ଲଗେଇବାକୁ ୪୦ରୁ ୫୦ ହଜାର ଖର୍ଚ୍ଚ କରିବାକୁ ପଡ଼ିବ। ଏହା ହେଉଛି ଦିନରେ ଲଣ୍ଠନ ଦେଖାଇବା। ମୁଖ୍ୟମନ୍ତ୍ରୀ କିନ୍ତୁ ଏ ସବୁରେ ବିଶ୍ୱାସ କରନ୍ତିନି। ସେ କହିଛନ୍ତି ଜୁନ୍ ୯ରେ ଦାୟିତ୍ୱ ଗ୍ରହଣ କରିବେ। ପ୍ରଥମ ଦସ୍ତଖତ ହେବ ବିଜୁଳି ବିଲ୍ ବନ୍ଦ ହେବ। ଜୁଲାଇ ପରେ ଓଡ଼ିଶାର ୯୦ ପ୍ରତିଶତ ପରିବାରଙ୍କୁ ବିଜୁଳି ବିଲ୍ ଦେବାକୁ ପଡ଼ିବନି। ଦିନରେ ଲଣ୍ଠନ ଦେଖାଇବା ଡବଲ ଇଞ୍ଜିନ, ଲୋକଙ୍କ ସେବା କରିବ ନବୀନ ଇଞ୍ଜିନ। ଭତ୍ତା ୩୦୦ ଟଙ୍କା ଦେବା ଡବଲ ଇଞ୍ଜିନ, ୧୦୦୦ ଟଙ୍କା ଭତ୍ତା ଦେବା ନବୀନ ଇଞ୍ଜିନ ବୋଲି କହିଛନ୍ତି ଭିକେ ପାଣ୍ଡିଆନ୍।

## କଟକ ଜିଲ୍ଲା ସାଧାରଣ ନିର୍ବାଚନର ପ୍ରାର୍ଥୀ/ପ୍ରତିନିଧିଙ୍କ ସହ ପର୍ଯ୍ୟବେକ୍ଷକଙ୍କ ବୈଠକ

# ସ୍ୱଚ୍ଛ ଓ ଅବାଧ ନିର୍ବାଚନ ନିମନ୍ତେ ପର୍ଯ୍ୟବେକ୍ଷକମାନଙ୍କ ଗୁରୁତ୍ୱାରୋପ



**କଟକ, ନ୍ୟୁଜ୍‌ବ୍ୟୁରୋ**

ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ ନିମନ୍ତେ ଜିଲ୍ଲାକୁ ଆସିଥିବା ସମସ୍ତ ନିର୍ବାଚନ ପର୍ଯ୍ୟବେକ୍ଷକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ଏବଂ ତାଙ୍କ ପ୍ରତିନିଧିମାନଙ୍କ ସହ ଏକ ବୈଠକରେ ମିଳିତ ହୋଇ ସ୍ୱଚ୍ଛ ତଥା ଅବାଧ ନିର୍ବାଚନ ପରିଚାଳନା ନିମନ୍ତେ ପରାମର୍ଶ ଦେବା ସହ ସେମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ବୈଠକ ପ୍ରାରମ୍ଭରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅରିନ୍ଦମ ଡାକୁଆ ନିମନ୍ତ୍ରିତ ପ୍ରତିନିଧିମାନଙ୍କର ପର୍ଯ୍ୟବେକ୍ଷକମାନଙ୍କ ସହ ପରିଚୟ କରାଇଥିଲେ। ପର୍ଯ୍ୟବେକ୍ଷକମାନେ ରାଜ୍ୟ ବାହାରୁ ଆସିଥିବା ନିରପେକ୍ଷ ବରିଷ୍ଠ ଅଧିକାରୀ ହୋଇଥିବାରୁ ଆଗାମୀ ଦିନରେ ପ୍ରାର୍ଥୀ ବା ତାଙ୍କ ପ୍ରତିନିଧୀମାନେ ଅନ୍ତତଃ ହିନ୍ଦୀ କିମ୍ବା ଇଂରାଜୀରେ ବାର୍ତ୍ତାଳାପ କରିବା ନିମନ୍ତେ ଜିଲ୍ଲାପାଳ ଶ୍ରୀ ଡାକୁଆ ଆଶା ପୋଷଣ କରିଥିଲେ। ନିର୍ବାଚନରେ କୌଣସି ପ୍ରକାରର ଗଣ୍ଡଗୋଳକୁ ପ୍ରଶ୍ରୟ ନଦେବା ପାଇଁ ପ୍ରାର୍ଥୀମାନେ ନିଜନିଜ ନିର୍ବାଚନ ମଣ୍ଡଳୀର ଚିନ୍ତାଜନକ ବୁଥ୍ ଅଞ୍ଚଳ ବିଷୟରେ ରିଟର୍ଣ୍ଣିଂ ଅଧିକାରୀଙ୍କୁ ତୁରନ୍ତ ଜଣାଇବା ନିମନ୍ତେ ସାଧାରଣ ପର୍ଯ୍ୟବେକ୍ଷକ ବରିଷ୍ଠ ଭାରତୀୟ ପ୍ରଶାସନିକ ଅଧିକାରୀ ଉମା ଶଙ୍କର ସିଂହ ପରାମର୍ଶ ଦେଇଥିଲେ। ଖର୍ଚ୍ଚ ପର୍ଯ୍ୟବେକ୍ଷକ ଆଇ.ଆର.ଏସ ଅଧିକାରୀ ପିୟୁଷ ବାରାସୁ ବାଧେ ପ୍ରାର୍ଥୀ ପତ୍ର ଦାଖଲ ପୂର୍ବରୁ ନିର୍ବାଚନ ନିମନ୍ତେ କରିଥିବା ଖର୍ଚ୍ଚ ମଧ୍ୟ ନିଜ ଖର୍ଚ୍ଚ ତାଲିକାରେ ଯୋଗ କରିବା ନିମନ୍ତେ ପ୍ରାର୍ଥୀମାନଙ୍କୁ କହିଥିଲେ। ସେହିପରି ଖର୍ଚ୍ଚ ପର୍ଯ୍ୟବେକ୍ଷକ ଆଇ.ଆର.ଏ.ଏସ୍ ସୁପ୍ରିୟା ସୁରେନ୍ଦ୍ରନାଥ ଘାଗ ଖର୍ଚ୍ଚ ଲିପିବଦ୍ଧ ନିମନ୍ତେ ପ୍ରାର୍ଥୀମାନଙ୍କୁ ଦିଆଯାଇଥିବା ରେଜିଷ୍ଟରରେ ନିର୍ଦ୍ଦିଷ୍ଟ ରଙ୍ଗର ପୃଷ୍ଠାରେ ନିର୍ଦ୍ଦେଶିତ ପରିମାଣ ଲିପିବଦ୍ଧ କରିବା ସହ ଆବଶ୍ୟକୀୟ ଭାଉଚର ସଂଲଗ୍ନ କରିବା ପାଇଁ କହିଥିଲେ। ପୋଲିସ ପର୍ଯ୍ୟବେକ୍ଷକ ବରିଷ୍ଠ ଆଇ.ପି.ଏସ ଅଧିକାରୀ ଆର. ଶିବ କୁମାର ନିର୍ବାଚନରେ ଶୃଙ୍ଖଳିତ ଆଚରଣ ପ୍ରଦର୍ଶନ ସହ କୌଣସି ନିୟମ ବିରୁଦ୍ଧ କାର୍ଯ୍ୟର ସୂଚନା ତୁରନ୍ତ ଜଣାଇବା ନିମନ୍ତେ ପ୍ରାର୍ଥୀ ମାନଙ୍କୁ କହିଥିଲେ। ସଭା/ଶୋଭାଯାତ୍ରା ନିମନ୍ତେ ଆବଶ୍ୟକୀୟ ଅନୁମତି ପତ୍ର ନେବାକୁ ସେ ମଧ୍ୟ ପରାମର୍ଶ ଦେଇଥିଲେ। ବରିଷ୍ଠ ଆଇ.ଏ.ଏସ ଅଧିକାରୀ ସାଧାରଣ ପର୍ଯ୍ୟବେକ୍ଷକ ଗୁରାଲା ଶ୍ରୀନିବାସୁଲୁ ପ୍ରାର୍ଥୀମାନଙ୍କୁ ସି-ଭିଜିଲ ଆପ୍‌ର ବ୍ୟବହାର ସହ ସୋସିଆଲ ମିଡିଆ ପ୍ରଚାର ନିମନ୍ତେ ଏମସିଏମସିର ଅନୁମତି ନେବାକୁ ଉପଦେଶ ଦେଇଥିଲେ। ପ୍ରଚାରରେ ବ୍ୟବହୃତ ପୋଷ୍ଟର, ପାମ୍ପଲେଟ ଆଦିରେ ପ୍ରକାଶକ/ମୁଦ୍ରକଙ୍କ ନାମ ନିଶ୍ଚିନ୍ତ ଉଲ୍ଲେଖ ନିମନ୍ତେ ସେ କହିଥିଲେ। ପ୍ରାର୍ଥୀମାନଙ୍କର ଖର୍ଚ୍ଚର ହିସାବ ଚଳିତ ମାସ ୧୧ତାରିଖ, ୧୬ତାରିଖ ଏବଂ ୨୨ତାରିଖରେ ପର୍ଯ୍ୟବେକ୍ଷକମାନେ ତଦାରଖ କରିବା ପାଇଁ ସ୍ଥିରୀକୃତ ହୋଇଛି।

ଭୁବନେଶ୍ୱର
୧୩ ମଇ
ସୋମବାର, ୨୦୨୪

RNI Regd. No. : 52640/94
Postal Regd. No. : BN/60/22-24

# ‘ନନ୍ଦନ’କୁ ଝୁରୁଛି ନନ୍ଦନକାନନ : ପ୍ରେମ ପାଇଁ ୧୮ ଫୁଟ୍‌ର ପାଚେରି ଡେଇଁ ବିତାଉଥିଲା ବନ୍ଦୀ ଜୀବନ

**ବାରଙ୍ଗ, ୧୨/୦୫ ନ୍ୟୁଜ ବ୍ୟୁରୋ**

ଏକାଧିକ କାରଣ ପାଇଁ ବିଭିନ୍ନ ସମୟରେ ଚର୍ଚ୍ଚାରେ ରହିଆସିଥିବା ନନ୍ଦନକାନନ ପ୍ରାଣୀ ଉଦ୍ୟାନର ମହାବଳ ବାଘ ‘ନନ୍ଦନ’ର ମୃତ୍ୟୁ ଘଟିଛି। ବୟସାଧିକ କାରଣରୁ ଅସୁସ୍ଥ ୧୮ ବର୍ଷୀୟ ନନ୍ଦନ ପ୍ରାଣୀ ଉଦ୍ୟାନର ୩୧ ନମ୍ବର ବାଘ ଖୁଆଡ଼ ଫିଡିଂ ଚାମ୍ବରରେ ଦୀର୍ଘ ଦିନ ଧରି ଚିକିତ୍ସିତ ହେଉଥିଲା ।ଶେଷରେ ସେ ଜୀବନଯୁଦ୍ଧରେ ହାରି ଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ପ୍ରାଣୀ ଉଦ୍ୟାନ କର୍ମଚାରୀଙ୍କ ସମେତ ପଶୁପ୍ରେମୀଙ୍କ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ନନ୍ଦନକାନନ ନିର୍ଦ୍ଦେଶକ ମନୋଜ ଭି. ନାୟାରଙ୍କ ସମେତ ପ୍ରାଣୀ ଉଦ୍ୟାନର ବହୁ ବରିଷ୍ଠ ଅଧିକାରୀ ଶେଷ ଦର୍ଶନ କରିବା ପରେ ମର୍ଯ୍ୟାଦାର ସହ ନନ୍ଦନର ଶେଷକୃତ୍ୟ ସଂପନ୍ନ ହୋଇଥିଲା। ତା’ ମୃତଦେହରେ ଧଳା କପଡ଼ା ପକାଯିବା ସହ ଧୂପ, ପୁଷ୍ପମାଲ୍ୟ ଦିଆଯାଇ ପୋତା ଯାଇଥିବା



ନନ୍ଦନକାନନ ତରଫରୁ ସୂଚନା ଦିଆଯାଇଛି। ନନ୍ଦନକାନନ ଇତିହାସରେ ଏକ ଅଭୁଲା ଅଧ୍ୟାୟ ଭାବେ ‘ନନ୍ଦନ’ ସବୁଦିନ ପାଇଁ ଲିପିବଦ୍ଧ ହୋଇଯାଇଛି। ନନ୍ଦନର ଜୀବନୀ ଓ ଇତିହାସ ସବୁଠୁ ନିଆରା। ପ୍ରେମ ପାଇଁ ମାତ୍ର ୭ ବର୍ଷ ବୟସରେ ନନ୍ଦନ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ବନ୍ଦୀ ହେବାକୁ ସ୍ୱତଃ ଚାଲି ଆସିଥିଲା। ୨୦୧୩ ମସିହାରେ ନନ୍ଦନକାନନ ଅଭୟାରଣ୍ୟରୁ ଏହି ବାଘଟି ପ୍ରାଣୀ ଉଦ୍ୟାନର ୧୮ଫୁଟ୍ ଉଚ୍ଚ ପାଚେରି ଡେଇଁ ଭିତରକୁ ପଶି ଆସିଥିଲା। କୁହାଯାଏ ଯେ ସେ କୁଆଡ଼େ ବାଘୁଣୀ ମେଘାକୁ ପ୍ରେମ କରି ବସିଥିଲା। ଆଉ ତା’ ପାଇଁ ସେ ନନ୍ଦନକାନନରେ ରହିଯାଇଥିଲା। ପରବର୍ତ୍ତୀ ସମୟରେ ଏହି ବାଘର ନାମ ନନ୍ଦନ ନାମରେ ନାମିତ କରାଯାଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁମତିକ୍ରମେ ସଂରକ୍ଷିତ ପ୍ରଜନନ ପାଇଁ ତାକୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ରଖାଯାଇଥିଲା। ଏହି ୧୧ ବର୍ଷ ଭିତରେ ୨ଟି ବାଘୁଣୀ ମେଘା ଓ ଅଙ୍କିତା ସହ ମିଳନ ହୋଇ ତା’ ଔରସରୁ ମୋଟ ୯ଟି ବାଘଛୁଆ ଜନ୍ମ ନେଇଥିଲେ। ସେଥିମଧ୍ୟରେ ୫ଟି ଅଣ୍ଡିରା ଓ ୪ଟି ମାଇ ବାଘ ରହିଥିଲେ। ବାଘୁଣୀ ମେଘା ସହ ମିଳନରୁ ୫ଟି ଛୁଆ ବାହୁବଳୀ, କୁନ୍ଦନ, ଅଭୟ, ବିବେକ ଏବଂ ସୋହନୀ ଜନ୍ମ ହୋଇଥିଲେ। ସେହିପରି ବାଘୁଣୀ ଅଙ୍କିତା ସହ ମିଳନରୁ ଜୟଶ୍ରୀ, ଶ୍ରୀ, ତୃପ୍ତି, ଓ ଅମିତ ଜନ୍ମ ହୋଇଥିଲେ। ଦୀର୍ଘ ବର୍ଷ ଧରି ନନ୍ଦନକାନନରେ ଆକର୍ଷଣର ଅନ୍ୟତମ କେନ୍ଦ୍ରବିନ୍ଦୁ ପାଲଟିଥିବା ନନ୍ଦନ ୬ ଡିସେମ୍ବର ୨୦୨୩ରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲା। ତା’ର ପଛଗୋଡ଼ ଠିକ୍ ଭାବେ କାମ କରୁନଥିବା ଦେଖାଯାଇଥିଲା। ସେବେଠାରୁ ତା’ର ନିରନ୍ତର ଚିକିତ୍ସା ଚାଲିଥିଲା। କେନ୍ଦ୍ରୀୟ ବିଶେଷଜ୍ଞମାନଙ୍କ ପରାମର୍ଶକ୍ରମେ ତା’ର ଅଙ୍ଗ ଏବଂ ମେରୁଦଣ୍ଡର ଏକ୍ସ-ରେ’ କରାଯିବା ସହ ପୂରା ପେଟର ଅଲଟ୍ରାସାଉଣ୍ଡ୍ କରାଯାଇଥିଲା। ଓୟୁଏଟି ବିଶେଷଜ୍ଞଙ୍କ ପରାମର୍ଶରେ ଚିକିତ୍ସା କରାଯାଉଥିଲା।

# ଚଳଚଞ୍ଚଳ ରଥ ଖଳା : ଚାଲିଛି ତିନି ଠାକୁରଙ୍କ ରଥ ତିଆରି କାମ

**ପୁରୀ, ୧୨/୦୫ ନ୍ୟୁଜ ବ୍ୟୁରୋ**

ପାଖେଇ ଆସୁଛି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ଚଳଚଞ୍ଚଳ ପୁରୀ ଶ୍ରୀନଅର ସମ୍ମୁଖ ରଥ ଖଳା । ଚାଲିଛି ରଥ ନିର୍ମାଣ କାର୍ଯ୍ୟ । ଶନିବାର ଠାରୁ ଆରମ୍ଭ ହୋଇଛି ନିର୍ମାଣ କାର୍ଯ୍ୟ । ରଥ ସଂହିତା ଓ ଶିଳ୍ପ ଶାସ୍ତ୍ର ମୁତାବକ ରଥ ନିର୍ମାଣ କାମ ଆରମ୍ଭ ହୋଇଛି । ରଥ ଅମିନ ଓ ବିଶ୍ୱକର୍ମା ମହାରଣାଙ୍କ ନିର୍ଦ୍ଦେଶରେ କରତିଆ ସେବାୟତ କାର୍ଯ୍ୟ ଆରମ୍ଭ କରିଛନ୍ତି । ରଥ ନିର୍ମାଣ ପାଇଁ ଭୋଇ ସେବାୟତମାନେ ରଥଖଳାରେ ଆବଶ୍ୟକୀୟ କାଠ ପହଞ୍ଚାଇବା ପରେ କରତୀ ସେବକମାନେ ତୁମ୍ବ ନିର୍ମାଣ ପାଇଁ କାଠ ଚିରଟ କରିଛନ୍ତି । ପ୍ରଥମ ଦିନରେ ତିନି ରଥ ପାଇଁ ୩ଟି ତୁମ୍ବ କଟାଯାଇଛି । ରଥଖଳାରେ ଚତୁଃପାର୍ଶ୍ୱରେ ଧଳା କପଡା ଗୁଡ଼ାଯାଇ ରଥ ନିର୍ମାଣ କାର୍ଯ୍ୟ କରାଯାଉଛି ।



ପ୍ରାଥମିକ ଭାବରେ ତିନି ରଥ ପାଇଁ ୪୨ଟି ଚକ ଆବଶ୍ୟକ ଥିବାବେଳେ ୪୨ଟି ତୁମ୍ବର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି ବିଶ୍ୱକର୍ମା ଓ କରତୀ ସେବାୟତ । ତିନି ରଥ ପାଇଁ ଭୋଇ ସେବାୟତମାନେ କାଠ ଯୋଗାଇ ଦେବା ପରେ ରଥର ମୁଖ୍ୟ ବିଶ୍ୱକର୍ମା ନିର୍ଦ୍ଦିଷ୍ଟ ମାପ ଅନୁଯାଇ ତୁମ୍ବ ଗୁଡିକୁ ସାଇଜ କରିଛନ୍ତି । ତୁମ୍ବ ନିର୍ମାଣ ସରିବା ପରେ ଏଥିରେ ବିନ୍ଧ ଅନୁକୂଳ କରାଯାଇ ଖୋଦେଇ ସହ ପଇ ଓ ଅର ପର୍ଯ୍ୟାୟ କ୍ରମେ ନିର୍ମାଣ କରାଯିବ । ସେପଟେ ରଥଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଛି । ରଥ ନିର୍ମାଣ ପାଇଁ ମୋଟ ୮୬୫ ଖଣ୍ଡ ରଥ କାଠର ଆବଶ୍ୟକ ଥିବାବେଳେ ଗତବର୍ଷ ୫୩ ଖଣ୍ଡ କାଠ ବଳକା ରହିଛି ।

# ବିଜେପି ବିରୋଧରେ ସିଇଓଙ୍କ ନିକଟରେ ଫେରାଦ ହେଲା ବିଜେଡି



**ଭୁବନେଶ୍ୱର, ୧୨/୦୫ ନ୍ୟୁଜ ବ୍ୟୁରୋ**

ଆଦର୍ଶ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିବାରେ ବିଜେପି ନୂଆ କୀର୍ତ୍ତିମାନ ସ୍ଥାପନ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ବିଜେଡି ଏଭଳି ଅଭିଯୋଗ କରିଛି । କେତେବେଳେ କୋମଳମତି ଶିଶୁଙ୍କୁ ବିଜେପି ନିର୍ବାଚନରେ ବ୍ୟବହାର କରୁଛି ତ ସରକାରୀ ଅଧିକାରୀଙ୍କୁ ବିଜେପି ନେତା ଧମକ ଦେଉଛନ୍ତି। ଏସବୁ ସମ୍ପର୍କରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ବିଜେଡି ଅବଗତ କରିଛି । ଶନିବାର ବିଜେପିର ଆସିକା ବିଧାୟକ ପ୍ରାର୍ଥୀ ସରୋଜ ପାଢ଼ୀ ଫ୍ଲାଇଂ ସ୍କ୍ୱାଡକୁ ନୂଆପାଲି ଛକରେ ଚେକିଂ କରିବାରେ ବାଧା ଦେବା ସହ ନିଜ କ୍ଷମତାର ଅପବ୍ୟବହାର କରିଥିଲେ। ଏ ସମ୍ପର୍କରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବିଜେପି ନେତାଙ୍କୁ ଏପରି କାମରୁ ନିବୃତ୍ତ ରଖିବାରୁ ପଦକ୍ଷେପ ନେବା ପାଇଁ ବିଜେଡି ଦାବି କରିଛି।

# ଭୋଟ୍ ପାଇଁ ପ୍ରସ୍ତୁତ ସ୍ୱାସ୍ଥ୍ୟ ବିଭାଗ : ପର୍ଯ୍ୟାପ୍ତ ଔଷଧ ସହ ମତଦାନ କେନ୍ଦ୍ରରେ ରହିବେ ସ୍ୱାସ୍ଥ୍ୟ ଅଧିକାରୀ

**ଭୁବନେଶ୍ୱର, ୧୨/୦୫ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଗ୍ରୀଷ୍ମପ୍ରବାହ ସ୍ଥିତି ଜାରି ରହିଥିବା ବେଳେ ସୋମବାର ପ୍ରଥମ ପର୍ଯ୍ୟାୟ ଭୋଟିଂ ହେବାକୁ ଯାଉଛି । ତେବେ ପାଗକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଇଛି । ମତଦାନ ପ୍ରକ୍ରିୟା ସମୟରେ କିଭଳି ଭାବେ ସ୍ୱାସ୍ଥ୍ୟଗତ ସମସ୍ୟା ସମ୍ପର୍କରେ ସ୍ଥିତିକୁ ନିୟନ୍ତ୍ରଣ କରାଯାଇପାରିବ ସେନେଇ ସ୍ୱାସ୍ଥ୍ୟ ବିଭାଗ ବ୍ୟାପକ ପ୍ରସ୍ତୁତି କରିଛି । ମତଦାନ କେନ୍ଦ୍ର ଗୁଡିକରେ ଆବଶ୍ୟକ ଜରୁରୀ ଔଷଧ ସହ ସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ରହିବା ପାଇଁ ସମସ୍ତ ବ୍ୟବସ୍ଥା ହୋଇଛି । ସୋମବାର ପ୍ରଥମ



ପର୍ଯ୍ୟାୟରେ ରାଜ୍ୟର ୪ଟି ସଂସଦୀୟ କ୍ଷେତ୍ର ଯଥା କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର ଓ ବ୍ରହ୍ମପୁର ଏବଂ ଏସବୁ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୨୮ଟି ବିଧାନସଭା ଆସନରେ ଭୋଟ୍ ଗ୍ରହଣ କରାଯିବ । ତେବେ ଏନେଇ ସମସ୍ତଙ୍କ ସ୍ୱାସ୍ଥ୍ୟଗତ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରତି ମତଦାନ କେନ୍ଦ୍ରରେ ଜଣେ ଲେଖାଁଏ ଡାକ୍ତର, ପାରାମେଡିକାଲ୍ କର୍ମଚାରୀ ନିୟୋଜିତ ହେବେ । ଏହା ସହ ପର୍ଯ୍ୟାପ୍ତ ପରିମାଣର ଆବଶ୍ୟକ ଜରୁରୀ ଔଷଧ ମଧ୍ୟ ମହଜୁଦ ରଖାଯିବ । ଭୋଟର ଏବଂ ପୋଲିଂ କର୍ମଚାରୀଙ୍କୁ ଅଂଶୁଘାତରୁ ରକ୍ଷା କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ଏହା ସହ ସେମାନେ କୌଣସି ସହଯୋଗ ପାଇଁ ଜରୁରୀକାଳୀନ କଲ୍ ମାଧ୍ୟମରେ ଯୋଗାଯୋଗ ମଧ୍ୟ କରିପାରିବେ । ଏନେଇ ଜଣେ ଆୟୁଷ ଡାକ୍ତର, ଜଣେ ପାରାମେଡିକାଲ୍ କର୍ମଚାରୀଙ୍କ ସମେତ ମୋବାଇଲ୍ ହେଲ୍ଥ ୟୁନିଟ୍ ମଧ୍ୟ କାର୍ଯ୍ୟ କରିବ । କଲ୍ ପାଇବା ମାତ୍ରେ ଏହି ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅବିଳମ୍ବେ ସ୍ୱାସ୍ଥ୍ୟସେବା ପ୍ରଦାନ କରିବ। ସମସ୍ତ ବ୍ଲକସ୍ତରରେ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ପ୍ରତ୍ୟେକ ମତଦାନ କେନ୍ଦ୍ରରେ ଜଣେ ଲେଖାଁଏ ଗ୍ରାମସ୍ତରର ସ୍ୱାସ୍ଥ୍ୟକର୍ମୀଙ୍କୁ ମଧ୍ୟ ନିୟୋଜିତ କରାଯିବ। ତେବେ ଆବଶ୍ୟକ ଲଜିଷ୍ଟିକ୍, ଓଆରଏସ ସମେତ ପାନୀୟ ଜଳ ଆଦି ମହଜୁଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସାଧାରଣ ନିର୍ବାଚନ ସୁପରିଚାଳନା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସୋମବାର ସକାଳୁ ଭୋଟିଂ ଆରମ୍ଭ ହେବାକୁ ଥିବା ବେଳେ ସମସ୍ତ ପ୍ରଶାସନିକ ପ୍ରସ୍ତୁତି ପ୍ରାୟତଃ ଶେଷ ହୋଇସାରିଛି । ପୋଲିଂ ଅଧିକାରୀମାନେ ଏବେ ବିଭିନ୍ନ ମତଦାନ କେନ୍ଦ୍ରରେ ପହଞ୍ଚି ସାରିଛନ୍ତି। ସୁରକ୍ଷାକର୍ମୀମାନେ ମଧ୍ୟ କେନ୍ଦ୍ରରେ ପହଞ୍ଚିଛନ୍ତି ।

# ଘରେ ପହଞ୍ଚୁ ନବୀନଙ୍କ ବିକାଶ ବାର୍ତ୍ତା: ପ୍ରଣବ

**ଜମନକିରା/କୁଚିଣ୍ଡା, ୧୨।୫ ନ୍ୟୁଜ ବ୍ୟୁରୋ**

ସମ୍ବଲପୁର ଲୋକସଭା ଅଧୀନ କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସବୁ କର୍ମୀ ସମାବେଶରେ ଦଳର ସାଙ୍ଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ବିଜେଡି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ଦଳର କର୍ମକର୍ତ୍ତାମାନଙ୍କ ଉତ୍ସାହ ବଢାଇଥିଲେ। ସେ କହିଥିଲେ ସମ୍ବଲପୁର ବର୍ତ୍ତମାନ ରାଜ୍ୟ ରାଜନୀତିର ହଟ୍‌ସ୍ପଟ୍ ପାଲଟିଛି। ଏହି ଆସନ ହାତେଇବାକୁ ବିରୋଧୀ ମିଛ ପ୍ରତିଶ୍ରୁତିର ସାହାରା ନେଉଛନ୍ତି। କିନ୍ତୁ ଆମେ ରାଜ୍ୟ ସରକାରଙ୍କ ବିକାଶ କାମର ତାଲିକା ନେଇ ଭୋଟରଙ୍କ ପାଖକୁ ପହଞ୍ଚୁଛୁ। ମୁଖ୍ୟମନ୍ତ୍ରୀ ଦେଇଥିବା ବିକାଶ ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବୁ ବୋଲି କହିଥିଲେ ପ୍ରଣବ। କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ବାମରା ବ୍ଲକର କର୍ମୀମାନଙ୍କୁ ନେଇ କେଶେଇବାହାଲଠାରେ ଏକ କର୍ମୀ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏହି ଅବସରରେ ପ୍ରଣବ ପ୍ରକାଶ କହିଥିଲେ ମୁଖ୍ୟମନ୍ତ୍ରୀ ଆଗାମୀ ୧୨ ବର୍ଷ ମଧ୍ୟରେ ଓଡ଼ିଶାକୁ ନମ୍ବର ୱାନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ତେଣୁ ବିଜେଡି ଇସ୍ତାହାରରେ ସମସ୍ତ ବର୍ଗର ଲୋକଙ୍କ ଉନ୍ନତି ପାଇଁ ଯୋଜନା ରଖାଯାଇଛି। ଯୁବବର୍ଗଙ୍କ ଉନ୍ନତି ପାଇଁ ସ୍ୱତନ୍ତ୍ର ଭାବେ ବଜେଟ ପ୍ରସ୍ତୁତ କଥା



ହେଉ କି ମହିଳାମାନଙ୍କୁ ୧୦ଲକ୍ଷ ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ, ସମସ୍ତ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ କରି ଏକ ବିକଶିତ ଓଡ଼ିଶା ଗଠନ ପ୍ରତି ଦୃଷ୍ଟି ଦିଆଯିବ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡା, ଗମନାଗମନ, ପରିବହନ ଏଭଳି ଅନେକ କିଛି ଯୋଜନା ଓ ପ୍ରକଳ୍ପର ସମ୍ଭାର ଭେଟିଦେବେ ନବୀନ ପଟ୍ଟନାୟକ। ସେହିଭଳି ବିଏସ୍‌କେୱାଇ କାର୍ଡ ଓଡ଼ିଶାବାସୀଙ୍କ ପାଇଁ ବରଦାନ ସାବ୍ୟସ୍ତ ହୋଇଛି। କଲେଜ ଛାତ୍ରୀଛାତ୍ରଙ୍କୁ ନୂଆ ଓ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ଏହି ସବୁ ଯୋଜନାକୁ ଆପଣମାନଙ୍କୁ ପ୍ରତି ଲୋକଙ୍କ ପାଖକୁ ପହଞ୍ଚାଇବାକୁ ପଡିବ ବୋଲି କହିଥିଲେ। ଅପରପକ୍ଷେ ଭାଜପା ସରକାର ଯାହା କହନ୍ତି ତା’ର ଓଲଟା କରନ୍ତି। ଗତ ନିର୍ବାଚନରେ ପ୍ରତି ଆକାଉଣ୍ଟରେ ୧୫ ଲକ୍ଷ ଟଙ୍କା ଦେବାକୁ କହିଥିଲେ। କୃଷିବୀମା କଥା କହିଥିଲେ କିନ୍ତୁ କିଛି ବି ମିଳୁନି। ତେଣୁକରି ସମୟ ଆସିଛି ବର୍ତ୍ତମାନ ସେହି ନେତାଙ୍କୁ ଉଚିତ ଜବାବ ଦେବା। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧି ଜୁନ ୧୦ରେ ଭାଜପା ଶପଥ ଗ୍ରହଣ ଉତ୍ସବକୁ ପ୍ରଧାନମନ୍ତ୍ରୀଙ୍କ ନିମନ୍ତ୍ରଣ ପ୍ରସଙ୍ଗରେ ପ୍ରଶ୍ନ ପଚାରିଥିଲେ। ଏହାର ଉତ୍ତରଦେଇ ପ୍ରଣବ ପ୍ରକାଶ କହିଥିଲେ ମୁଖ୍ୟମନ୍ତ୍ରୀ କହିସାରିଛନ୍ତି, ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ବି କହିସାରିଛନ୍ତି, ଜୁନ ୯ରେ ବିଜେଡି ସରକାରର ଶପଥ ଗ୍ରହଣ ଉତ୍ସବ ହେବ। ଆମେ ମୋଦିଜୀଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ନିମନ୍ତ୍ରଣ କରିବୁ ବୋଲି ପ୍ରଣବ କହିଥିଲେ। କେସେଇବାହାଲ କାର୍ଯ୍ୟକ୍ରମ ପରେ କୁଚିଣ୍ଡା ବ୍ଲକ କର୍ମକର୍ତ୍ତାଙ୍କ ସମ୍ମିଳନୀରେ ପହଞ୍ଚି ଥିଲେ ପ୍ରଣବ ପ୍ରକାଶ। ବକ୍ସମା ଫୁଟବଲ ପଡିଆରେ ଆୟୋଜିତ କର୍ମୀ ସମ୍ମିଳନୀରେ ପ୍ରଣବ ଯୋଗଦେଇ ନବୀନ ପଟ୍ଟନାୟକ ସରକାରରେ ହୋଇଥିବା ବିକାଶମୂଳକ କାମର ତାଲିକା ନେଇ ଭୋଟରଙ୍କ ପାଖକୁ ଯିବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ସମାବେଶରେ କୁଚିଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଛତ୍ରିଆ, କୁଚିଣ୍ଡା ଓ ଦେବଗଡ଼ ବିଧାନସଭା ଦାୟିତ୍ୱରେ ଥିବା ସଞ୍ଜିତ ମହାନ୍ତିଙ୍କ ସମେତ ବହୁସଂଖ୍ୟକ କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ।

# ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବାର ବ୍ୟବସ୍ଥା ନାହିଁ



**ଭୁବନେଶ୍ୱର, ୧୨/୦୫ ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ମୋଦି ସରକାରଙ୍କ ବିରୋଧରେ ଯାହା ଯାହା ଅଭିଯୋଗ ବାଢ଼ିଥିଲେ ରବିବାର ସାମ୍ବାଦିକ ସମ୍ମିଳନୀରେ ତା’ର ଜବାବ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ କହିଛନ୍ତି, ‘ମୁଖ୍ୟମନ୍ତ୍ରୀ ଅଭିଯୋଗ କରିଛନ୍ତି, ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ସଙ୍ଗୀତ ଘୋଷଣା କରିବାକୁ ସେ ଦୁଇ ଦୁଇ ଥର କେନ୍ଦ୍ରକୁ ଚିଠି ଲେଖିଛନ୍ତି। ହେଲେ କେନ୍ଦ୍ର ସରକାର ଶୁଣିନାହାଁନ୍ତି। ଏହା କହିବା ମୁଖ୍ୟମନ୍ତ୍ରୀଙ୍କର ଅଜ୍ଞତାକୁ ପଦାରେ ପକାଇଛି। କାରଣ, କୌଣସି ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବା ନେଇ କୌଣସି ବ୍ୟବସ୍ଥା ନାହିଁ। ୨୦୧୪ରେ ଓଡ଼ିଆ ଭାଷା ଓ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ମିଳିବା ପରେ ଏହା ଆପେ ଆପେ ଶାସ୍ତ୍ରୀୟ ମାନ୍ୟତା ପାଇସାରିଛି। ଓଡ଼ିଆ ଭାଷା ଓ ସଂସ୍କୃତିର ବିକାଶ ଓ ଗବେଷଣା ପାଇଁ କେନ୍ଦ୍ର ପକ୍ଷରୁ ୩୪୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ‘କେବଳ ଏତିକି ନୁହେଁ ୨୦୧୫ ଏପ୍ରିଲରେ ନବକଳେବର ପାଇଁ ଖୋଦ୍ ପ୍ରଧାନମନ୍ତ୍ରୀ ୫୦ କୋଟି ଟଙ୍କା ରାଜ୍ୟ ଟ୍ରେଜେରିରେ ଜମା କରିଦେଇଥିଲେ। ଏହା ତାଙ୍କର ମହାପ୍ରଭୁଙ୍କ ପ୍ରତି ଏକ ସେବା ବୋଲି କହିଥିଲେ। ଏହା ପରେ ବି ମୁଖ୍ୟମନ୍ତ୍ରୀ ମୋଦିଙ୍କର ଓଡ଼ିଶା ପ୍ରତି ପ୍ରତିବଦ୍ଧତା ନାହିଁ ବୋଲି କହୁଛନ୍ତି। ଏହା ବାସ୍ତବରେ ଲଜ୍ଜାଜନକ କଥା ବୋଲି କହିଛନ୍ତି ଧର୍ମେନ୍ଦ୍ର ପ୍ରଧାନ।

# ଲକ୍ଷାଧିକ ଟଙ୍କାର ବ୍ରାଉନସୁଗାର ଜବତ : ୨ ଗିରଫ

**ଭଦ୍ରକ, ୧୨/୦୫ ନ୍ୟୁଜ ବ୍ୟୁରୋ**

ନିର୍ବାଚନ ପୂର୍ବରୁ ଅବକାରୀ ବିଭାଗର ଧରପଗଡ । ଭଦ୍ରକ ବାଗୁରାଇ ମେଡିକାଲ ନିକଟରେ ପାଟ୍ରୋଲିଂ ବେଳେ ୩୭ ଗ୍ରାମ୍ ବ୍ରାଉନସୁଗାର ସମେତ ୧୨ ହଜାର ଟଙ୍କା ଜବତ କରାଯାଇଛି । ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଗୋଟିଏ ସ୍କୁଟି ଜବତ ହୋଇଛି । ଜବତ ବ୍ରାଉନସୁଗାର ଓ ସ୍କୁଟିର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ନିର୍ବାଚନକୁ ଦୃଷ୍ଟିରେ ରଖି ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ବିଭିନ୍ନ ସ୍ଥାନରେ ହେଉଥିବା ବେଆଇନ ନିଶାଦ୍ରବ୍ୟ କାରବାର ଉପରେ କଡାକଡି ନଜର ରଖିବା ପାଇଁ ଅବକାରୀ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ନରୋତ୍ତମ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଧରପଗଡ ଜାରି ରହିଛି । ଅବକାରୀ ନିରୀକ୍ଷକ ପ୍ରଶାନ୍ତ କୁମାର ମହାନ୍ତି ଏବଂ ଭଦ୍ରକ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀକାନ୍ତ ମୁର୍ମୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢଉ କରାଯାଉଛି । ଏହି କ୍ରମରେ ଭଦ୍ରକ ସହରାଞ୍ଚଳ ଥାନା ଅନ୍ତର୍ଗତ ବାଗୁରାଇ ମେଡିକାଲ ନିକଟରେ ପାଟ୍ରୋଲିଂ କରୁଥିବା ସମୟରେ ବିଶେଷ ସୂତ୍ରରୁ ଖବର ପାଇ, ସେହି ବାଟ ଦେଇ ଆସୁଥିବା ଗୋଟିଏ ସ୍କୁଟିକୁ ଯାଞ୍ଚ କରିଥିଲେ ଅବକାରୀ ବିଭାଗ ଟିମ୍ । ତନଖି ସମୟରେ ସେହି ସ୍କୁଟିରୁ ୩୭ ଗ୍ରାମ୍ ବ୍ରାଉନସୁଗାର ସମେତ ୧୨ ହଜାର ଟଙ୍କା ଜବତ କରିଥିଲା ଅବକାରୀ ବିଭାଗ । ଏଥିସହ ଘଟଣାରେ ସମ୍ପୃକ୍ତ ସହରାଞ୍ଚଳ ଥାନା ଅନ୍ତର୍ଗତ ନରିପୁର ଗ୍ରାମର ଗୀତାରାଣୀ ବେହେରା ଏବଂ ପ୍ରଶାନ୍ତ ବେହେରାଙ୍କୁ ଗିରଫ କରାଯାଇଛି । ଏନେଇ ଭଦ୍ରକ ଅବକାରୀ ଥାନା ପକ୍ଷରୁ କେସ ନଂ ୩୩/ ୨୪-୨୫ ଆଧାରରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ସୁରକ୍ଷାବାହିନୀକୁ ବଡ଼ ସଫଳତା : ୧୩୧ ଦିନରେ ନିପାତ ହେଲେଣି ୧୦୩ ମାଓବାଦୀ

**ମାଲକାନଗିରି, ୧୨/୦୫ ନ୍ୟୁଜ ବ୍ୟୁରୋ**

ସୁରକ୍ଷାବାହିନୀକୁ ବଡ଼ ସଫଳତା ମିଳିଛି। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ମାଓବାଦୀ ଓ ପୁଲିସ ମଧ୍ୟରେ ବଡ଼ଧରଣର ଗୁଳିବିନିମୟ ହୋଇଛି। ଏଥିରେ ୧୨ ଜଣ ମାଓବାଦୀ ନିହତ ହୋଇଛନ୍ତି। ସମସ୍ତଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏହି ସଂଘର୍ଷରେ ଏସ୍‌ଟିଏଫ୍ ଏବଂ ଡିଆରଜିର ୨ ଜଣ ଯବାନ ମଧ୍ୟ ଆହତ ହୋଇଛନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳରେ ତଲାସୀ ଅଭିଯାନ ଜାରି ରହିଛି। ସୂଚନାଯୋଗ୍ୟ ଯେ ଏହାକୁ ମିଶାଇ ଚଳିତ ବର୍ଷ ଏ ପର୍ଯ୍ୟନ୍ତ ୧୩୧ ଦିନ ମଧ୍ୟରେ ୧୦୩ ମାଓବାଦୀ ନିପାତ ହେଲେଣି।

ସୂଚନା ଅନୁଯାୟୀ, ଛତିଶଗଡ଼ ବିଜାପୁର ଜିଲ୍ଲାର ଗାଙ୍ଗାଲୁର ଥାନା ଅନ୍ତର୍ଗତ ପିଡ଼ିଆ ଅଞ୍ଚଳର ଏକ ଜଙ୍ଗଲରେ ଦୁର୍ଦ୍ଦାନ୍ତ ମାଓବାଦୀ ଲିଙ୍ଗା, ପାପାରାଓ ୧୦୦ରୁ ଊର୍ଦ୍ଧ୍ୱ ସମର୍ଥକଙ୍କ



ସହ ଏକ ବୈଠକ କରୁଥିବା ନେଇ ଗୁଇନ୍ଦା ବିଭାଗକୁ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା। ମାଓବାଦୀମାନେ ବଡ଼ଧରଣର ହିଂସାକାଣ୍ଡ ଭିଆଇବା ସହ ଆଗାମୀ ୧୩ ତାରିଖ ଦିନ ଓଡ଼ିଶା ସୀମାନ୍ତରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ମଧ୍ୟ ଟାର୍ଗେଟ କରି ବାଧା ସୃଷ୍ଟି ପାଇଁ ରଣନୀତି ପ୍ରସ୍ତୁତ କରୁଥିବା ନେଇ ଠୋସ୍ ସୂଚନା ପାଇବା ପରେ ତିନି ଜିଲ୍ଲା ବିଜାପୁର, ଦାନ୍ତେୱାଡ଼ା, ସୁକମାର ଫୋର୍ସ ମିଳିତ ଅଭିଯାନ ଆରମ୍ଭ କରିଥିଲେ। ଡିଆରଜି, ଏସ୍‌ଟିଏଫ ଏବଂ ସିଆରପିଏଫ୍‌ର କୋବ୍ରା ବାଟାଲିୟନ ସମେତ ୧୨୦୦ରୁ ଊର୍ଦ୍ଧ୍ୱ ଯବାନ ସକାଳୁ ଅଞ୍ଚଳକୁ ଘେରି ରଖିଥିଲେ। ଦୀର୍ଘ ସମୟର ତଲାସୀ ଅଭିଯାନ ପରେ ଯବାନମାନେ ମାଓକ୍ୟାମ୍ପ ନିକଟତର ହେଉଥିବାବେଳେ ମାଓବାଦୀମାନେ ଯବାନଙ୍କୁ ଦେଖି ଗୁଳିମାଡ଼ କରିଥିଲେ। ପରେ ଯବାନମାନେ ମଧ୍ୟ ପାଲଟା ଆକ୍ରମଣ କରିଥିଲେ। ଉଭୟ ପକ୍ଷ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳିବିନିମୟ ଜାରି ରହିଥିଲା। ମାଓବାଦୀମାନେ ଲୁଚି ପଳାଇବାକୁ ପ୍ରୟାସ କରୁଥିବା ସତ୍ତ୍ୱେ ସୁରକ୍ଷାକର୍ମୀ ମାଓକ୍ୟାମ୍ପକୁ ଘେରାବନ୍ଦୀ କରି ତଲାସୀ ଅଭିଯାନକୁ ଜୋରଦାର କରିଥିଲେ। ଅଧିକାରୀଙ୍କ ସୂଚନା ଅନୁଯାୟୀ ମାଓବାଦୀଙ୍କ ପଶ୍ଚିମ ଡିଭିଜନ କମିଟି ସହ ଯବାନଙ୍କ ସଂଘର୍ଷ ହୋଇଥିଲା। ଡିଆଇଜି କମଲଲୋଚନ କଶ୍ୟପ କହିଛନ୍ତି ଯେ ମାଓବାଦୀମାନେ ବିଜିଏଲ୍ ମାଡ଼ କରିଥିଲେ। ଜଣେ ଯବାନ ଏହା ସଂସ୍ପର୍ଶରେ ଆସି ଯାଇଥିଲେ। ସେହିପରି ଅନ୍ୟ ଜଣେ ଯବାନ ଆଇଇଡି ବିସ୍ଫୋରଣରେ ଆହତ ହୋଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ତଲାସୀ ଅଭିଯାନ ଜାରି ରହିଥିବାରୁ କେତେ ମାଓବାଦୀ ନିପାତ ହୋଇଛନ୍ତି ତାହାର ପ୍ରକୃତ ତଥ୍ୟ ଜଣାପଡିନାହିଁ। ଟିମ୍ ଫେରିବା ପରେ ସଠିକ୍ ସୂଚନା ଦିଆଯିବ ବୋଲି ସେ କହିଛନ୍ତି।

## ଚିଲିକା କୂଳରେ ବିରଳ ପ୍ରଜାତିର ‘ଇରାୱାଡି ଡ଼ଲ୍‌ଫିନ୍’ ମୃତ

**ଖୋର୍ଦ୍ଧା, ୧୨/୦୫ ନ୍ୟୁଜ ବ୍ୟୁରୋ**

ମରାଳ ମାଳିନୀ ଚିଲିକା କୂଳରେ ରବିବାର ଅପରାହ୍ଣରେ ଏକ ବିରଳ ପ୍ରଜାତିର ‘ଇରାୱାଡି ଡଲ୍‌ଫିନ୍’ର ମୃତଦେହ ଉଦ୍ଧାର ହୋଇଛି। ସୂଚନା ଅନୁସାରେ ବାଲୁଗାଁ ନିକଟ ଗୋପବନ୍ଧୁ କଲୋନିରେ ପ୍ରାୟ ୩୫କିଲୋ ଓଜନ ଓ ୪ ଫୁଟ୍ ଲମ୍ବର ମୃତ ଡଲ୍‌ଫିନ୍ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ସେମାନେ ଏନେଇ ବନ ବିଭାଗର କର୍ମଚାରୀଙ୍କୁ ଖବର ଦେଇଥିଲେ। ସୂଚନା ପାଇ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ (ଡିଏଫଓ) ଅମ୍ଲାନ ନାୟକ ଓ ବନ ବିଭାଗର ଅନ୍ୟ କର୍ମଚାରୀମାନେ ପହଞ୍ଚି ଥିଲେ। ବନ ବିଭାଗ ଡଲ୍‌ଫିନ୍‌ର ମୃତଦେହ ଜବତ କରିଛି। ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଶ୍ରୀ ନାୟକ ଗଣମାଧ୍ୟମକୁ କହିଛନ୍ତି। ସୂଚନା ଅନୁସାରେ ବିଭିନ୍ନ କାରଣରୁ ଚିଲିକାର ଅନେକ ସ୍ଥାନରେ ଅତୀତରେ ମଧ୍ୟ ମୃତ ଡଲ୍‌ଫିନ୍ ଉଦ୍ଧାର ହୋଇଛି। ବାରମ୍ବାର ଏହିଭଳି ଘଟଣା ମିଳୁଥିବାରୁ ବନ ବିଭାଗ ଓ ପରିବେଶବିତ୍‌ଙ୍କ ଚିନ୍ତା ବଢ଼ିବାରେ ଲାଗିଛି।

# ଖୋଲିପାରୁନି ସୁନା ସ୍ମଗଲିଂ ଗୁମର: ଧରାପଡ଼ୁନ୍ତି ବାହକ, ଛପିଯାଆନ୍ତି ଖଳନାୟକ

**ଭୁବନେଶ୍ୱର, ୧୨/୦୫ ନ୍ୟୁଜ ବ୍ୟୁରୋ**

ବିଦେଶରୁ ସୁନା ସ୍ମଗଲିଂ କିଛି ନୂଆ କଥା ନୁହେଁ। ଏହି କଳା କାରବାର ବହୁ ପୁରୁଣା। ବିଦେଶରୁ କମ୍ ମୂଲ୍ୟରେ ସୁନା କିଣି ଭାରତ ବଜାରରେ ବିକ୍ରି କରି ସ୍ମଗଲରମାନେ ବିପୁଳ ଅର୍ଥ ଉପାର୍ଜନ କରନ୍ତି। ଚୋରା ଚାଲାଣ ବଳରେ ଟିକସ ଫାଙ୍କି ସ୍ମଗଲରମାନେ ଲାଭବାନ ହୁଅନ୍ତି। ସ୍ମଗଲରମାନଙ୍କୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସହଯୋଗ କରନ୍ତି ଭାରତୀୟ ସୁନା ବ୍ୟବସାୟୀ। ସ୍ମଗଲରମାନଙ୍କଠାରୁ କମ୍ ଦରରେ ସୁନା କିଣି ସୁନା ବ୍ୟବସାୟୀମାନେ ଭାରତୀୟ ବଜାର ଦରରେ ବିକି ବିପୁଳ ଲାଭ ପାଇଥା’ନ୍ତି। ସୁନା ସ୍ମଗଲିଂ ରୋକିବାକୁ ଭାରତରେ କଷ୍ଟମସ୍ ବିଭାଗଠାରୁ ଆରମ୍ଭ କରି ରେଭେନ୍ୟୁ ବିଭାଗ ପର୍ଯ୍ୟନ୍ତ ବହୁ ସଂସ୍ଥା ରହିଛି। ବନ୍ଦର କି ବିମାନବନ୍ଦର ହେଉ କିମ୍ବା ସ୍ଥଳପଥ ହେଉ, ସବୁଠାରେ ଯାଞ୍ଚ କରିବାକୁ ବ୍ୟବସ୍ଥା ରହିଛି। ସୁନା ନେଇ ଆସୁଥିବା ବାହକମାନେ ବି ଧରାପଡୁଛନ୍ତି। ପୁଳାପୁଳା ସୁନା ଜବତ କରାଯାଉଛି ଏବଂ ସରକାରୀ ଟ୍ରେଜେରିରେ ଜମା ରହୁଛି। କିନ୍ତୁ ଚୋରା ଚାଲାଣର ଅସଲ ନାୟକମାନଙ୍କ ମୁଖା ଖୋଲିପାରୁନି। ନା ଚୋରା ସୁନା କିଣୁଥିବା ବ୍ୟବସାୟୀ ଧରାପଡ଼ୁନ୍ତି ନା ଚାଲାଣର କିଙ୍ଗପିନ୍ ଗିରଫ ହୁଅନ୍ତି। ବିଭିନ୍ନ ତଦନ୍ତକାରୀ ସଂସ୍ଥାର ହାତ ସେମାନଙ୍କ ପର୍ଯ୍ୟନ୍ତ ପହଞ୍ଚିପାରେ ନାହିଁ। ସୁନା ସ୍ମଗଲିଂର ଅସଲ ଗୁମର ସେମିତି ଗୁମର ହୋଇ ରହିଯାଏ।

ନିକଟରେ ସୁନା ଜବତ ଘଟଣାକୁ ନମୁନା ଭାବେ ନିଆଯାଇପାରେ। ଗତ ୬ ତାରିଖ ଦିନ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ୪ ସ୍ମଗଲର ଧରାପଡ଼ିଥିଲେ। ମଳଦ୍ୱାର ଭିତରେ ପାଖାପାଖି ୩ କେଜି ସୁନା ଲୁଚାଇ ଆଣୁଥିବା ବେଳେ ଡିରେକ୍ଟୋରେଟ୍ ଅଫ୍ ରେଭେନ୍ୟୁ ଇଣ୍ଟେଲିଜେନ୍‌ସ



(ଡିଆରଆଇ) ହାତରେ ଧରାପଡ଼ିଥିଲେ। ଏହି ସୁନା ଦୁବାଇରୁ ଓଡ଼ିଶା ଦେଇ ମାଳଦ୍ୱୀପ ଯାଇଥାଆନ୍ତା ବୋଲି ତଦନ୍ତରୁ ଜଣାପଡ଼ିଥିଲା। କିନ୍ତୁ ପ୍ରକୃତରେ ମାଳଦ୍ୱୀପ ଯାଇଥାଆନ୍ତା କି ଭାରତର ଅନ୍ୟ କେଉଁ ସହରକୁ ଚାଲାଣ ହେଉଥିଲା, ତାହା ଅସ୍ପଷ୍ଟ। କାରଣ ଧରାପଡ଼ିଥିବା ଚାଲାଣକାରୀ ଯେ ପ୍ରକୃତ ସତ କହିଥିବେ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥାଏ। ସେହିପରି ଏପ୍ରିଲ ୧୮ ତାରିଖରେ ବ୍ୟାଙ୍କକ୍‌ରୁ ଆସିଥିବା ଜଣେ ମରାଠିଙ୍କ ମଳଦ୍ୱାରରୁ ୧ କେଜି ସୁନା ମିଳିଥିଲା। ଓଡ଼ିଶା ଦେଇ ସେ ମହାରାଷ୍ଟ୍ର ପୁନେକୁ ଚାଲାଣ କରୁଥିବା ଜଣାପଡ଼ିଥିଲା। କିନ୍ତୁ କଷ୍ଟମସ୍ ବିଭାଗ ଭୁବନେଶ୍ୱର ବିମାନବନ୍ଦରରେ ତାକୁ ଧରିଥିଲେ। ଏହି ସୁନା ମୁମ୍ବାଇକୁ ଆସୁଥିଲା ବୋଲି ସ୍ପଷ୍ଟ ହୋଇଥିଲେ ବି ସେ ବ୍ୟବସାୟୀ କିଏ, ତାହା ଆଜି ବି ଜଣାପଡ଼ିନାହିଁ। ସେହିପରି ମାର୍ଚ୍ଚ ୩୦ରେ କଟକ ମଙ୍ଗୁଳି ଟୋଲ୍‌ପ୍ଲାଜା ନିକଟରେ ଏକ କାର୍‌କୁ ଧରିଥିଲା ଡିଆରଆଇ। କାର୍‌ରୁ ପ୍ରାୟ ସାଢ଼େ ୬ କୋଟି ଟଙ୍କାର ସୁନା ଜବତ ହୋଇଥିଲା ଏବଂ ୨ ଜଣଙ୍କୁ ଗିରଫ କରାଯାଇଥିଲା। ସୁନା ଓ ଗାଡ଼ି ଜବତ ହେଲା, ଚାଲାଣକାରୀ ଗିରଫ ହେଲେ, ମାତ୍ର ଅସଲ ଖଳନାୟକ କିଏ ଜଣାପଡ଼ିଲା ନାହିଁ। ୨୦୧୯ରୁ ୨୦୨୩ ମସିହାର ସମସ୍ତ ଘଟଣାକୁ ଦେଖିଲେ, ଏହା ସ୍ପଷ୍ଟ ଯେ କୋଟିକୋଟି ଟଙ୍କାର ସୁନା ଜବତ ହେଉଛି, ଚାଲାଣକାରୀ ବା ବାହକ ଗିରଫ ହୋଇ ଜେଲ୍ ଯାଉଛନ୍ତି, କିନ୍ତୁ ମାଷ୍ଟରମାଇଣ୍ଡ ଧରାପଡୁନାହାନ୍ତି । ଅସଲ ସ୍ମଗଲରମାନେ କାହିଁକି ଧରାପଡ଼ୁନ୍ତି ନାହିଁ, ସେ ବାବଦରେ କୌଣସି ତଦନ୍ତକାରୀ ସଂସ୍ଥାରୁ ମଧ୍ୟ କିଛି ସୂଚନା ମିଳେନାହିଁ। ତେଣୁ ସାଧାରଣରେ ସୁନା ସ୍ମଗଲିଂକୁ ନେଇ ପ୍ରଶ୍ନବାଚୀ ଆଜି ବି ରହିଛି।

**ଏବେ ବଜାରରେ ଉପଲବ୍ଧ...**

**‘କଥାକଳିକା’ର ମେ’ ମାସ ସଂଖ୍ୟା, ୨୦୨୪**




**ଏଥର ସଂଖ୍ୟାରେ...**

**ସ୍ମରଣୀୟ କଥା :** ବରଦା ପ୍ରସନ୍ନ ଦାସ
**ସମକାଳର କଥା :** ପୁଷ୍ପାଞ୍ଜଳି କର, ଶଶିଭୂଷଣ ମହାନ୍ତି, ପ୍ରଭାତ ସିହ୍ନା, ବିଜନବାଳା ପାଟଯୋଶୀ, ଗଙ୍ଗାଧର ବିଶ୍ୱାଳ, ସନ୍ତୋଷୀ ସ୍ୱାଇଁ।
**ଅନ୍ୟଭାଷାର କଥା :** ସାରଦା ରଥ।
**ଯୁବ ମାନସର କଥା :** କ୍ଷୀରୋଦ ବିହାରୀ ବିଶ୍ୱାଳ, କିରଣ ମିଶ୍ର, ଦୀପକ କୁମାର ମହାନ୍ତି, ରଜନୀକାନ୍ତ ମିଶ୍ର, ବିଧ୍ୟାଧର ଗୁରୁ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣସ୍ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

| | |
|---|---|
| ଯୋଗାଯୋଗ କରନ୍ତୁ<br>ପ୍ରସାର ପରିଚାଳକ ‘କଥାକଳିକା’<br>କୋଡ୍ ନଂ - (୦୬୭୪)<br>୨୫୪୧୪୪୮, ୨୫୪୫୦୪୬,<br>ଫାକ୍ସ : ୨୫୪୫୬୬୮<br>E-mail: kathakalika@gmail.com | ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।<br>‘ସମ୍ବାଦ କଳିକା’ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।<br>କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ) |